## ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍-୨୦୨୬ ଜାପାନକୁ ହରାଇ ସେମିରେ ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00



E-mail : sambadkalikanews@gmail.com



● ବର୍ଷ–୩୩ ● ସଂଖ୍ୟା–୧୩୭ ● ୧୭ ଜୁନ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-137 ● 17th June 2026, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27







### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତର ସୁରକ୍ଷା ଓ ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଅନେକ ମେଗା ପ୍ରକଳ୍ପର ହେବ ଶିଳାନ୍ୟାସ ଓ ଉଦ୍‌ଘାଟନ

ଭୁବନେଶ୍ୱର, ୧୬।୬

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ସଫଳ ୨ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୧୯ ଓ ୨୦ ତାରିଖରେ ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ହାଇପ୍ରୋଫାଇଲ୍ ଗସ୍ତକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଗୃହ



ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ବ୍ଲୁ-ପ୍ରିଣ୍ଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷ କରି ମେଗା ସାଧାରଣ ସଭା ଏବଂ ଭିଭିଆଇପି ମାନଙ୍କ ଗମନାଗମନ ସମୟରେ ଯେପରି କୌଣସି ତ୍ରୁଟି ନରହେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ଅନୁଯାୟୀ, ଆସନ୍ତା ଜୁନ୍ ୧୯ (ପୃଷ୍ଠା ୭ରେ)

## ମୋଦୀ-ଟ୍ରମ୍ପଙ୍କ ସାକ୍ଷାତ ଉପରେ ବିଶ୍ୱର ନଜର

ନୂଆଦିଲ୍ଲୀ, ୧୬।୬

ଏଭିଆନ-ଲେସ-ବାନ୍ସ ସହରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ଜି-୭ ସମ୍ମିଳନୀ। ଚଳିତ ବର୍ଷର ସମ୍ମିଳନୀ ଏକ ଅତ୍ୟନ୍ତ ଜଟିଳ ଏବଂ ସମ୍ବେଦନଶୀଳ ଭୂ-ରାଜନୈତିକ ସ୍ଥିତି ମଧ୍ୟରେ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀ ଅବସରରେ ମଙ୍ଗଳବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଦୀର୍ଘ ୧୬ ମାସ ପରେ ସାକ୍ଷାତ ହୋଇଛି। ଉଭୟ ନେତା ହାତ ମିଳାଇ ପରସ୍ପରକୁ ସ୍ୱାଗତ କରିଛନ୍ତି। ସମ୍ମିଳନୀର ଗ୍ରୁପ୍ ଫଟୋରେ ପ୍ରଧାନମନ୍ତ୍ରୀ ମୋଦୀ, ରାଷ୍ଟ୍ରପତି ଟ୍ରମ୍ପ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏକାଠି ଆଗ ଧାଡ଼ିରେ ଠିଆ ହୋଇଥିବା ଦେଖିବାକୁ ମିଳିଛି।

ଏହି ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ହେବାକୁ ଥିବା ଦ୍ୱିପାକ୍ଷିକ ବୈଠକରେ ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ଏବଂ ଶୁଳ୍କ ହ୍ରାସ (ପୃଷ୍ଠା ୭ରେ)



### ଖୁବ୍ ଶୀଘ୍ର ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯିବ ଭତ୍ତା ଟଙ୍କା : ମନ୍ତ୍ରୀ

ଭୁବନେଶ୍ୱର, ୧୬।୬

ନ୍ୟୁଜ୍ ବ୍ୟୁରୋ

ଭତ୍ତା ଟଙ୍କା ନପାଇ ଚିନ୍ତାରେ ଥିବା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଖୁବ୍ ଶୀଘ୍ର ଭତ୍ତା ଟଙ୍କା ଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଆଉ କିଛି ଦିନ ପରେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ମିଳିବ । ସଫ୍ଟୱେୟାରରେ କିଛି ତ୍ରୁଟି ରହିଯାଇଛି, ତାକୁ ସଂଶୋଧନ କରାଯାଉଛି। ଏଥିପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ। ଅଳ୍ପ ଦିନ ମଧ୍ୟରେ ସମସ୍ତ ହିତାଧିକାରୀଙ୍କ ଖାତାକୁ ଭତ୍ତା ଟଙ୍କା ଯିବ।

## ଚାମେଲି ଓଝା ମାମଲା: କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସ୍‌ପିଙ୍କଠାରୁ ରିପୋର୍ଟ ତଲବ କଲେ ଏନଏଚଆରସି

ନୂଆଦିଲ୍ଲୀ, ୧୬।୬

କେନ୍ଦ୍ରାପଡ଼ା ଜିଲ୍ଲାର ତିଖିରି ଗ୍ରାମ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ କେନ୍ଦ୍ର କରି ଉଠିଥିବା ବିବାଦୀୟ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ଗୁରୁତ୍ୱ ପ୍ରଦର୍ଶନ କରିଛନ୍ତି। ମାମଲାର ସତ୍ୟାସତ୍ୟ ଅନୁଧ୍ୟାନ ଏବଂ ଘଟଣାର ପ୍ରକୃତ ଚିତ୍ର ସମ୍ପର୍କରେ ଅବଗତ ହେବା ପାଇଁ ଆୟୋଗ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ ଜିଲ୍ଲା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ (ଏସ୍‌ପି)ଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି।

ଏନଏଚଆରସି ଘଟଣାର ନିରପେକ୍ଷ ଏବଂ ସଠିକ୍ ତଦନ୍ତ କରିବା ସହ ସମସ୍ତ ତଥ୍ୟ ସମ୍ବଳିତ ରିପୋର୍ଟ ୧୫ ଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାସହ ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କିତ ଆକ୍ସନ ଟେକେନ ରିପୋର୍ଟ (ଏଟିଆର) ମଧ୍ୟ ଦୁଇ ସପ୍ତାହ ମଧ୍ୟରେ ଆୟୋଗଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲାର ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ସହ ସଂପୃକ୍ତ ଘଟଣାକୁ ନେଇ ରାଜ୍ୟ ମହିଳା ଆୟୋଗ ପକ୍ଷରୁ ପ୍ରତିକ୍ରିୟା ଦିଆଯାଇଛି । ଆୟୋଗ ପକ୍ଷରୁ କେନ୍ଦ୍ରାପଡ଼ା ଏସ୍‌ପିଙ୍କଠାରୁ ଘଟଣା ସମ୍ପର୍କିତ ଆଧିକାରିକ ରିପୋର୍ଟ (ପୃଷ୍ଠା ୭ରେ)

## ନିଟ୍ ପରୀକ୍ଷା ଶୃଙ୍ଖଳିତ ଭାବେ ଆୟୋଜନ ନେଇ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୧୬।୬

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କ ସହିତ ଏକ ବୈଠକ ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଗୃହ, ଶିକ୍ଷ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଯୋଗ ଦେଇଥିଲେ । ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିବା ବେଳେ ଜଗତସିଂହପୁର, କଟକ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ଜିଲ୍ଲାପାଳମାନେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିଲେ ।

ବୈଠକରେ ଆଗାମୀ ଜୁନ୍ ୨୧ ରେ ନିଟ୍ -୨୦୨୬ ପୁନଃ (ପୃଷ୍ଠା ୭ରେ)

### ଆଜିର ମୁଖ୍ୟ ଖବର

- ତୀର୍ଥଯାତ୍ରୀ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ : ୧୪ ମୃତ।
- କାଲିଫର୍ଣ୍ଣିଆରେ ଦୁର୍ଘଟଣାଗ୍ରସ୍ତ ହେଲା ଆମେରିକା ବାୟୁସେନାର ବି-୫୨ କ୍ରାସ, ୮ ମୃତ।
- ଗୁରୁଗ୍ରାମରେ ବେଆଇନ ଭାବେ ରହୁଥିବା ୧୩ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କଲା ପୋଲିସ।
- କର୍ଣ୍ଣାଟକ ଅଧିକାରୀଙ୍କ ଘର, କାର୍ଯ୍ୟାଳୟରେ ଲୋକାୟୁକ୍ତଙ୍କ ଚଢ଼ଉ।
- ମନି ଲଣ୍ଡରିଂ ମାମଲାରେ ମୁମ୍ବାଇ, ନୂଆଦିଲ୍ଲୀ ସମେତ ୧୭ଟି ସ୍ଥାନରେ ଇଡି ଚଢ଼ଉ ।
- ନିଟ-ୟୁଜି ୨୦୨୬ ପରୀକ୍ଷାର ସ୍ୱଚ୍ଛ ଓ ସୁରକ୍ଷିତ ପରିଚାଳନା ପାଇଁ ଡିଜିପିଙ୍କ ସମୀକ୍ଷା ବୈଠକ।

## ଦୂରଗାମୀ ଆକ୍ରମଣାତ୍ମକ କ୍ରୁଜ୍ ମିସାଇଲର ସଫଳ ପରୀକ୍ଷଣ

ଚାନ୍ଦିପୁର/ବାଲେଶ୍ୱର, ୧୬।୬

ନ୍ୟୁଜ୍ ବ୍ୟୁରୋ

ଚାନ୍ଦିପୁରସ୍ଥିତ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଆକ୍ରମଣାତ୍ମକ କ୍ରୁଜ ମିସାଇଲ-ଏଲ୍‌ଆରଏଲ୍‌ଏସିଏମ୍‌ର ସଫଳ ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ବିକାଶ ଗବେଷଣା ସଂସ୍ଥା-(ଡିଆରଡିଓ) ପକ୍ଷରୁ ଏହି ପରୀକ୍ଷଣ ସଫଳତାର ସହ ସଂପନ୍ନ ହୋଇଛି। ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ବିଭିନ୍ନ ଟ୍ରାକିଂ ଓ ନିରୀକ୍ଷଣ ପ୍ରଣାଳୀରୁ ମିଳିଥିବା ତଥ୍ୟ ଅନୁସାରେ, କ୍ଷେପଣାସ୍ତ୍ରଟି ପରୀକ୍ଷାର ସମସ୍ତ ଉଦ୍ଦେଶ୍ୟକୁ ପୂରଣ କରିଛି । ଏହି କ୍ଷେପଣାସ୍ତ୍ରକୁ ସମ୍ପୂର୍ଣ୍ଣ (ପୃଷ୍ଠା ୭ରେ)

### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୬

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡ଼. ଏ.ପି.ଜେ. ଅବ୍ଦୁଲ କଲାମ ଦ୍ୱୀପରୁ ଦୀର୍ଘ ଦୂର ଭୂମି ଆକ୍ରମଣକାରୀ କ୍ରୁଜ୍ ମିସାଇଲର ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଅର୍ଗାନାଇଜେସନ୍ (ଡିଆରଡିଓ) ଏବଂ ଏହି ମିଶନ୍ ସହ ଜଡ଼ିତ ସମସ୍ତ ହିତାଧିକାରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।

## ୨୧ରୁ ରାଜ୍ୟବ୍ୟାପୀ ସୁଭଦ୍ରା ଶକ୍ତି ସମାବେଶ

ଭୁବନେଶ୍ୱର, ୧୬।୬

ନ୍ୟୁଜ୍ ବ୍ୟୁରୋ

ରଜ ପର୍ବର ଶେଷ ଦିନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ରାଜ୍ୟବ୍ୟାପୀ ଆୟୋଜିତ ହେବାକୁ ଥିବା 'ସୁଭଦ୍ରା ଶକ୍ତି ସମାବେଶ' କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ରାଜ୍ୟର ସମସ୍ତ ଜିଲ୍ଲାର କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରିଥିଲେ।

ଆସନ୍ତା ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ 'ସୁଭଦ୍ରା ଶକ୍ତି ସମାବେଶ' ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ସଶକ୍ତିକରଣ ଓ ଜୀବିକା ସୁଯୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ବିଭିନ୍ନ ସରକାରୀ ଯୋଜନା, ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଦକ୍ଷତା ବିକାଶ, ବଜାର ସଂଯୋଗ ଏବଂ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଓ 'ମହାଲକ୍ଷପତି ଦିଦି' ସୃଷ୍ଟି ଦିଗରେ ସଚେତନ କରାଯିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାରେ କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳ ଆୟୋଜନ ନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହାପରେ ମିଶନ ଶକ୍ତି ଭବନର ସମ୍ମିଳନୀ ଗୃହରେ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନଙ୍କ ସହ ଏକ ସ୍ୱତନ୍ତ୍ର ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ୩୦୦ରୁ ଊର୍ଦ୍ଧ୍ୱ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ମନ୍ତ୍ରୀ କହିଥିଲେ ଯେ, ମିଶନ ଶକ୍ତିର ସଫଳତା ପଛରେ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନଙ୍କ ନିଷ୍ଠା, ପରିଶ୍ରମ ଓ କର୍ମଦକ୍ଷତା ହିଁ ପ୍ରମୁଖ ଶକ୍ତି। ସେମାନଙ୍କ ନିରନ୍ତର ପ୍ରୟାସ ଯୋଗୁଁ (ପୃଷ୍ଠା ୭ରେ)

### ଚାମେଲିଙ୍କୁ ମିଳିଲା ଜାମିନ୍

କେନ୍ଦ୍ରାପଡା/ମହାକାଳପଡା, ୧୬।୬

ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ କୋର୍ଟରୁ ଆଶ୍ୱସ୍ତି ମିଳିଛି। ପୋଲିସକୁ ଆକ୍ରମଣ କରିବା ଭଳି ଏକ ସମ୍ବେଦନଶୀଳ ମାମଲାରେ ଗିରଫ ହୋଇଥିବା ସରପଞ୍ଚଙ୍କ ଜାମିନ୍ ଆବେଦନକୁ କୋର୍ଟ ମଞ୍ଜୁର କରିଛନ୍ତି। କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ (ସବ୍-ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ୍) କୋର୍ଟ ଚାମେଲି ଓଝାଙ୍କୁ ଏହି ଜାମିନ୍ ପ୍ରଦାନ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ୩୦ ହଜାର ଟଙ୍କାର ବଣ୍ଡ ଏବଂ ୨ ଜଣ ଜାମିନ୍‌ଦାରଙ୍କ ବଦଳରେ ସରପଞ୍ଚ ଚାମେଲି ଓଝାଙ୍କୁ ଏହି ସର୍ତ୍ତମୂଳକ ଜାମିନ୍ ମିଳିଛି।

### ଏକାଳ ପଖାଳ



ମିଳିବନି ଆଉ ସିରପ୍ ବାବୁରେ
ନଥିଲେ ଡାକ୍ତରୀ ଚିଠା
ରୋଗ ନଥିଲେ ବି ଢୋକୁଥିଲା ଯା'କୁ
ଲାଗୁଥିଲା ନିଶାମିଠା
ହେଲେ ଚୋରା ହେବ ବନ୍ଦ
ଗଳାପସା ବାଟ ଜାଣିବାକୁ ହେବ
ପକେଇଣ ମୂଷା ଅଠା।

## ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପଢ଼ା ବହିରେ ୧୬୭୮ଟି ତ୍ରୁଟି




ଭୁବନେଶ୍ୱର, ୧୬।୬

ନ୍ୟୁଜ୍ ବ୍ୟୁରୋ

ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ପ୍ରସ୍ତୁତ ବହିରେ ଯଦି ଶହ ଶହ ଭୁଲ, ତାହେଲେ ହେବ କ'ଣ ? ଏଥିପାଇଁ କିଏ ଦାୟୀ ? ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାବହିରେ ମାଳ ମାଳ ତ୍ରୁଟି ଶିକ୍ଷା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି। ପିଲାଙ୍କ ବହିରେ ଚିହ୍ନଟ ହୋଇଛି ୧୬୭୮ଟି ମୁଦ୍ରଣ ଓ ତଥ୍ୟଗତ ତ୍ରୁଟି। କେବଳ ଅଷ୍ଟମ ଶ୍ରେଣୀ ବହିରେ ରହିଛି ୭୦୫ଟି ଭୁଲ। ଏମିତି କିଛି ସାଂଘାତିକ ତ୍ରୁଟି ରହିଛି ଯାହା ଦେଖିଲେ ଆପଣଙ୍କ ମୁଣ୍ଡ ବୁଲେଇ ଯିବ। ଯାହାକୁ ନେଇ ଶିକ୍ଷକ ଓ ଅଭିଭାବକ କ୍ଷୁବ୍ଧ ହୋଇଥିବା ବେଳେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାକୁ ହାଲକା ଭାବେ ନେବା ସହ ସେସବୁର ସଂଶୋଧନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଚଳିତ ବର୍ଷ ଛପାଯାଇଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି। ଖରା ଛୁଟି ସରିବାକୁ ବସିଥିବା ବେଳେ ଏଯାଏ ପିଲାଙ୍କୁ ସବୁ ବହି ଯୋଗାଇ ଦିଆଯାଇ ପାରି ନାହିଁ। ଆଉ ଯେଉଁ ବହି ମିଳିଛି ସବୁ ଶ୍ରେଣୀରେ ଦେଖିବାକୁ ମିଳିଛି ଏଭଳି ମାଳ ମାଳ ତ୍ରୁଟି। ରାଜ୍ୟ ସରକାରଙ୍କ ଏସ୍‌ସିଇଆରଟି ଦ୍ୱାରା ମୁଦ୍ରିତ ପଞ୍ଚମ (ପୃଷ୍ଠା ୭ରେ)

## ଏଲ୍-ନିନୋ ପ୍ରଭାବରେ ଦୁର୍ବଳ ହୋଇପାରେ ମୌସୁମୀ

ନୂଆଦିଲ୍ଲୀ, ୧୬।୬

ଦେଶରେ ଏଲନିନୋ କ୍ରମେ ସକ୍ରିୟ ହେବା ସହ ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ ଦୁର୍ବଳ ରହିବାର ଆଶଙ୍କା ବୃଦ୍ଧି ପାଇଛି। ଭାରତୀୟ ପାଣିପାଗ ବିଭାଗର ସଦ୍ୟତମ ଆକଳନ ଅନୁଯାୟୀ, ବଙ୍ଗୋପସାଗର ଅଞ୍ଚଳରୁ ମୌସୁମୀ ମେଘମାଳା ଉତ୍ତରପୂର୍ବ ଭାରତ, ମ୍ୟାମାର, ଭୁଟାନ ଓ ଚୀନ୍ ଅଭିମୁଖେ ଅଗ୍ରସର ହେଉଥିବାରୁ ବର୍ଷାର ବଣ୍ଟନରେ ଅସମତା ଦେଖାଦେବାର ସମ୍ଭାବନା ରହିଛି। କିନ୍ତୁ ଦିଲ୍ଲୀ ଓ ଉତ୍ତର-ପୂର୍ବାଞ୍ଚଳରେ ପ୍ରବଳ ଝଡ଼ବର୍ଷା ହେବାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ।



ଉତ୍ତର ଭାରତରେ ତୀବ୍ର ଗ୍ରୀଷ୍ମପ୍ରବାହ କିଛି ମାତ୍ରାରେ ଶାନ୍ତ ହୋଇଥିଲେ ମଧ୍ୟ ମୌସୁମୀ ବର୍ଷା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ପହଞ୍ଚି ପାରିନାହିଁ। ତେବେ ଆଗାମୀ କିଛି ଦିନ ଅନ୍ତରାଳରେ ବର୍ଷା ହେବାର ସମ୍ଭାବନା ରହିଛି। ଦିଲ୍ଲୀ ଓ (ପୃଷ୍ଠା ୭ରେ)







## ବିଶ୍ୱକର୍ମା ସମାଜର ବନ୍ଧୁ ମିଳନ:୩ ସାମ୍ବାଦିକ ସମ୍ବର୍ଦ୍ଧିତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସୋମବାର ଦିନ ବିରୁଳି ତାଲୁକା ବିଶ୍ୱକର୍ମା ସମାଜ ଗଞ୍ଜାମର ବନ୍ଧୁ ମିଳନ ଓ ବାର୍ଷିକ ଉତ୍ସବ ଯୋଗେନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱୟଂ ବିଶ୍ୱକର୍ମାଙ୍କୁ ଫୁଲ ଚନ୍ଦନ ଧୂପ ଦେଇ ଶୁଭାରମ୍ଭ ହୋଇଥିଲା । କାର୍ଯ୍ୟକ୍ରମ ଅୟମାରମ୍ଭ ପୂର୍ବରୁ ସ୍ୱ ଜାତିର ପରିବାରଙ୍କୁ ନେଇ ମେହେନ୍ଦୀ, ଝୋଟି ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ତତ୍ ସହିତ ବୃଦ୍ଧ ବୃଦ୍ଧା, କେଜି ଠାରୁ ପିଜି, ନୃତ୍ୟାଙ୍ଗନା, ସାଧାରଣଜ୍ଞାନରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ମଞ୍ଚାସିନ ବ୍ୟକ୍ତିମାନେ ଉପଢୌକନ ସହ ସାର୍ଟିଫିକେଟ୍ ଓ ଟ୍ରଫି ଦେଇ ସମ୍ବର୍ଦ୍ଧନା କରିଥିଲେ । ପ୍ରାରମ୍ଭିକ ସଂଗୀତ ଆଦ୍ୟାଶା ମହାରଣା, ଏ. ସଞ୍ଜନା ରେଡ୍ଡି, ଡି. ନନ୍ଦିନୀ ରେଡ୍ଡି, ଏସ୍. ଶୁଭଶ୍ରୀ ରେଡ୍ଡି ଗାନ କରିଥିଲେ । ସମ୍ପାଦକ ବିବରଣୀ ଦଣ୍ଡପାଣି ମହାରଣା ପଠନ କରିଥିଲେ । ମଞ୍ଚାସିନ ବ୍ୟକ୍ତିମାନଙ୍କ ମଧ୍ୟରେ ୩୪ ତାଲୁକା ତଥା ଦକ୍ଷିଣ ଓଡ଼ିଶା ସଭାପତି ସନ୍ତୋଷ ମହାରଣା, ଉପସଭାପତି ବିନାୟକ ମହାରଣା, ବିରୁଳି ରାଜଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ୧୪ ନଂ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ସ୍ୱାଇଁ, ସନ୍ତୋଷପୁର ସମିତି ସଭ୍ୟା ଏସ୍. କବିତା ରେଡ୍ଡି, ବ୍ରହ୍ମପୁର ସି.ଟି. ଓ କାମେଶ୍ୱର ମହାରଣା ପ୍ରମୁଖ ମଞ୍ଚାସିନ ରହି ରକ୍ତଦାନ, ଯୁବ ସଂଗଠନ, କାଠ କାରିଗର, କାଠ ସଂଗ୍ରହ ଦାବି ପୂରଣ, ଗରିବ ଗୁରୁବାଙ୍କ ପାଇଁ ସହାୟତା ରାଶି ପ୍ରଦାନ, ଯୌତୁକ ବିହୀନ ବିବାହ ସମେତ ଅନେକ ପ୍ରସଙ୍ଗ ଉପରେ ଆଲୋକପାତ ହୋଇଥିଲା । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଉପସଭାପତି ଗୋପାଳ ମହାରଣା, ସହ ସମ୍ପାଦକ କିଶୋର ମହାରଣା, କୋଷାଧ୍ୟକ୍ଷ ପ୍ରତାପ ମହାରଣା, ସଂଗଠନ ସଭାପତି ଅମୁଲ୍ୟ ମହାରଣା, ଉପଦେଷ୍ଟା ଲଡ୍ଡୁ ମହାରଣା, କାଶୀ ମହାରଣା, ସୁଦୂର ମହାରଣା, ସଂଯୋଜକ ବିଦ୍ୟାଧର ମହାରଣା, ବାବୁଲା ମହାରଣା, ଆଇନ ପରାମର୍ଶଦାତା ରାମକୃଷ୍ଣ ମହାରଣା ସହିତ ତାଲୁକାର ଅନେକ ସଭ୍ୟା ଓ ସଭ୍ୟ ସହଯୋଗ କରିଥିଲେ । ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ । ଶେଷରେ ଇଚ୍ଛୁକ ତଥା ଉତ୍ସାହି କଳାକାର ମାନଙ୍କୁ ନେଇ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ନୃତ୍ୟ-ଗୀତରେ କମ୍ପିଲା ପିକୋଲ ରଜ ମହୋତ୍ସବ



**ସାଲେପୁର, ନ୍ୟୁଜ୍**

ସାଲେପୁର ବ୍ଲକ ପିକୋଲ ଗୋରଖନାଥ ଯୁବକ ସଂଘ ପକ୍ଷରୁ ରଜମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ମେହେରବାନ ଖାନ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅକ୍ଷୟ କୁମାର ଦାଶ ଯୋଗଦେଇ ରଜ ପର୍ବ ପାଳନର ମୌଳିକ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଗ୍ରାମର କୁନି କୁନି ପିଲା ଓ ଯୁବକ ଯୁବତୀ ମାନଙ୍କ ଦ୍ୱାରା ନୃତ୍ୟ -ଗୀତ ପରିବେଷଣ କରାଯାଇଥିଲା । ଏହି ଉପଲକ୍ଷେ ନୃତ୍ୟ ଗୁରୁ ସୁଦର୍ଶନ ଭୋଇ, ନୃତ୍ୟ ଗୁରୁମା ବିଜୟଲକ୍ଷ୍ମୀ ରଣା ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ମହେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୀରକିଶୋର ପାତ୍ର, ସନାତନ ବେହେରା, ବଳରାମ ବେହେରା, ତପନ ବେହେରା, କୈଳାଶ ବେହେରା, ବନମାଳୀ ବେହେରା, ପ୍ରଶୁରାମ ବେହେରା, ପଦ୍ମଭୂଷଣ ପ୍ରଧାନ, ଓମ୍ ପ୍ରକାଶ ବେହେରା, ତାପସ ବେହେରା, ରୁଦ୍ର ପ୍ରତାପ ବେହେରା, ଦେବ ପ୍ରକାଶ ବେହେରା, ଚିନୁ ପାତ୍ର, ମୋହନ କୁମାର ପାତ୍ର, ଅଭିରାମ ବେହେରା, ଉପେନ୍ଦ୍ର ପ୍ରଧାନ, ରବିନ୍ଦ୍ର ବେହେରା, ବିଜୟ ବେହେରା, ବାଇଧର ବେହେରା, ଧୀରେନ୍ଦ୍ର ପାତ୍ର, ଅମରେନ୍ଦ୍ର ବେହେରା, ଚନ୍ଦ୍ରମଣି ବେହେରା ପ୍ରମୁଖ ଯୁବକ ସଂଘର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

# ଅନ୍‌ଲାଇନ୍ ବଜାର ବୁଡ଼ାଉଛି ଟେଲରଙ୍କ ବେଉସା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଦିନ ଥିଲା ସହରରେ ବିଭିନ୍ନ ସ୍ଥାନରେ ଥିବା ଟେଲର୍ ଦୋକାନ ସାରା ରାଜ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ବର୍ଷର ୧୨ ମାସ ବେପାର ହେଉଥିବା ବେଳେ ପର୍ବପର୍ବାଣୀ ଓ ବାହାଘର ସିଜନ୍‌ରେ ଦୋକାନୀଙ୍କୁ ଫୁର୍‌ସତ୍ ବି ମିଳୁନଥିଲା । ପିଲାଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ, କଲେଜ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ପାଇଁ ସିଲେଇ ହୋଇଥିବା ପୋଷାକ ସେମାନଙ୍କ ପସନ୍ଦ ପାଲଟିଥିଲା । ହେଲେ ଏବେ ସମୟ ବଦଳିବା ସାଙ୍ଗକୁ ଜୀବନଶୈଳୀରେ ବି ପରିବର୍ତ୍ତନ ଆସିଛି । ଏଆଇ ଓ ଡିଜିଟାଲ୍ ଯୁଗରେ ସମସ୍ତେ ଅନ୍‌ଲାଇନ୍ ମୁହାଁ ହେଲେଣି । ସ୍ମାର୍ଟଫୋନ୍‌ରେ ବିଭିନ୍ନ ଆପ୍ ମାଧ୍ୟମରେ ଗୋଟିଏ ବଟନ୍ ଚିପି ଅର୍ଡ଼ର ଦେବା କ୍ଷଣି ଛୁଞ୍ଚିଠୁ ଆରମ୍ଭ କରି ଗାଡ଼ି ପର୍ଯ୍ୟନ୍ତ ପ୍ରତି ଛୋଟବଡ଼ ଜିନିଷ ଘରେ ପହଞ୍ଚିଯାଉଛି । ସେହିପରି ବିଭିନ୍ନ ଆକର୍ଷଣୀୟ ଅଫର୍ ବି ଲୋକଙ୍କୁ ଟାଣୁଛି । ଏଥିରୁ ରେଡ଼ିମେଡ୍ ପୋଷାକ ବି ବାଦ୍ ପଡ଼ିନି । ଅନ୍‌ଲାଇନ୍ ମୁହାଁ ହେବା ଫଳରେ ସମୟ ବଞ୍ଚୁଛି ସତ । ହେଲେ ଅନ୍‌ଲାଇନ୍ ବଜାର ଏବେ କୌଳିକ ଓ ପାରମ୍ପରିକ ବୃତ୍ତିକୁ ଆପଣାଇ ପ୍ରତିପୋଷଣ କରୁଥିବା ଲୋକଙ୍କ ବେଉସା ବୁଡ଼ାଇଦେଲାଣି । ସେମାନଙ୍କ ମଧ୍ୟରୁ ଟେଲର୍ ହେଉଛନ୍ତି ଅନ୍ୟତମ । ଗତ କିଛି ବର୍ଷ ମଧ୍ୟରେ ଅନ୍‌ଲାଇନ୍ ମାର୍କେଟ୍‌ରେ ମିଳୁଥିବା ରେଡ଼ିମେଡ୍ ପୋଷାକ ଆଗରେ ସିଲେଇ ପୋଷାକର ଚାହିଦା କମିବାରେ ଲାଗିଛି । ଫଳରେ ବ୍ରହ୍ମପୁର ସହରର ଅନେକ ଦକ୍ଷ ଟେଲରଙ୍କ ଜୀବିକା ସଙ୍କଟରେ । ଏହା ମଧ୍ୟରେ କିଛି ଦୋକାନ ବି ବନ୍ଦ ହୋଇଗଲାଣି । ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳୀ ରୂପେ ପରିଚିତ ବ୍ରହ୍ମପୁର ସହରକୁ ଏକଦା ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ବି ଗ୍ରାହକ ପୋଷାକ ସିଲେଇ କରିବାକୁ ଆସୁଥିଲେ । ପର୍ବପର୍ବାଣୀ ବେଳେ ବରାଦ ପାଇଁ ଭିଡ଼ ଲାଗୁଥିଲା । ମେସିନ୍ ପାଖରୁ ଉଠିବାକୁ ବି ସମୟ ମିଳୁନଥିଲା । ସେହିପରି ସିନେମା ଦେଖିବା ପରେ ତେଲୁଗୁ ଭାଷାଭାଷୀ ଲୋକ ନିଜ ପସନ୍ଦର ଅଭିନେତାଙ୍କ ଅବିକଳ ପୋଷାକ ସିଲେଇ କରିବାକୁ ବରାଦ ଦେଉଥିଲେ । କିନ୍ତୁ ଏବେ ସମୟ ବଦଳିଯାଇଥିବା ବେଳେ କାମ ବି ମିଳୁନଥିବା କିଛି ଟେଲର୍ କହିଛନ୍ତି । ପ୍ରତିପୋଷଣ ଦୂରର କଥା ଦୋକାନଘରର ଭଡ଼ା ମଧ୍ୟ ଅନେକ ମାସରେ ଦେବା କଷ୍ଟସାଧ୍ୟ ହେଉଛି ବୋଲି ସେମାନେ କହିଛନ୍ତି । ମୟୁରୀ ଟାୱାରରେ ଥିବା ଜଣେ ଟେଲର୍ ୧୯୯୪ ମସିହାରୁ ପୁରୁଷଙ୍କ ସଫାରି ସୁଟ୍ ଓ ସମସାମୟିକ ଟ୍ରେଣ୍ଡିଂ ପୋଷାକ ସିଲେଇ କରିଆସୁଛନ୍ତି । ଦୀର୍ଘ ୫୨ ବର୍ଷର ଅଭିଜ୍ଞତା ସତ୍ତ୍ୱେ ବ୍ୟବସାୟ ହ୍ରାସ ପାଇବାରେ ଲାଗିଛି । ପୁରୁଷମାନେ ଏବେ ଅନ୍‌ଲାଇନ୍ ଆପ୍ ଯୋଗେ ରେଡ଼ି-ଟୁ-ୱେୟାର ପୋଷାକକୁ ଆପଣାଇସାରିଲେଣି । ଯାହାଫଳରେ ନିପୁଣ ଅଭିଜ୍ଞତା ଓ କାରିଗରି ଅନ୍‌ଲାଇନ୍ ସପିଂ ଆଗରେ ଫିକା ପଡ଼ିଛି । ସେହିପରି ଅନେକ ମହିଳା ଟେଲରଙ୍କ କହିବା ପ୍ରକାରେ, ଅନ୍‌ଲାଇନ୍ ବେପାର ଆସିବା ପରଠୁ କ୍ଷତି ବହୁ ଗୁଣରେ ବଢ଼ିଯାଇଛି । ସବୁ ବର୍ଗର ମହିଳା ଟ୍ରେଣ୍ଡ ଆଧାରରେ ପୋଷାକ ଠାରୁ ଆରମ୍ଭ କରି ଶାଢ଼ି, ସାଲୱାର, ଲେହଙ୍ଗା ଓ କୁର୍ତ୍ତା ଆଦି ସପିଂ ଆପ୍‌ରୁ ଆଣୁଛନ୍ତି । କେବଳ ହାତଗଣତି କିଛି ମହିଳା ସିଲେଇବାକୁ ଆସୁଥିବା ବେଳେ ଅନ୍‌ଲାଇନ୍‌ରୁ ଆଣୁଥିବା ପୋଷାକକୁ ଷ୍ଟିଚିଂ ପାଇଁ ଆଣୁଛନ୍ତି । ଏହିପରି ସ୍ଥିତିରେ ବେପାରରେ ତିଷ୍ଠି ରହିବା ଆହ୍ୱାନପୂର୍ଣ୍ଣ ମନେହେଉଛି ବୋଲି ସେମାନେ କହିଛନ୍ତି । ଆଗରୁ ମାସିକ ୧୦ ହଜାର ହେଉଥିବା ବେଳେ ଏବେ ତାହା ୩ ହଜାରରୁ ୫ ହଜାର ଟଙ୍କା ଭିତରେ ରହୁଥିବା କୁହାଯାଉଛି ।

## ବୈତରଣୀରୁ ବାଲି ଲୁଟ୍:ବନ୍ଧ ପ୍ରତି ବିପଦ ଆଶଙ୍କା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବୈତରଣୀ ନଦୀରୁ ଦୈନିକ ବେଆଇନ୍ ବାଲି ଉତ୍ତୋଳନ ଓ ପରିବହନ ଘଟଣା ନିତିଦିନିଆ ହୋଇଛି । ବଳିପୁର ଠାରୁ ଆରମ୍ଭ କରି ବନ୍ଦାଳ, ମଢିଆଳୀ, ଝୁଟଣା, ବନସ୍ତା, ଜଗନ୍ନାଥ ପ୍ରସାଦ, ମଣିନାଥପୁର, ମୁଢାପଦା ଆଦି ବିଭିନ୍ନ ସ୍ଥାନରେ ବେଆଇନ୍ ବାଲି ଉତ୍ତୋଳନ ଓ ଚାଲାଣ ହେଉଛି । ଏଭଳି ବେଆଇନ୍ ଚାଲାଣ ବର୍ଷ ବର୍ଷ ଧରି ଲାଗି ରହିଛି । ପ୍ରଶାସନିକ ତନାଘନା ପରେ ଯଦିଓ ଏସବୁ ସ୍ଥାନରୁ ବାଲି ପରିବହନ ହ୍ରାସ ପାଇଛି କିନ୍ତୁ ଅନ୍ୟ କିଛି ସ୍ଥାନରେ ଯୋରଦାର୍ ଚୋରା ଚାଲାଣ ଆରମ୍ଭ ହୋଇଛି । ରାତି କଥା ଦୂରେ ଥାଉ ଦିବାଲୋକରେ ବି ମାଫିଆମାନେ ବାଲି ଉତ୍ତୋଳନ କରି ଚାଲାଣ କରୁଛନ୍ତି । ନିକଟସ୍ଥ ଗାଁ ଓ ନଦୀବନ୍ଧ ସୁରକ୍ଷା ପ୍ରତି ମଧ୍ୟ ଧାନ ଦେଉନାହାନ୍ତି । ବାଲି ପୋଖରୀ ପଞ୍ଚାୟତ କୁମ୍ଭାରିଆ ଗାଁ ନିକଟସ୍ଥ ନଦୀ ଗୋଡା ଠାରୁ ଦୈନିକ ବାଲି ଖୋଳା ଯାଉଛି । ସ୍ଥାନୀୟ ଟ୍ରାକ୍ଟର ମାଲିକ ଓ କିଛି ଅସାଧୁ ବ୍ୟକ୍ତି ସଲାସୁତୁରା ହୋଇ ଏଭଳି ବେଆଇନ୍ କାର୍ଯ୍ୟ କରୁଥିବା ଗ୍ରାମର ବୁଦ୍ଧିଜୀବୀମାନେ ଜଣାଇଛନ୍ତି । ନଦୀ ତଟ ସୁରକ୍ଷା ପାଇଁ ନିର୍ମିତ ହୋଇଥିବା ପଥର ସ୍ପର ଓ ପ୍ୟାକିଙ୍ଗ ନିକଟରୁ ଅତି ବେପରୁଆ ଭାବେ ବାଲି ଖୋଳା ଯାଉଛି । ନଦୀରେ ପାଣି ଆସିଲେ ପଥର ବନ୍ଧ ଭାସିଯିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଦିବାଲୋକରେ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଥିଲେ ମଧ୍ୟ କେହି ଏହାକୁ ରୋକୁନାହାନ୍ତି । କିଛି ସଚେତନ ନାଗରିକ ପ୍ରତିବାଦ ସ୍ୱରୂପ ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ ଚୋରା ଚାଲାଣ ରୋକିବା ତହସିଲ କାମ ନୁହେଁ ଅଧିକାରୀମାନେ କହୁଛନ୍ତି । ଲଘୁ ଖଣିଜ ସମ୍ପଦ ବିଭାଗ ମଧ୍ୟ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଏପଟେ ନଦୀବନ୍ଧ ତଥା ନଦୀ ଗୋଡା କ୍ଷତିଗ୍ରସ୍ତ ହେଉଥିବା ବେଳେ ଦ୍ରୁତ ଗତିରେ ବାଲି ଗାଡି ଚଳାଚଳ କରୁଥିବା କାରଣରୁ ଦୁର୍ଘଟଣାର ଆଶଙ୍କା ରହିଛି ବାଲି ଚୋରା ଚାଲାଣ ଘଟଣାକୁ ନେଇ ଗାଆଁରେ ଏକପ୍ରକାର ଚାପା ଉତ୍ତେଜନା ମଧ୍ୟ ସୃଷ୍ଟି ହୋଇଛି । ଗ୍ରାମରେ ଅଶାନ୍ତ ବାତାବରଣ ଆରମ୍ଭ ହୋଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି । ତେଣୁ ଏହା ଉପରେ ସ୍ଥାନୀୟ ଥାନା, ଖଣି ନିଗମ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସରକାରୀ ନଳକୂଅ ଜବରଦଖଲ ଉଚ୍ଛେଦ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଟିକିଲିପଡା ପଞ୍ଚାୟତ ଅଧିନ ସାଲେଭାଡି ଗ୍ରାମର ୬ ନମ୍ବର ୱାର୍ଡରେ ଥିବା ସରକାରୀ ନଳକୂପରୁ ଜମନକିରା ବିଡ଼ିଓ ଜବରଦଖଲ ଆବଦ୍ଧ ହଠାଇ ଦେଇଛନ୍ତି । ସୂଚନାନୁଯାୟୀ ବ୍ଲକର ବିଭିନ୍ନ ଗ୍ରାମର ଜନସଂଖ୍ୟା ଆଧାରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ୱାର୍ଡରେ ନଳକୂପ ଯୋଗାଯାଇଛି । ସାଲେଭାଡି ଗ୍ରାମର ୬ ନମ୍ବର ୱାର୍ଡ ମେମ୍ବରଙ୍କ ଘର ନିକଟରେ ବସାଯାଇଥିବା ନଳକୂପରୁ ପାଣିର ସ୍ରୋତ ଅତି ମନ୍ଥର ଥିବାରୁ ୱାର୍ଡ ମେମ୍ବର ଜଣଙ୍କ ନିଜ ପଇସାରେ ଏହି ନଳକୂପରେ ଏକ ମୋଟର ଲଗାଇଥିଲେ । ଫଳରେ ପାଣିର ସ୍ରୋତ ପ୍ରଖର ହେବା ସହ ୱାର୍ଡ ବାସିନ୍ଦା ଖୁସିରେ ପାଣି ନେଉଥିଲେ । ହେଲେ 'ମୁଁ ପଇସା ଖର୍ଚ୍ଚ କରି ମୋଟର ଲଗାଇବି, ଅନ୍ୟ କେହି ସୁବିଧା ନେବ' ମାନସିକତାରେ ଅତିଷ୍ଠ ହୋଇ ୱାର୍ଡ ମେମ୍ବର ଜଣଙ୍କ ଏହି ନଳକୂପକୁ ନିଜ ଦଖଲରେ ରଖିବା ସଦୃଶ୍ୟ ବାଉଁଶ ଓ କନାରେ ଏହାକୁ ଆବଦ୍ଧ କରି ଅନ୍ୟମାନଙ୍କ ପାଇଁ କଟକଣା ଜାରି କରିଥିଲେ । ଫଳରେ ଆଖପାଖରୁ ପାନୀୟ ଜଳ ମିଳିବାରେ ଅସମ୍ଭବତାକୁ ଦୃଷ୍ଟିରେ ରଖି ୱାର୍ଡ ବାସିନ୍ଦା ଘଟଣା ସମ୍ପର୍କରେ ଜମନକିରା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ । ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କ ରିପୋର୍ଟ ଆଧାରରେ ପ୍ରଶାସନ ଏହି ନଳକୂପ ଚତୁଃପାର୍ଶ୍ୱରୁ କନା ଓ ବାଉଁଶକୁ ଓପାଡି ନଳକୂପକୁ ସର୍ବସାଧାରଣଙ୍କ ପାଇଁ ଉତ୍ସର୍ଗ କରିଛନ୍ତି ।

# ଡିଜିଟାଲ୍ ଯୁଗରେ ନେଟ୍‌ୱର୍କରୁ ବଞ୍ଚିତ ଟେଙ୍ଗେନାମାଲବାସୀ କ୍ଷୁବ୍ଧ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଡିଜିଟାଲ୍ ଯୁଗରେ ଯୋଗାଯୋଗ ବ୍ୟବସ୍ଥା ଦୈନନ୍ଦିନ ଜୀବନର ଏକ ମୁଖ୍ୟ ଆବଶ୍ୟକତା ପାଲଟିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ସୀମାନ୍ତବର୍ତ୍ତୀ ଟେଙ୍ଗେନାମାଲ ଗାଁର ଲୋକେ ଏବେ ମଧ୍ୟ ଦୁର୍ବଳ ମୋବାଇଲ୍ ନେଟ୍‌ୱର୍କ ସମସ୍ୟାରେ ଜର୍ଜରିତ । ଗାଁରେ ମୋବାଇଲ୍ ଟାୱାର ସ୍ଥାପନ ପାଇଁ ସରକାରୀ ସ୍ତରରେ ସର୍ଭେ ଓ ରିପୋର୍ଟ ପ୍ରସ୍ତୁତ ହୋଇଥିଲେ ମଧ୍ୟ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି । ସୂଚନା ଅନୁସାରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୁପାରିସକ୍ରମେ ଟେଙ୍ଗେନାମାଲ ଗାଁରେ ମୋବାଇଲ୍ ଟାୱାର ସ୍ଥାପନ ନିମନ୍ତେ ୨୦୨୪ ମସିହା ଜୁଲାଇ ୧୦ ତାରିଖରେ ଟେଲିକମ୍ ବିଭାଗ ପକ୍ଷରୁ ସର୍ଭେ କରାଯାଇଥିଲା । ଦୁଇ ଦିନ ପରେ ସର୍ଭେ ରିପୋର୍ଟ ମଧ୍ୟ ଦାଖଲ କରାଯାଇଥିଲା । ଏହି ରିପୋର୍ଟରେ ଟେଙ୍ଗେନାମାଲ ସମେତ ଆଖପାଖର ପ୍ରାୟ ୧୨ଟି ଗାଁକୁ ଉନ୍ନତ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ମିଳିବ ବୋଲି ଉଲ୍ଲେଖ ରହିଥିଲା । ତେବେ ସର୍ଭେ ରିପୋର୍ଟ ସମ୍ବଲପୁର ସ୍ଥିତ ଏଜିଏମ୍ କାର୍ଯ୍ୟାଳୟକୁ ପଠାଯିବା ପରେ ପ୍ରକଳ୍ପର ଅଗ୍ରଗତି ଠପ୍ ହୋଇଯାଇଥିବା ଅଭିଯୋଗ ହେଉଛି । ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ଟାୱାର ସ୍ଥାପନ ଦିଗରେ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇନାହିଁ । ନେଟ୍‌ୱର୍କ ସମସ୍ୟା ଯୋଗୁ ଅଞ୍ଚଳର ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ଶିକ୍ଷା ଓ ବିଭିନ୍ନ ଡିଜିଟାଲ୍ ସୁବିଧାରୁ ବଞ୍ଚିତ ହେଉଥିବା ବେଳେ ଜରୁରୀ ସମୟରେ ଫୋନ୍ ଯୋଗାଯୋଗ ପାଇଁ ଗ୍ରାମବାସୀଙ୍କୁ ଉଚ୍ଚ ସ୍ଥାନ କିମ୍ବା ଅନ୍ୟ ଅଞ୍ଚଳକୁ ଯିବାକୁ ପଡୁଛି । ଏହା ଦୈନନ୍ଦିନ ଜୀବନରେ ଅନେକ ସମସ୍ୟା ସୃଷ୍ଟି କରୁଛି । ପୂର୍ବତନ ସମିତି ସଭ୍ୟ ନରେନ୍ଦ୍ର ଗଡ଼ତିଆଙ୍କ ସହ ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି ଯେ, ଟାୱାର ସ୍ଥାପନ ପାଇଁ ହୋଇଥିବା ସର୍ଭେ କେବଳ କାଗଜପତ୍ରରେ ସୀମିତ ହୋଇ ରହିଯାଇଛି । ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ସମାଧାନ ନକଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ବର୍ତ୍ତମାନ ଟେଙ୍ଗେନାମାଲ ଓ ପ୍ରଭାବିତ ୧୨ଟି ଗାଁର ଲୋକଙ୍କ ମନରେ ଏକମାତ୍ର ପ୍ରଶ୍ନ ଉଠୁଛି- ସର୍ଭେ ରିପୋର୍ଟ ପ୍ରସ୍ତୁତ ହେବା ପରେ ମଧ୍ୟ ଟାୱାର ସ୍ଥାପନ କାର୍ଯ୍ୟ କେବେ ଆରମ୍ଭ ହେବ ? ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରି ଅଞ୍ଚଳବାସୀଙ୍କୁ ଉନ୍ନତ ମୋବାଇଲ ଓ ଇଣ୍ଟରନେଟ୍ ସେବା ଯୋଗାଇବାକୁ ସେମାନେ ଦାବି କରିଛନ୍ତି ।

## ଅସହାୟ ବୃଦ୍ଧାଙ୍କ ଶେଷକୃତ୍ୟରେ ସହଯୋଗର ହାତ ବଢ଼ାଇଲେ ସ୍ୱେଚ୍ଛାସେବୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ଜିଲ୍ଲା ଝାଡ୍ରାଜିଙ୍ଗ ସ୍ଥିତ ବୃଦ୍ଧାଶ୍ରମର ଜଣେ ଅନ୍ତେବାସୀ ସେବତୀ କଅଁର (୬୦)ଙ୍କ ବାର୍ଦ୍ଧକ୍ୟଜନିତ କାରଣରୁ ଶନିବାର ମୃତ୍ୟୁ ଘଟିଛି । ମୃତ ସେବତୀ କଅଁର ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଲୁଣୀବାହାଲ ପଞ୍ଚାୟତ ଅନ୍ତର୍ଗତ କଣ୍ଟିଆପଦର ଗ୍ରାମର ବାସିନ୍ଦା ଥିଲେ । ମୃତ୍ୟୁ ପରେ ବୃଦ୍ଧାଶ୍ରମର କାର୍ଯ୍ୟକର୍ତ୍ତା ସନ୍ତୋଷ ରାଉତ ଶବ ସତ୍କାର ପାଇଁ ଶ୍ରୀରାମଲୀଳା ନାଟ୍ୟ ସଂସଦର ସଦସ୍ୟମାନଙ୍କ ସହ ଯୋଗାଯୋଗ କରିଥିଲେ । ଏହାପରେ ସଂସଦର ସଦସ୍ୟମାନେ ବୌଦ୍ଧ ରାଜଘାଟ ଠାରେ ପହଞ୍ଚି ମୃତଦେହର ସମସ୍ତ ଧାର୍ମିକ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରିଥିଲେ । ଏହି ଶବ ସତ୍କାର କାର୍ଯ୍ୟରେ ଶ୍ରୀରାମଲୀଳା ନାଟ୍ୟ ସଂସଦର ସଦସ୍ୟ ମନୋଜ ସାହୁ, ବିଦ୍ୟାଧର ପ୍ରଧାନ, ସନ୍ତୋଷ ସାହୁ, ଜଗଦୀଶ ବାରିକ, ମନୋରଞ୍ଜନ ମିଶ୍ର, ଜିତେନ୍ଦ୍ର ପାଣି, ମିକୁନ ଘିବେଲା, କାହ୍ନା ମହାପାତ୍ର ଓ ରିତେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଅସହାୟ ଓ ନିଃସହାୟ ବ୍ୟକ୍ତିଙ୍କ ଶେଷ ସମୟରେ ମାନବିକତାର ପରିଚୟ ଦେଇ ଶବ ସତ୍କାର କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ସଦସ୍ୟମାନଙ୍କ ଏହି ଉଦ୍ୟମକୁ ପ୍ରଶଂସା କରାଯାଇଛି ।

## ଦିବ୍ୟଜୀବନ ସଂଘ ମହିଳା ଶାଖାରେ ରକ୍ତଦାନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦିବ୍ୟଜୀବନ ସଂଘ ମହିଳା ଶାଖା ତରଫରୁ ପବିତ୍ର ପୁରୁଷୋତ୍ତମ ମାସରେ ଆଶ୍ରମ ପରିସରରେ ଚାଲିଆସୁଥିବା ଶ୍ରୀରାମ ଚରିତମାନସ ମାସ ପାରାୟଣର ପୂର୍ଣ୍ଣାହୁତି ପରେ ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବାନନ୍ଦ ମହାରାଜଙ୍କ 'ସେବା ହିଁ ମୂଳ ମନ୍ତ୍ର'କୁ ଆଧାର କରି ରବୀନ୍ଦ୍ର ପାଣିଗ୍ରାହୀ ଓ ସୀମାଞ୍ଚଳ ବେହେରାଙ୍କ ଆବାହକତ୍ୱରେ ୩୨ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । ଆଶ୍ରମ ପରିସରରେ ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଗାନ୍ଧୀନଗର ଓ ଅଙ୍କୁଲି ଅନାଥ ଆଶ୍ରମର ସମସ୍ତ ଅନ୍ତେବାସୀ ଓ ୩୭ଜଣ ନାରାୟଣଙ୍କୁ ପ୍ରସାଦ ସେବନ ସହ ଛତା ବଣ୍ଟନ କରାଯାଇଥିଲା । ମହିଳା ସଦସ୍ୟା ମାମା ପଣ୍ଡା, ଯଶୋଗମ୍ୟା ସାହୁ, ରାମକୃଷ୍ଣ ଖଟେଇ, ଦୀପକ ଖଟେଇ, ରାଜେଶ ଦୋରା, ଆଦିତ୍ୟ ପାଣିଗ୍ରାହୀ, ଚିନ୍ମୟାନନ୍ଦ ହର୍ଷବର୍ଦ୍ଧନ ଦାସ, ମୁରଲି ରେଡ୍ଡି, ହରିଚରଣ ପଟ୍ଟନାୟକ, ମାନସ ମହାରଣା, କ୍ରିଷ୍ଣା ଦୋରା, ରାଜେନ୍ଦ୍ର ଖଟାଇ, ପ୍ରଶାନ୍ତ ବେହେରା ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଶିବିରକୁ ସଂଘର ଶ୍ରୀନିବାସ ପାତ୍ର, ରବୀନ୍ଦ୍ରନାଥ ଦାସ, ଶକୁନ୍ତଳା, ଅଲେଖ ବେହେରା, ମମତା ମହାପାତ୍ର, ଲିପ୍ସାବାଳା ସାହୁ, ଲକ୍ଷ୍ମୀ ପାତ୍ର, ପ୍ରବୀଣା ମିଶ୍ର, ପ୍ରଶାନ୍ତ କୁମାର ନନ୍ଦ, ରେଣୁକା ସାହୁ, ପ୍ରମିଳା ମହାରଣା, ସୁଜାତା ପଟ୍ଟନାୟକ, ଶଙ୍କର ପ୍ରମୁଖ ପରିଚାଳନା କରିଥିଲେ । ଦିବ୍ୟଜୀବନ ସଂଘ ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର କୋଷାଧ୍ୟକ୍ଷ ଶାଡିଭୂଷଣ ପଣ୍ଡା ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଆଶ୍ରମ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ ଆମ୍ବିଳିଝରୀ ସ୍ଥିତ ମାନସିକ ଅନଗ୍ରସର ମହିଳା ସେବା ଅନୁଷ୍ଠାନ ଜନନୀ ଆଶ୍ରମରେ ଅନ୍ତେବାସୀ ମାନଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଛି । ସଂସଦ ସଭାପତି କେ.ସି. ପ୍ରତାପସିଂହ, ସମ୍ପାଦକ ବୈକୁଣ୍ଠନାଥ ତାରେଣିଆ, ଶୈଳେଶ କୁମାର ପଟ୍ଟନାୟକ, ଡ. ଉତ୍ତମ କୁମାର ସାହୁ, ଶୈଳେନ୍ଦ୍ର ମୁଖୀ, ଦିଲ୍ଲିପ କୁମାର ଛତାର, ସହଦେବ ବରାଳ, ଗୌତମ ଆଚାର୍ଯ୍ୟ ପ୍ରମୁଖ ଆଶ୍ରମରେ ପହଞ୍ଚି ଅନ୍ତେବାସୀମାନଙ୍କୁ ରଜ ଅଭିନନ୍ଦନ ଜଣାଇବା ସହିତ ନୂତନ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଅନୁଷ୍ଠାନର ପରିଚାଳିକା ସଂଯୁକ୍ତା ଭାରତୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସଂସଦ କର୍ମକର୍ତ୍ତା ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସଂସଦ ତରଫରୁ ଅନୁରୂପ ଭାବେ ମଙ୍ଗରାଜପୁର ସ୍ଥିତ ଭରସା ଶିଶୁ ଆଶ୍ରମର ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯିବା ସହିତ ପିଲାମାନଙ୍କୁ ରଜ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।

# କାଗଜରେ ରହିଗଲା ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ:ଆଣ୍ଠୁଏ ପାଣିରେ ଯାତ୍ରୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ସରକାର ବଦଳିଲେ ଭାଗ୍ୟ ବଦଳେ ବୋଲି ସାଧାରଣରେ କୁହାଯାଏ, ହେଲେ ଦୋବଲ ବସ୍‌ଷ୍ଟାଣ୍ଡ କ୍ଷେତ୍ରରେ ଏହା ଓଲଟା ସାବ୍ୟସ୍ତ ହୋଇଛି । ସରକାର ବଦଳିବା ସହ ଦୋବଲ ଅଞ୍ଚଳବାସୀଙ୍କ ବର୍ଷ ବର୍ଷର ସ୍ୱପ୍ନ ଏବେ ଅଧାବାଟରେ ଅଟକି ଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସରକାର ଆସିବା ପୂର୍ବରୁ ଯେଉଁ ସ୍ଥାନୀୟ ନେତାମାନେ 'ଦୋବଲ ବସ୍‌ଷ୍ଟାଣ୍ଡ ସୁରକ୍ଷା ମଞ୍ଚ' ଗଠନ କରି ଗାଁ ଗାଁ ବୁଲି ଲୋକଙ୍କୁ ଏକାଠି କରୁଥିଲେ, ଆନ୍ଦୋଳନ ଓ ରାସ୍ତାରୋକର ଚେତାବନୀ ଦେଉଥିଲେ, ସେମାନେ ଏବେ କ୍ଷମତା ପାଇବା ପରେ ସମ୍ପୂର୍ଣ୍ଣ ନୀରବ ସାଜିଛନ୍ତି । ୨୦୨୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋବଲ ଠାରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭର୍ଚ୍ୟୁଆଲ୍ ମାଧ୍ୟମରେ ଶିଳାନ୍ୟାସ ସ୍ଥାପନ କରିଥିଲେ । ଏଥିପାଇଁ ସମୁଦାୟ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିଲା । ଯାତ୍ରୀଙ୍କ ସୁବିଧା ପାଇଁ ବିଶ୍ରାମାଗାର, ଡ୍ରାଇଭରଙ୍କ ରେଷ୍ଟ ରୁମ୍, ଅତ୍ୟାଧୁନିକ ଶୌଚାଳୟ ଆଦିର ନକ୍ସା ପ୍ରସ୍ତୁତ ହୋଇଥିଲା । ଏହି କାର୍ଯ୍ୟ ପାଇଁ ମୁସ୍ତଫାପୁର ମୌଜାର ଘୋଡ଼ାଗଣ୍ଡ ନାଳ ପାଖରେ ଥିବା ସରକାରୀ ଜମିକୁ ଚିହ୍ନଟ କରାଯାଇ ଠିକାଦାର ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରି କାମ ମଧ୍ୟ ଆରମ୍ଭ କରିଥିଲେ । ହେଲେ ରାଜ୍ୟରେ ଶାସନ ପରିବର୍ତ୍ତନ ହେବା ମାତ୍ରେ ହିଁ ଏହି ପ୍ରକଳ୍ପ ଉପରେ ଗ୍ରହଣ ଲାଗିଗଲା । ନୂଆ ସରକାର ଆସିବା ପରେ ସେଠାରେ କାମ ସମ୍ପୂର୍ଣ୍ଣ ବନ୍ଦ କରିଦିଆଗଲା, ଯାହାଫଳରେ ପୂର୍ବରୁ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ସରକାରୀ ଟଙ୍କା ପାଣିରେ ପଡ଼ିବା ସଦୃଶ ହୋଇଛି । ଅପରପକ୍ଷରେ, ଦୋବଲ ବଜାର ଷ୍ଟେଟ୍ ବ୍ୟାଙ୍କ ସାମ୍ନାରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡର ସ୍ଥିତି ଦିନକୁ ଦିନ ଅତି ଶୋଚନୀୟ ହେବାରେ ଲାଗିଛି । ମୁସ୍ତଫାପୁର ମୌଜାର ଖାତା ନଂ ୬୧୩, ପ୍ଲଟ୍ ନଂ ୭୩୨ ଅନ୍ତର୍ଗତ ଏହି ପ୍ରାୟ ୬୦-୭୦ ବର୍ଷର ପୁରୁଣା ବସ୍‌ଷ୍ଟାଣ୍ଡ ଜମିକୁ ଚାରିଆଡୁ ଆବଦ୍ଧ କରି କବ୍‌ଜା କରାଯାଉଛି । ବସ୍‌ଷ୍ଟାଣ୍ଡକୁ ଲାଗି ରହିଥିବା ଆରାଧନାସ୍ଥଳୀ ଓ ମସ୍‌ଜିଦ୍ ପାର୍ଶ୍ୱରୁ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକେ ବାରମ୍ବାର ମାଟି ପକାଇ ସ୍ଥାନଟିକୁ ଉଚ୍ଚା କରୁଛନ୍ତି । କେବଳ ସେତିକି ନୁହେଁ, ବସ୍‌ଷ୍ଟାଣ୍ଡରୁ ଜଳ ନିଷ୍କାସନ ପାଇଁ ଥିବା ହ୍ୟୁମ୍‌ପାଇପ୍‌କୁ ମଧ୍ୟ ବନ୍ଦ ହୋଇଯାଇଛି । ଫଳରେ ସାମାନ୍ୟ ବର୍ଷା ହେଲେ ପୁରୁଣା ବସ୍‌ଷ୍ଟାଣ୍ଡ ପରିସରରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି । ଯାତ୍ରୀମାନେ ବାଧ୍ୟ ହୋଇ ମୁଖ୍ୟ ରାସ୍ତା ଉପରେ ବିପଦପୂର୍ଣ୍ଣ ଭାବେ ବସ୍‌କୁ ଅପେକ୍ଷା କରୁଛନ୍ତି, ଯାହାଦ୍ୱାରା ପ୍ରତିଦିନ ସେଠାରେ ଦୁର୍ଘଟଣାର ଆଶଙ୍କା ଓ ଟ୍ରାଫିକ୍ ସମସ୍ୟା ଉପୁଜୁଛି । ୨୦୨୨ ମସିହା ଜୁଲାଇ ଓ ଅଗଷ୍ଟ ମାସରେ ଏହି ଜମି ବିବାଦକୁ ନେଇ ଦୋବଲରେ ନିଆଁ କୁହୁଳୁଥିଲା । ତତ୍କାଳୀନ ତହସିଲଦାର କ୍ଷୀରୋଦ ପଣ୍ଡାଙ୍କ ଅଧାପନ୍ତରିଆ ମାପଚୁପକୁ ବିରୋଧ କରି 'ଦୋବଲ ବସ୍‌ଷ୍ଟାଣ୍ଡ ସୁରକ୍ଷା ମଞ୍ଚ' ସାମ୍ବାଦିକ ସମ୍ମିଳନୀ କରି ପ୍ରଶାସନ ଉପରେ ବର୍ଷିଥିଲା । ସେତେବେଳର ବିରୋଧୀ ଦଳର ନେତା ଅମୀୟ ମହାନ୍ତି, ଅରବିନ୍ଦ ପତି, ରଞ୍ଜିତ ମହାନ୍ତି, ମଦନମୋହନ ଦାସ ପ୍ରମୁଖ ଘନ ଘନ ବୈଠକ କରି ଆନ୍ଦୋଳନର ହୁଙ୍କାର ଦେଉଥିଲେ । ସେହିପରି ୨୪ ଅଗଷ୍ଟ ୨୦୨୨ରେ ଶାସକ ଦଳର ବବି ଦାସଙ୍କ ଉପସ୍ଥିତିରେ ଉଭୟ ସମ୍ପ୍ରଦାୟକୁ ନେଇ ବୈଠକ ବସିଥିଲା ଓ ସମାଧାନର ପ୍ରତିଶ୍ରୁତି ଦିଆଯାଇଥିଲା । ସେତେବେଳେ ତତ୍ପରତା ଦେଖାଉଥିବା ସେହି ନେତାମାନେ ଆଜି ନିଜ ସରକାର ଥାଇ ମଧ୍ୟ କାହିଁକି ଚୁପ୍ ? କେବଳ ରାଜନୈତିକ ଫାଇଦା ପାଇଁ ସେତେବେଳେ ଜନଅସନ୍ତୋଷକୁ ବ୍ୟବହାର କରାଯାଇଥିଲା କି ? ନା ପ୍ରସ୍ତାବିତ ନୂଆ ଜାଗାରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ହୋଇପାରିଲା, ନା ପୁରୁଣା ବସ୍‌ଷ୍ଟାଣ୍ଡକୁ ଜବରଦଖଲ ମୁକ୍ତ କରାଯାଇପାରିଲା । ପ୍ରଶାସନ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ଏହି ନୀରବତା ଏବେ ଦୋବଲବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ଯଦି ତୁରନ୍ତ ଏହାର ସ୍ଥାୟୀ ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ସାଧାରଣ ଜନତା ସ୍ୱତଃସ୍ଫୂର୍ତ୍ତ ଭାବେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ବକେୟା ପେନ୍‌ସନ୍ ମାମଲା ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ଜିଲ୍ଲାରେ ଦୀର୍ଘଦିନ ଧରି ବକେୟା ରହିଥିବା ପେନ୍‌ସନ୍ ମାମଲାଗୁଡ଼ିକର ଶୀଘ୍ର ସମାଧାନ ନିମନ୍ତେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଡେପୁଟି କଲେକ୍ଟର (ଏଷ୍ଟାବ୍ଲିସ୍ ମେଣ୍ଟ) ପରିପୂର୍ଣ୍ଣା ଦେବୀଙ୍କ ସଂଯୋଜନାକ୍ରମେ ଆୟୋଜିତ ଏହି ବୈଠକରେ ବୌଦ୍ଧ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଲଦୀପ ମିନା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସମୀକ୍ଷାବେଳେ ଜଣାପଡ଼ିଲା ଯେ ଜିଲ୍ଲାର ୨୮ଟି ବିଭାଗରେ ମୋଟ୍ ୧୫୩ଟି ପେନ୍‌ସନ ମାମଲା ବିଚାରାଧୀନ ରହିଛି । ଏଥିମଧ୍ୟରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ସର୍ବାଧିକ ୫୬ଟି ମାମଲା ବକେୟା ଥିବାବେଳେ ବୌଦ୍ଧ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ୧୩ଟି ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) କାର୍ଯ୍ୟାଳୟରେ ୧୦ଟି ମାମଲା ବକେୟା ରହିଛି । ଏହା ବ୍ୟତୀତ ବିଭିନ୍ନ ତହସିଲ, ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରେ ମଧ୍ୟ କିଛି ସଂଖ୍ୟକ ପେନ୍‌ସନ୍ ମାମଲା ବିଚାରଧୀନ ଥିବା ସୂଚନା ମିଳିଥିଲା । ବୈଠକରେ ୧୦ ଜଣ ପେନ୍‌ସନ୍ ଭୋଗୀ ଉପସ୍ଥିତ ରହି ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ । ପେନ୍‌ସନ୍ ମାମଲା ସମାଧାନରେ ହେଉଥିବା ବିଳମ୍ବକୁ ଗୁରୁତର ସହ ନେଇ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଓ ସମସ୍ତ ପେନ୍‌ସନ୍ ମଞ୍ଜୁରୀ ପ୍ରାଧିକାରୀଙ୍କୁ ନିଜ ନିଜ ସ୍ତରରେ ବକେୟା ମାମଲାଗୁଡ଼ିକୁ ଆସନ୍ତା ୭ ଦିନ ମଧ୍ୟରେ ନିଶ୍ଚିତ ଭାବେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ କହିଥିଲେ ଯେ ପେନ୍‌ସନ୍ ସମ୍ବନ୍ଧୀୟ ମାମଲା ସେବାନିବୃତ୍ତ କର୍ମଚାରୀଙ୍କ କଲ୍ୟାଣ ସହ ସିଧାସଳଖ ଭାବେ ଜଡ଼ିତ । ତେଣୁ ଏହି ସମସ୍ତ ମାମଲାକୁ ସର୍ବୋଚ୍ଚ ପ୍ରାଥମିକତା ଭିତ୍ତିରେ ସମାଧାନ କରିବା ସହ ଦାୟିତ୍ୱବୋଧ ଓ ସମୟବଦ୍ଧ ସେବା ପ୍ରଦାନ ଉପରେ ସମସ୍ତ ବିଭାଗ ଗୁରୁତ୍ୱ ଦେବା ଆବଶ୍ୟକ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବକେୟା ପେନ୍‌ସନ୍ ମାମଲାର ଶୀଘ୍ର ସମାଧାନ ସହ ଯୋଗ୍ୟ ହିତାଧିକାରୀମାନଙ୍କୁ ବିନା ବିଳମ୍ବରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବା ପାଇଁ କହିଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

## ଶସ୍ତା ହେବ ମୋବାଇଲ-ଲାପଟପ୍

ମେମୋରି ଚିପ୍ ହବ୍ ପାଲଟିବ ଭାରତ ! ଶସ୍ତା ହେବ ମୋବାଇଲ-ଲାପଟପ୍ , ସରକାର ଦେଲେ ବଡ଼ ନିବେଶର ସଙ୍କେତ। ମନ୍ତ୍ରୀଙ୍କ କହିବା ଅନୁସାରେ, ବିଶ୍ୱ ସ୍ତରରେ ମେମୋରୀ ଚିପ୍ର ଆବଶ୍ୟକତା ଓ ଯୋଗାଣ ଭିତରେ ବଡ଼ ଧରଣର ପ୍ରାର୍ଥକ୍ୟ ଦେଖିବାକୁ ମିଳିଛି। ବିଶେଷ ଭାବରେ ଏଆଇ ଡାଟା ସେଣ୍ଟର, କ୍ଲାଉଡ୍ କମ୍ପ୍ୟୁଟିଂ, ସୁପର କମ୍ପ୍ୟୁଟର ଓ ହାଇ-ବ୍ୟାଣ୍ଡୱିଡଥ୍ ମେମୋରି ଚିପ୍ର ଆବଶ୍ୟକତା ଉଦ୍ୟୋଗ ଜଗତ ଉପରେ ଚାପ ପକାଉଛି। ଏଆଇ ଡାଟା ସେଣ୍ଟର ଓ ହାଇପରଫରମାନ୍ସ କମ୍ପ୍ୟୁଟିଂର ବଢ଼ୁଥିବା ଆବଶ୍ୟକତା ଭିତରେ ସାରା ଦୁନିଆରେ ମେମୋରି ଚିପର ଆବଶ୍ୟକତା ଦ୍ରୁତ ଗତିରେ ବଢିବାରେ ଲାଗିଛି। ଏହାକୁ ଦେଖି ଭାରତ ମଧ୍ୟ ସେମିକଣ୍ଡକ୍ଟର ଓ ମେମୋରି ଚିପ୍ ନିର୍ମାଣ କ୍ଷେତ୍ରରେ ବଡ଼ ନିବେଶ କରିବାର ପ୍ରସ୍ତୁତି କରୁଛି। କେନ୍ଦ୍ର ଇଲୋକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରାଦ୍ୟୋଗିକ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଗାମୀ ସମୟରେ ଭାରତରେ ମେମୋରି ଚିପ୍ ନିର୍ମାଣ ସମ୍ପର୍କିତ ନୂଆ କମ୍ପାନୀ ନିବେଶ କରି ପାରିବେ, ସେଭଳି ପୂର୍ବରୁ ଥିବା କମ୍ପାନୀ ମଧ୍ୟ ନିଜ ପ୍ରଡକ୍ଟ ଉତ୍ପାଦନ କ୍ଷମତାକୁ ବଢାଇବା ଉପରେ କାମ କରିପାରିବ। ମନ୍ତ୍ରୀଙ୍କ କହିବା ଅନୁସାରେ, ବିଶ୍ୱ ସ୍ତରରେ ମେମୋରୀ ଚିପର ଆବଶ୍ୟକତା ଓ ଯୋଗାଣ ଭିତରେ ବଡ଼ ଧରଣର ପ୍ରାର୍ଥକ୍ୟ ଦେଖିବାକୁ ମିଳିଛି। ବିଶେଷ ଭାବରେ ଏଆଇ ଡାଟା ସେଣ୍ଟର, କ୍ଲାଉଡ୍ କମ୍ପ୍ୟୁଟିଂ, ସୁପର କମ୍ପ୍ୟୁଟର ଓ ହାଇ-ବ୍ୟାଣ୍ଡୱିଡଥ୍ ମେମୋରି ଚିପ୍ର ଆବଶ୍ୟକତା ଉଦ୍ୟୋଗ ଜଗତ ଉପରେ ଚାପ ପକାଉଛି। ଏହି କାରଣରୁ ଗତ କିଛି ତ୍ରୟମାସିକରେ ମେମୋରି ଚିପର ଦାମ୍ ବି ଲଗାତାର ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ସ୍ମାର୍ଟଫୋନ୍ ଓ ଅନ୍ୟ ଇଲୋକ୍ଟ୍ରୋନିକ୍ ଉପକରଣର ଉପରେ ବି ପଡ଼ିଛି। ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସେମି କଣ୍ଡକ୍ଟର ଉଦ୍ୟୋଗର ଇତିହାସରେ ପ୍ରଥମ ଥର କିଛି ବିଶେଷ ପ୍ରକାରର ମେମୋରି ଚିପର ଅଭାବ ଅନୁଭୂତ ହେଉଛି। ଏଆଇ ଆଧାରିତ ଟେକ୍ନୋଲୋଜିର ବିସ୍ତାର କାରଣରୁ ଡାଟା ପ୍ରୋସେସିଂ ଓ ଷ୍ଟୋରେଜର ଦାବି ରେକର୍ଡ ସ୍ତରରେ ପହଞ୍ଚିପାରେ। ଏଭଳି ସ୍ଥିତିରେ ସାରା ଦୁନିଆରେ କମ୍ପାନୀ ଗୁଡିକ ନୂଆ ଉତ୍ପାଦନ ୟୁନିଟ୍ ତିଆରି କରିବା ଓ ଥିବା ପ୍ଲାଣ୍ଟର ବିସ୍ତାର କରିବାରେ ଲାଗିଛନ୍ତି। ତାଙ୍କର କହିବା ଅନୁସାରେ, ହାଇ ବ୍ୟାଣ୍ଡୱିଡଥ୍ ମେମୋରୀ ଚିପ ବ୍ୟବହାର ମୁଖ୍ୟ ରୂପରେ ଏଆଇ ସିଷ୍ଟମ, ଡାଟା ସେଣ୍ଟର, ସୁପର କମ୍ପ୍ୟୁଟର ଓ ଆଡଭାନ୍ସ ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍ କରାଯାଏ। ବର୍ତ୍ତମାନ ଏହି ଚିପ୍ର ଆବଶ୍ୟକତା ଏତେ ଅଧିକ ଯେ, ବହୁ କମ୍ପାନୀ ନୂଆ ଫ୍ୟାକ୍ଟ୍ରି ଆରମ୍ଭ କରୁଛନ୍ତି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଦରକାରୀ

ଶ୍ରଦ୍ଧେୟ ଭକ୍ତବୃନ୍ଦ,ଏ ସଂସାରରେ କିଛି ଅଦରକାରୀ ନୁହେଁ । ସବୁ ଦରକାରୀ । ନିଜକୁ ହୀନ ମଣୁଥିବା ବ୍ୟକ୍ତି ଅନ୍ୟକୁ ଅଦରକାରୀ ବୋଲି ଭାବିଥାଏ । ସେ ଜାଣି ପାରି ନଥାଏ ଯେ ତା ଭିତରେ ସେଇ ଏକ ଚୈତନ୍ୟ ଶକ୍ତି ଅଛି ବୋଲି । କାରଣ କଥାରେ ଅଛି କାଷ୍ଠ ପାଷାଣ ତରୁତୃଣ, ଶରୀରେ ହୃଦେ ନାରାୟଣ, ଏହାହିଁ ନିରାଟ ସତ୍ୟ । କିନ୍ତୁ ଆମର ଜ୍ଞାନ ଯେଉଁ ପର୍ଯ୍ୟନ୍ତ ପ୍ରଭାବିତ ହୋଇଥାଏ ଆମେ ତାକୁ ଦରକାରୀ ବୋଲି କହିଥାଉ । କିନ୍ତୁ ତା ପରେ ଯାହାକିଛି ଆମେ ତାକୁ ଜାଣିନାହୁଁ । ତେଣୁ ଆମେ ତାକୁ ଅଦରକାରୀ ବସ୍ତୁ ଭାବି ଫିଙ୍ଗି ଦେଇଥାଉ । ତେଣୁ ଜ୍ଞାନକୁ ଆହୁରି ସରଳୀକରଣ କରି ବିସ୍ତାର କର, ତାହେଲେ ତୁମେ ତୁମର ପ୍ରାପ୍ୟ ନିଶ୍ଚୟ ପାଇପାରିବ । ସୂକ୍ଷ୍ମରୁ ସୂକ୍ଷ୍ମ ଦେଖିବ ତୁମର ପ୍ରତ୍ୟେକ କାର୍ଯ୍ୟ ସେଇ ଇଶ୍ୱର ହିଁ କରି ଚାଲିଛନ୍ତି । ତୁମେ ନୁହଁ । ହରିଓଁ ।

### ବାଧକ ନଥିଲେ ସାଧକ ନୁହେଁ

ହେ ସୁଧିଜନ ଦୁଃଖ ନଥିଲେ ସୁଖ ନାହିଁ । ଦିନ ନଥିଲେ ରାତି ନାହିଁ । ବାଧା ନଥିଲେ ଜଣେ ସାଧୁ ହୋଇପାରେ ନାହିଁ । କାରଣ ବାଧକ ହିଁ ଅଗ୍ନି, ତେଜ, ଶକ୍ତିକୁ ଉତ୍ପନ୍ନ କରିଥାଏ ସାଧକର ଶରୀର ଭିତରେ, ସେହିଁ ଗୁରୁ, ସେହିଁ ଅଚେତ ଘଟକୁ ଚେତନା ରୂପକ ଚୈତନ୍ୟ ଶକ୍ତିକୁ ସାଧକକୁ ଆଧାର ଦେଇଥାଏ । ତେଣୁ କଥାରେ ଅଛି କଷ୍ଟ କଲେ କୃଷ୍ଣ ମିଳନ୍ତି। ସେଠାରେ ଧନ ଲେଖାନଥାଏ । ଭକ୍ତ ହେଉ କି ଶିଷ୍ୟ ହେଉ କି ସାଧକ ହେଉ ତାକୁ ପ୍ରଥମେ ତାର ଲକ୍ଷ କଣ ବୁଝିବାକୁ ପଡିବ । ସେହି ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ ତାକୁ ସେହିପରି ବିନମ୍ରତା, ସାଧୁତା, ସତ୍ୟତା, ସଂଯମତା, ସେବା, ଦୟାଭାବ, ଦାନଭାବ ଉପରେ ଗୁରୁତ୍ୱ ଦେବାକୁ ପଡିଥାଏ ।ଏହି ସବୁ ହେଉଛି ମାୟାର ବାଧକ । ଏହାହିଁ ସରଳ ସାଧନା ବା ସାଧନାର ମାର୍ଗ । ତେଣୁ ଗୁରୁମୁଖୀ ହୋଇ କର୍ମରେ ଦେଖିବ ତୁମର ନିଶ୍ଚୟ ସାଧନା ମାର୍ଗରେ ସିଦ୍ଧି ଲାଭ ହୋଇପାରିବ । ହରିଓଁ ।

◆◆

# ଉତ୍କଳ ଶାସନରେ ଅସ୍ତଗାମୀ ସୂର୍ଯ୍ୟବଂଶ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସୂର୍ଯ୍ୟବଂଶର ଗଜପତି ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁ ପରେ ଗଜପତି ଆସନରେ ଆଉ ବସିବା ନିମନ୍ତେ ତାଙ୍କର କେହି ଯୋଗ୍ୟ ପୁତ୍ର ନଥିଲେ। ତଥାପି ତାଙ୍କର ପ୍ରଥମ ପୁତ୍ର କାଲୁଆ ଦେବଙ୍କୁ ଶାସନ ଗାଦିରେ ବସାଯାଇଥିଲା ହେଲେ ତାଙ୍କର କାର୍ଯ୍ୟକାଳ ଥିଲା ମାତ୍ର ବ୧।୫।୩ ଦିନ। ପ୍ରତାପରୁଦ୍ର ଦେବଙ୍କର ମନ୍ତ୍ରୀ କୁଚକ୍ରୀ ଗୋବିନ୍ଦ ବିଦ୍ୟାଧର ତାଙ୍କୁ ହିଙ୍ଗିଡ଼ି ଖେଳରେ ଘୋଡ଼ା ମଡ଼ାଇ ବାରବାଟୀ ଗଡ଼ର ସିଂହଦ୍ୱାରରେ ମାରିଦେଲେ। (ମାଦଳାପାଞ୍ଜି, ପୃଷ୍ଠା-୩୭)। ତାଙ୍କ ପରେ ତାଙ୍କର ଅନ୍ୟ ପୁଅ ପୁରୁଷୋତ୍ତମ ବଡ଼ଜେନା କଖାରୁଆ ପ୍ରତାପ ଦେବ ନାମରେ ୩ମାସ ନିମନ୍ତେ ସିଂହାସନ ଆରୋହଣ କରିଥିଲେ। ଅନ୍ୟ ପାଞ୍ଜି ମତେ ସେ ଶାସନରେ ରହିଥିଲେ ବ୧।୬।୩ ଦିନ। ସେ ଥିଲେ ଅପାରଗ ଓ ତାଙ୍କ ଶାସନରେ ଉତ୍କଳରେ ଗୃହ ଯୁଦ୍ଧ କ୍ରମଶଃ ଆରମ୍ଭ ହେଲା। ସେତେବେଳେ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ଗଜପତି ସିଂହାସନ ଆରୋହଣ ପାଇଁ ସୁଯୋଗ ଖୋଜୁଥିଲେ। ସେ ଦେଖିଲେ ଯେ ଯଦି ଏପରି ଭାବରେ ଶାସନ ଚାଲେ ତେବେ ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇଯିବ। ଏହା ପୂର୍ବରୁ ରାଜଗୁରୁ ଜୀବଦେବାଚାର୍ଯ୍ୟଙ୍କର ଦେହାବସାନ ହୋଇସାରିଥିଲା। ଦେଶ ତଥା ଜାତିକୁ ଏକାଠି କରି ବଞ୍ଚାଇ ରଖିବା ପାଇଁ ପ୍ରତାପରୁଦ୍ରଙ୍କର ଆଉ ସେପରି କୌଣସି ସୁଯୋଗ୍ୟ ଦାୟାଦ ନଥିଲେ। ତେଣୁ ଗୋବିନ୍ଦ ବିଦ୍ୟାଧର ସିଂହାସନ ପାଇବା ଲୋଭରେ ପ୍ରତାପରୁଦ୍ର ଦେବଙ୍କ ଅନ୍ୟ ୧୫ଜଣ ପୁଅଙ୍କୁ ଜଣକ ପରେ ଜଣଙ୍କୁ ହତ୍ୟା କରି ଚାଲିଲେ। ସେତେବେଳେ ରାଜଗୁରୁ ପଦରେ ଥିଲେ କାଶୀ ମିଶ୍ର। ସେହି ପଦବୀ ପାଇଁ ସେ ଥିଲେ ସମ୍ପୂର୍ଣ୍ଣ ଅଯୋଗ୍ୟ। ବାରବାଟୀ ଦୁର୍ଗର ସିଂହଦ୍ୱାରରେ ପ୍ରତାପରୁଦ୍ରଙ୍କର ସମସ୍ତ ପୁତ୍ରମାନଙ୍କୁ ବିଭିନ୍ନ ଉପାୟରେ ହତ୍ୟା କରାଯାଇଥିଲା। ଏହାର ମୁଖ୍ୟ ନାୟକ ଥିଲେ ମଧୁ ଶ୍ରୀଚନ୍ଦନ ମହାପାତ୍ର। ରାମଚନ୍ଦ୍ର ସାମନ୍ତରାୟ ନାମରେ ଜଣେ ମୁଖ୍ୟ ଦଳ ବେହେରା ସେମାନଙ୍କର ଏପରି କାର୍ଯ୍ୟ ଦେଖି ଘୋର ପ୍ରତିବାଦ କରିବାରୁ ତାଙ୍କର ଶିରଚ୍ଛେଦ କରିଦିଆଗଲା।

"୧ମ ଓ ୨ୟ ପାଞ୍ଜି ମତେ- ଏ ଉତ୍ତାରୁ ଗୋବିନ୍ଦ ଭୋଇ ବିଦ୍ୟାଧର ମହାରାଜା ହୋଇଲେ। ପ୍ରତାପରୁଦ୍ର ଦେବ ମହାରାଜାଙ୍କର ବତିଶ ପୁଅ ଥିଲେ। ତାହାଙ୍କୁ ଗୋବିନ୍ଦ ଦେବ ମହାରାଜାଏ ମରାଇ ପକାଇଲେ କଟକ ସିଂହଦ୍ୱାରେ ମଧୁ ଶ୍ରୀଚନ୍ଦନ ମହାପାତ୍ର ଥାଇଁ ମରାଇ ପକାଇଲେ। ଏକାଦିନରେ ଭଲ ଭଲ ଲୋକମାନଙ୍କୁ ମରାଇ ପକାଇଲେ। ରାମଚନ୍ଦ୍ର ସାନ୍ତରା ମୁଣ୍ଡ ଛେଚାଇ ମାଇଲେ। ଏହାଙ୍କ ପାତ୍ର ହୋଇଲେ ଦନାଇ ବିଦ୍ୟାଧର। ଏ ରାଜା ବୀର ଗୋବିନ୍ଦପୁର ପୋଖରୀ ଖୋଳାକଲେ। ଏ (ଏଠାରେ) ଶାସନ (ବସାଇ ବ୍ରାହ୍ମଣ ସାଆନ୍ତମାନଙ୍କ) ଦାନ (କରି) ଦେଲେ। ଏ ମହାରାଜାଙ୍କ ସାତ ୭ ଅଙ୍କେ ଗଏଲକୁଣ୍ଡା କଟକାଇ କଲେ। ଅଠର ମାସ ସେଠାରେ ରହିଲେ। ଏହାଙ୍କ ଭଣଜା ରଘୁଭଞ୍ଜ ଛୋଟରାଏ / ବାଲୁଙ୍କି ଶ୍ରୀଚନ୍ଦନ ମହାପାତ୍ର ଏ ରାଜାଙ୍କୁ ନ ମାନି ଗୋଳ କଲେ। ଶ୍ରୀପୁରୁଷୋତ୍ତମ ଯାଏ ଚଳାଇ ଅଇଲେ। ବଡ଼ ଦେଉଳ ପରୀକ୍ଷା ମୁଣ୍ଡ କାଟି ପକାଇଲେ। କଟକେ ଶ୍ରୀନବର ଆବୋରି ରହିଲେ। ମୁକୁନ୍ଦ ଶ୍ରୀଚନ୍ଦନ ଜଗିଆ ହୋଇଥିଲେ ସେ ମାଣିଖଣ୍ଡି ଶ୍ରୀନବର ଆବୋର ରହିଲେ। ଏହା ଦଖିଣେ ରାଜା ବାରତା ପାଇ ଦଖିଣେ ଦନାଇ ବିଦ୍ୟାଧରଙ୍କୁ ରୁହାଇ ଅଇଲେ। ପନ୍ଦର ଦିନେ ରାଜା ଆସି ପରମେଶ୍ୱରଙ୍କୁ ଦରଶନ କଲେ। ଏହା ରଘୁଭଞ୍ଜ ଛୋଟରାଏ ବାରତା ପାଇ ଅବଦୁଲୀ ସାହାଙ୍କୁ ଘେନି ବାଲୁଙ୍କି ଶ୍ରୀଚନ୍ଦନଙ୍କୁ ଘେନି ମହାନଦୀ ପରି ହୋଇ ମୁରାଟି ରହିଲେ। ସଙ୍ଗତେ ଷାଠିଏ ସହସ୍ର ଲୋକ ଘେନି ଚିତ୍ରପୁରଠାରେ ପଟୁଆର ଯୁଝ ହୋଇଲା। ଦୁଇ ଆଡ଼ରୁ ସୈନ୍ୟ ଅପାର ପଡ଼ିଲେ। ସେଠାରୁ ଏ ତିନି ଲୋକେ ଭାଙ୍ଗିଲେ। ଗଙ୍ଗା କୁଳଯାଏ ରାଜା ଗୋଡ଼ାଇଲେ। କେହି ରହି ନ ପାରି ପଳାଇଲେ। ରଜା ସେଠାରୁ ବାହୁଡ଼ି ଅଇଲେ। ଦଶାଶ୍ୱମେଧ ଘାଟେ ରାଜା ଆବାହନ ହୋଇଲେ। ଏ ରାଜା ଭୋଗ କଲେ ବ୧୧।୭ମାସ। ଅନ୍ୟ ପାଞ୍ଜି ମତେ ଏ ରାଜା ଭୋଗ କଲେ ବ୭ର୍ଷ ୧୪୫୬ରୁ ୧୪୬୩ ଶକାବ୍ଦ। ୩ୟ ପାଞ୍ଜି ମତେ- ଏ ଭୋଗକଲେ ବ୭ର୍ଷ-ଶ୧୪୭୩ ପର୍ଯ୍ୟନ୍ତ।"

ଗୋବିନ୍ଦ ବିଦ୍ୟାଧର ଗଜପତି ଗାଦିରେ ବସିଲେ ସତ ମାତ୍ର ଉତ୍କଳରେ ଗୃହଯୁଦ୍ଧ ବଢ଼ିବାରେ ଲାଗିଲା। ସେତେବେଳେ ଜୀବଦେବାଚାର୍ଯ୍ୟଙ୍କ ପୁଅ ଜୟଦେବ (୨ୟ)ଙ୍କୁ ରାଜଗୁରୁ ପଦରେ ରଖାଯାଇଥିଲା। ସେ ରାଜଗୁରୁ ହେଲେ ମଧ୍ୟ ଗୋବିନ୍ଦ ବିଦ୍ୟାଧର ତାଙ୍କର ପରାମର୍ଶକୁ ଆଦୌ ମାନୁନଥିଲେ। ତେବେ ଜୟଦେବ ଥିଲେ ଅତି ଶାନ୍ତ ପ୍ରକୃତିର ଲୋକ। ଯେତେବେଳେ ଶାସକ ତାଙ୍କର କୌଣସି ପରାମର୍ଶକୁ ଗ୍ରହଣ କରୁନାହାନ୍ତି ତେବେ ସେ କରିବେ ବା କ'ଣ? ଯାହା ହେଉ ନିଜ ଆତ୍ମବିଶ୍ୱାସକୁ ନେଇ ସେ ସେହି ପଦରେ ଖ୍ରୀ.ଅ. ୧୫୩୫-୧୫୪୯ ପର୍ଯ୍ୟନ୍ତ ରହିପାରିଥିଲେ। ତେଣେ ଗୋବିନ୍ଦ ବିଦ୍ୟାଧରଙ୍କ ଭଣଜା ରଘୁଭଞ୍ଜ ଛୋଟରାୟ ମାମୁଙ୍କର ଏପରି ସବୁ କାର୍ଯ୍ୟରେ କ୍ରୋଧିତ ହୋଇ ତାଙ୍କୁ ରାଜା ବୋଲି ଆଦୌ ସ୍ୱୀକାର କଲେନାହିଁ। ଆଉ ନିଜ ମାମୁ ଗୋବିନ୍ଦ ବିଦ୍ୟାଧର କିପରି ରକ୍ତର ହୋରି ଖେଳି ଶାସନ ଗାଦି ମାଡ଼ି ବସିଛନ୍ତି ତାହା ସେ ପ୍ରଜାଙ୍କ ନିକଟରେ ପ୍ରଚାର କରିଦେଲେ। ଏପରି ଅନ୍ୟାୟରେ ରାଜପୁତ୍ରମାନଙ୍କୁ ହତ୍ୟା କରି ଗାଦି ପାଇଥିବାରୁ ଗୋବିନ୍ଦ ବିଦ୍ୟାଧରଙ୍କ ବିରୁଦ୍ଧରେ ପ୍ରଜାମାନେ ମେଳି ଆରମ୍ଭ କରିଦେଲେ ଓ ତାଙ୍କର ଗଜପତି ପଦକୁ ଅସ୍ୱୀକାର କଲେ। ଏହାଫଳରେ ରାଜଶାସନ ବିରୁଦ୍ଧରେ କ୍ରମଶଃ ପ୍ରଜାମେଳି ବଢ଼ିବାରେ ଲାଗିଲା। ଶାସନର ଏପରି ଅବସ୍ଥା ଉପରେ ନଜର ରଖି ଗୋଲକୁଣ୍ଡାର ସୁଲତାନ ଉତ୍କଳର ଦକ୍ଷିଣାଞ୍ଚଳକୁ ନିଜର ଆଧିପତ୍ୟରେ ରଖିନେଲେ ଯାହାଫଳରେ ଗୋବିନ୍ଦ ବିଦ୍ୟାଧର ତାଙ୍କ ସହ ଯୁଦ୍ଧ କରିବାକୁ ଦକ୍ଷିଣ ଅଞ୍ଚଳକୁ ଆଗେଇ ଗଲେ। ଯୁଦ୍ଧ ପ୍ରାୟ ୧୮ମାସ ଧରି ଚାଲିଲା। ତେଣେ ରଘୁଭଞ୍ଜ ବଙ୍ଗଳାର ଆଫଗାନ୍ ଶାସକମାନଙ୍କ ସହ ସାଲିସ କରି ଉତ୍ତରଦିଗରୁ ବିଦ୍ରୋହ ଆରମ୍ଭ କରାଇଦେଲେ। ଓଡ଼ିଶା ଇତିହାସରେ ଶତ୍ରୁମାନଙ୍କୁ ଡାକିଆଣି ଗୃହଯୁଦ୍ଧ ବା ଆକ୍ରମଣ କରିବାରେ ରଘୁଭଞ୍ଜ ଯାହା କରିଗଲେ ତାହା କେହି ଆଗରୁ କରିପାରିନଥିଲେ। ଦକ୍ଷିଣରୁ ଗୋବିନ୍ଦ ବିଦ୍ୟାଧର ଏପରି ଖବର ଶୁଣି ଭଣଜା ରଘୁଭଞ୍ଜଙ୍କୁ ଧରିବା ପାଇଁ ଉତ୍ତରଦିଗକୁ ସୈନ୍ୟ ଚାଳନା କରିଥିଲେ। ଗୋବିନ୍ଦ ବିଦ୍ୟାଧର ଆସୁଥିବା ଖବର ପାଇ ରଘୁଭଞ୍ଜ ପଳାଇଗଲେ। ଯାହାଫଳରେ ଗୋଲକୁଣ୍ଡାର ସୁଲତାନ ଖ୍ରୀ.ଅ. ୧୫୪୭ରେ ଉତ୍କଳର ସମସ୍ତ ଦକ୍ଷିଣାଞ୍ଚଳକୁ ନିଜ ଦଖଲକୁ ନେଇଗଲେ। ଅତ୍ୟଧିକ ପରିଶ୍ରମ କରିବାରୁ ଗୋବିନ୍ଦଙ୍କର ଗଙ୍ଗା କୂଳରେ ମୃତ୍ୟୁ ହୋଇଥିବାର କୁହାଯାଏ। ରଘୁଭଞ୍ଜଙ୍କ ସହ ସାଲିସର ସୁଯୋଗ ପାଇ ବଙ୍ଗଳାର ଆଫଗାନ୍ ଶାସକ ଚୁପ୍ ହୋଇ ବସିନଥିଲେ। ଦକ୍ଷିଣରେ ଗୋଲକୁଣ୍ଡା ସୁଲତାନଙ୍କ ଆକ୍ରମଣ ଓ ଉତ୍ତର ପାର୍ଶ୍ୱରେ ଆଫଗାନ୍ମାନଙ୍କର ଆକ୍ରମଣ ଭୟ ସହିତ ଆଭ୍ୟନ୍ତରର ପ୍ରଜାମେଳିକୁ ସମ୍ଭାଳିବା ଗୋବିନ୍ଦଙ୍କ ପକ୍ଷରେ ସମ୍ଭବ ହୋଇପାରିନଥିଲା। ସେତେବେଳେ ବାରବାଟୀ ଦୁର୍ଗର ଶାସକ ଥିଲେ ବୀରେନ୍ଦ୍ର ମୁକୁନ୍ଦ ଶ୍ରୀଚନ୍ଦନ। ଏପରି ଅବସ୍ଥାରେ ସେ ବାରବାଟୀଠାରୁ ମାଣିଖଣ୍ଡି ଦୁର୍ଗ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳର ଦାୟିତ୍ୱ ନିଜ ହାତକୁ ନେଇଯିବାରୁ ପ୍ରଜାମେଳିର ଅବସ୍ଥା ଶାନ୍ତ ପଡ଼ିଲା। ଗୋବିନ୍ଦ ବିଦ୍ୟାଧରଙ୍କର ଅସ୍ଥାୟୀ ଶାସନ କାଳରେ କବି ଲକ୍ଷ୍ମଣ ଭଟ୍ଟ ଶ୍ରୀଗୀତଗୋବିନ୍ଦର ରସିକ ଗଙ୍ଗଦ ଟୀକା ଓ ରାଜଗୁରୁ ଜୟଦେବ (୨ୟ) ପୀୟୂଷ ଲହରୀ ନାଟକ ରଚନା କରିଥିଲେ। ଗୋବିନ୍ଦ ବିଦ୍ୟାଧରଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଚକ୍ରପ୍ରତାପ ଖ୍ରୀ.ଅ. ୧୫୪୯ରେ ଗଜପତି ଶାସନରେ ବସିଥିଲେ। ଖଳ ଲୋକମାନଙ୍କ ପରାମର୍ଶରେ ସେ ଶାସନ ଚଳାଇବାରୁ ପ୍ରଜାମାନେ ଅଥୟ ହୋଇପଡ଼ିଲେ। ଏପରିକି ପଣ୍ଡିତ ଓ ବ୍ରାହ୍ମଣମାନଙ୍କୁ ଘୋଡ଼ା ପାଇଁ ଘାସ କଟାଇ ଯୋଗାଇବା ନିମନ୍ତେ ସେ ଆଦେଶ ଦେଉଥିଲେ। ରଥିପୁର ରାଜନଅର ଏକପ୍ରକାର ଖଳ ଲୋକମାନଙ୍କର ଦରବାର ହୋଇଗଲା। ଏପରି ଅବସ୍ଥାରେ ପୁତ୍ର ନରସିଂହ ଜେନାଙ୍କ ଦ୍ୱାରା ତାଙ୍କର ଖ୍ରୀ.ଅ. ୧୫୫୭ରେ ମୃତ୍ୟୁ ହୋଇଥିଲା। ତାଙ୍କର ଶାସନ କାଳ ଥିଲା ୮ବର୍ଷ। ନରସିଂହ ଦେବ ପିତୃ ହତ୍ୟା କରି ଗଜପତି ଗାଦି ପାଇଥିବାରୁ ପୁଣି ରାଷ୍ଟ୍ର ବିପ୍ଳବ ଦେଖାଗଲା। ନରସିଂହ ଜେନା ଅତି କାମୁକ ଥିଲେ। କରଦ ରାଜ୍ୟର ରାଜାମାନଙ୍କୁ ସୁନ୍ଦରୀ ସ୍ତ୍ରୀ ତାଙ୍କ ପାଖକୁ ଯୋଗାଇବା ନିମନ୍ତେ ଗୁପ୍ତ ଚିଟାଉମାନ ପଠାଇଥିଲେ। ଏହିପରି ଏକ ଚିଠି ବାରବାଟୀ ଦୁର୍ଗ ଶାସକ ମୁକୁନ୍ଦ ହରିଚନ୍ଦନଙ୍କ ହସ୍ତଗତ ହୋଇଥିଲା। ସେ ଏଥିରେ ଏତେ ଉତ୍କ୍ଷିପ୍ତ ହୋଇପଡ଼ିଲେ ଯେ ୨୦୦ ସୈନ୍ୟଙ୍କୁ ସ୍ତ୍ରୀ ବେଶରେ ସଜାଇ ୨୦୦ ସବାରୀରେ ୮୦୦ ଜଣ ବଛା ଯୋଦ୍ଧାମାନଙ୍କୁ ସବାରୀ ବାହକ ଭାବେ ରଥିପୁରଗଡ଼କୁ ପଠାଇ ନରସିଂହଙ୍କୁ ସେଠାରେ ହିଁ ହତ୍ୟା କରାଇଥିଲେ। ଏହାର ନେତୃତ୍ୱ ନେଇଥିଲେ ମୁକୁନ୍ଦ ହରିଚନ୍ଦନଙ୍କ ଚାରିଭାଇ। ନରସିଂହଙ୍କ ସାନ ଭାଇ ରଘୁରାମ ଛୋଟରାୟ ଗଜପତି ଆସନରେ ବସିଲେ। ମାତ୍ର ମୁକୁନ୍ଦ ହରିଚନ୍ଦନ ତାଙ୍କୁ ଧରି ଆଣି ବାରବାଟୀ ଗଡ଼ରେ ବନ୍ଦୀ କରିଦେଲେ। ଏପରି ଶୁଣି ରଘୁଭଞ୍ଜ ଛୋଟରାୟ ଯିଏ କି ଉତ୍ତରରେ ଥିଲେ ସେ ନିଜ ଫଉଜ ସହିତ ମୁକୁନ୍ଦ ହରିଚନ୍ଦନଙ୍କ ସହ କଟକରେ ଯୁଦ୍ଧ କଲେ ଓ ଏହି ଯୁଦ୍ଧରେ ବହୁ ଲୋକ ମୃତାହତ ହେଲେ। ରଘୁଭଞ୍ଜ ଛୋଟରାୟଙ୍କୁ ବନ୍ଦୀ କରି ହତ୍ୟା କରାଗଲା। ସେହିପରି ରଘୁରାମଙ୍କ ସାନଭାଇ ଛୋଟରାୟ ବିଦ୍ୟାଧରଙ୍କୁ ମଧ୍ୟ ବନ୍ଦୀ କରାଯାଇଥିଲା। ରଘୁରାମ ଶାସନରେ ରହିଲେ ମାତ୍ର ବ୧।୭।୧୪ ଦିନ। ପ୍ରଜାମାନେ ଆଶ୍ୱସ୍ତ ହେଲେ ଓ କ୍ରମଶଃ ମୁକୁନ୍ଦଙ୍କ ଶକ୍ତି ବଢ଼ିବାରେ ଲାଗିଲା। ଯେଉଁଠାରେ କିଛି ମେଳି ଆରମ୍ଭ ହେଉଥିଲା ତାହାକୁ ସେ ଦୃଢ଼ ହସ୍ତରେ ଦମନ କରିଦେଉଥିଲେ। ଗୋବିନ୍ଦ ବିଦ୍ୟାଧରଙ୍କ ମନ୍ତ୍ରୀ ଥିଲେ ଦନେଇ (ଜନାର୍ଦ୍ଦନ) ବିଦ୍ୟାଧର। ଏକଦା ଉତ୍କଳକୁ ସ୍ୱାଧୀନ କରିବାର ତାଙ୍କର ଥିଲା ପ୍ରୟାସ ଓ ସେ ନରସିଂହଙ୍କ ସାନଭାଇ ରଘୁରାମ ଜେନାଙ୍କୁ ଗଜପତି ଆସନରେ ବସାଇବାକୁ ଚାହୁଁଥିଲେ। ମାତ୍ର ସୈନ୍ୟବାହିନୀ ତଥା ପ୍ରଜାମାନେ ତାଙ୍କୁ ଶାସନ ଗାଦିରେ ବସାଇବା ପାଇଁ ଚାହୁଁନଥିବାରୁ ଦନେଇ ବିଦ୍ୟାଧର ରଘୁରାମ ଓ ବିଦ୍ରୋହୀ ରଘୁଭଞ୍ଜ ଛୋଟରାୟଙ୍କ ସହିତ ମିଶି ଦେଶରେ ଅରାଜକତା ସୃଷ୍ଟି କରାଇଥିଲେ। ରଘୁରାମଙ୍କ ବଡ଼ଭାଇ ନରସିଂହ ଜେନାଙ୍କୁ ଅନ୍ୟାୟରେ ମାରିଥିବାର ଅପବାଦ ମଧ୍ୟ ଦନେଇ ବିଦ୍ୟାଧର ମୁକୁନ୍ଦଙ୍କ ଉପରେ ଆରୋପ କରିଥିଲେ। ଏହିଭଳି ଭାବରେ ଉତ୍କଳରେ ଅରାଜକତା ଚାଲିଲା ପ୍ରାୟ ୧ବର୍ଷ ୬ମାସ। ଶାସନ ବୋଲି କିଛି ରହିଲାନାହିଁ। ମାତ୍ର ମୁକୁନ୍ଦ ହରିଚନ୍ଦନ ହାରିବାର ଲୋକ ନଥିଲେ। ତାଙ୍କ ପଛରେ ସଂଖ୍ୟାଧିକ ସୈନ୍ୟମାନଙ୍କର ସମର୍ଥନ ଥିଲା। ତେଣୁ ଦନେଇ ବିଦ୍ୟାଧରଙ୍କ ସହ କୌଣସି ପ୍ରକାରର ସାଲିସ ସେ ନକରି ତାଙ୍କ ସହ ରଘୁଭଞ୍ଜ ଛୋଟରାୟଙ୍କୁ ବନ୍ଦୀ କରି ବାରବାଟୀ ଦୁର୍ଗକୁ ନେଇଆସିଲେ। ତାହାପରେ ମୁକୁନ୍ଦ ହରିଚନ୍ଦନ ଗଜପତି ମୁକୁନ୍ଦଦେବ ନାମରେ ଉତ୍କଳର ରାଜ ସିଂହାସନରେ ବସିଲେ। ଦନେଇ ବିଦ୍ୟାଧରଙ୍କର ବନ୍ଦୀ ଅବସ୍ଥାରେ ମୃତ୍ୟୁ ହେଲା। ଦନେଇ ବିଦ୍ୟାଧର ଭୋଇବଂଶର ଚାରିଜଣ ଗଜପତିଙ୍କର ମନ୍ତ୍ରୀ ଓ ସେନାପତି ଭାବରେ ଖ୍ରୀ.ଅ. ୧୫୩୪-୧୫୫୯ ପର୍ଯ୍ୟନ୍ତ ରହିଥିଲେ। ସେ ବାରବାଟୀ ଗଡ଼ ଦାୟିତ୍ୱରେ ଥିବା ମୁକୁନ୍ଦ ହରିଚନ୍ଦନଙ୍କ ସମର୍ଥକ ନଥିଲେ। ତାଙ୍କ ଶାସନ କାଳରେ ସତ୍ୟବାଦୀ ନିକଟରେ ଦନେଇ ବିଦ୍ୟାଧରପୁର ଶାସନ ସେ ବସାଇଥିଲେ ଯାହାକି ସେ ଯୁଗର ସ୍ମୃତିଚାରଣ ଏବେ ବି କରୁଛି। ତାଙ୍କ ମୃତ୍ୟୁ ଦେଖି ତାଙ୍କ ପୁଅ ରମେଇ ରାଉତରା ଭୟରେ ଗଞ୍ଜାମକୁ ପଳାଇଗଲେ। ଯାହାକି ସେତେବେଳେ ଗୋଲକୁଣ୍ଡାର ସୁଲତାନଙ୍କ ଅଧୀନରେ ରହିଥିଲା। ଗଜପତି ମୁକୁନ୍ଦ ଦେବଙ୍କ ପରେ ଏହି ରମେଇ ରାଉତରା ହିଁ ଭୋଇ ବଂଶର ପ୍ରଥମ ରାଜା ଗଜପତି ରାମଚନ୍ଦ୍ର ଦେବ ନାମରେ ଖୁରୁଧା ରାଜ ସିଂହାସନରେ ବସିପାରିଥିଲେ। ଗଜପତି ପ୍ରତାପରୁଦ୍ରଦେବଙ୍କ ଠାରୁ ମୁକୁନ୍ଦଙ୍କ ଗାଦିରେ ବସିବା ପର୍ଯ୍ୟନ୍ତ ପ୍ରାୟ ୩୦ବର୍ଷ ଓଡ଼ିଶା ଶାସନରେ ବହୁ ଦୁଃଖଦ ଘଟଣାମାନ ଘଟି ଯାଇଥିଲା। ଶାସନ ଅସ୍ଥିର ହେବାରୁ ପ୍ରଜାମେଳି, ଗୃହଯୁଦ୍ଧ ପ୍ରଭୃତି ଲାଗିରହିଲା। ପୁଣି ଉତ୍କଳକୁ ଦକ୍ଷିଣ ଗୋଲକୋଣ୍ଡାର ସୁଲତାନଙ୍କ ଆକ୍ରମଣ ଓ ଉତ୍ତରରୁ ଆଫଗାନମାନଙ୍କ ଭୟର ଅସ୍ଥିରତା ସୃଷ୍ଟି କରିଥିଲା। ରାଜଗୁରୁମାନଙ୍କ ନିଯୁକ୍ତିରେ ବିଭ୍ରାଟ ଦେଖାଗଲା। ଫଳରେ ଯେଉଁମାନଙ୍କ ପରାମର୍ଶ ଓ ନିୟମକୁ ମାନି ସେତେବେଳର ସମାଜ ଚଳୁଥିଲା ତାହା ଆଉ ହେଲାନାହିଁ। ଶ୍ରୀଚୈତନ୍ୟଙ୍କ ପ୍ରଚାରିତ ଧର୍ମଧାରା ଓଡ଼ିଶାର କ୍ଷତ୍ରିୟ ଶକ୍ତିକୁ ପଙ୍ଗୁ କରିଦେଇଥିଲା ବୋଲି ଯେଉଁ କେତେକ ଯୁକ୍ତି ରହିଛି ତାହାର କୌଣସି ସତ୍ୟତା ନଥିଲା। ସେପରି ଧର୍ମଧାରା ଯଦି ବଦଳି ଥିଲା ତାହା କେବଳ ନିଷ୍ପ୍ରଭ ବା ଅପାରଗମାନଙ୍କ ଶାସନ ଯୋଗୁ ହିଁ ହୋଇପାରିଥିଲା। ଏକ ଅରାଜକ ରାଜ୍ୟରେ କ'ଣ ବା ଅଧିକ ଆଶା କରାଯାଇପାରିଥାନ୍ତା? ଶାସନ ଯଦି ଠିକ୍ ଥିଲା ଓ ରାଜଗୁରୁମାନେ ଯଦି ନିଜ ଧର୍ମଧାରାରେ ସକ୍ରିୟ ଥିଲେ ତେବେ ଏପରି ଅବସ୍ଥା ଆଦୌ ସୃଷ୍ଟି ହୋଇନଥାନ୍ତା। ମୁଖ୍ୟତଃ ଏଥିପାଇଁ ଅସ୍ଥିର ଶାସନ ହିଁ ଦାୟୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

# ଓଡ଼ିଆ ଅସ୍ମିତାର ସର୍ବଶ୍ରେଷ୍ଠ ପ୍ରତୀକ - ଶ୍ରୀଜଗନ୍ନାଥ



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍- ୦୫ : ଭୁବନେଶ୍ୱର
ଫୋନ୍ - ୮୨୪୯୬୫୦୪୧୪

ଓଡ଼ିଆ ଅସ୍ମିତାର ସର୍ବଶ୍ରେଷ୍ଠ ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ଜାତୀୟ ଦେବତା । ସେ ଓଡ଼ିଶାର ସାମାଜିକ ଓ ଆଧ୍ୟାତ୍ମିକ ଜୀବନର ପ୍ରାଣକେନ୍ଦ୍ର। ସେ ନୀଳାଚଳର ନାୟକ। ସେ କୋଟିକୈବଲ୍ୟନାଥ, ମୁକ୍ତିଦାତା ଓ ପରଂବ୍ରହ୍ମ। ତାଙ୍କପାଇଁ ବାରମାସରେ ତେରପର୍ବ ଓଡ଼ିଶାରେ ପାଳିତ ହୋଇଥାଏ। ତନ୍ମଧ୍ୟରୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବା ଘୋଷଯାତ୍ରା ଅନ୍ୟତମ। ପ୍ରତିବର୍ଷ ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହା ଓଡ଼ିଶା ବ୍ୟତୀତ ସାରା ଦେଶରେ ଏବଂ ବିଦେଶରେ ମଧ୍ୟ ପାଳିତ ହୁଏ । ପୌରାଣିକ କଥାବସ୍ତୁ ଅନୁଯାୟୀ ପ୍ରଥମେ ଶ୍ରୀଜଗନ୍ନାଥ ଶବରରାଜା ବିଶ୍ୱାବସୁଙ୍କ ଦ୍ୱାରା ନୀଳଗିରି କନ୍ଦରରେ ରହି 'ନୀଳମାଧବ' ନାମରେ ପୂଜିତ ହେଉଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ବିଦ୍ୟାପତିଙ୍କ ସହାୟତାରେ କୌଶଳକ୍ରମେ ଜଗନ୍ନାଥଙ୍କୁ ଚୋରାଇଆଣି ପୁରୀର ଶ୍ରୀମନ୍ଦିରରେ ସ୍ଥାପନ କରିଥିଲେ । ବିଶ୍ୱାବସୁ ତାଙ୍କର ଆରାଧ୍ୟ ଦେବତା ନୀଳମାଧବଙ୍କ ଦର୍ଶନ ବିନା ଜୀବନ ଧାରଣ କରିପାରିବେ ନାହିଁ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଗୁହାରିକଲେ। ଶବର ନିମ୍ନ ଜାତିର ହୋଇଥିବାରୁ ଶ୍ରୀମନ୍ଦିରରେ ତାଙ୍କର ଦର୍ଶନ ସମ୍ଭବପର ନୁହେଁ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନ କହିଥିଲେ ।

ଶ୍ରୀଜଗନ୍ନାଥ ହେଉଛନ୍ତି ଭକ୍ତବତ୍ସଳ । ତେଣୁ ପରମ ଭକ୍ତ ବିଶ୍ୱାବସୁଙ୍କ ହୃଦୟର ଆବେଦନକୁ ଶ୍ରୀଜଗନ୍ନାଥ ଗ୍ରହଣକରି ଧର୍ମପ୍ରାଣା ରାଣୀ ଗୁଣ୍ଡିଚାଙ୍କୁ ସ୍ୱପ୍ନାଦେଶରେ ରଥଯାତ୍ରା ଉତ୍ସବ ବିଧାନ ନିମନ୍ତେ ନିର୍ଦ୍ଦେଶ ଦେଲେ । ଯାହାଫଳରେ ବିଶ୍ୱାବସୁଙ୍କ ସମେତ ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କର ଦର୍ଶନର ସୁବିଧା ପାଇପାରିବେ ଓ ଆତ୍ମସନ୍ତୋଷ ଲାଭ କରିପାରିବେ । ମାଳବ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀ ଏହି ଯାତ୍ରା ପ୍ରଚଳନ କରାଇଥିବା ହେତୁ ତାଙ୍କରି ନାମାନୁସାରେ ଏହି ଯାତ୍ରାକୁ ଗୁଣ୍ଡିଚା ଯାତ୍ରା ମଧ୍ୟ କୁହାଯାଏ। ଯଥାବିଧି ପ୍ରତିବର୍ଷ ବୈଶାଖ ଶୁକ୍ଳ ତୃତୀୟ (ଅକ୍ଷୟ ତୃତୀୟା) ଦିନରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ରଥ ନିର୍ମାଣ ପାଇଁ ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଜଙ୍ଗଲରୁ ଫାଶୀ, ଅସନ, ଶାଳ, ଧଉରା ଓ ନିମ୍ବ କାଠ ସଂଗ୍ରହ କରାଯାଏ । ଏହି କାଠରେ ଜଗନ୍ନାଥଙ୍କର ଭୋଇ, ମହାରଣା, କମାର ଓ ରୂପକାର ସେବକମାନେ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ସଂପନ୍ନ କରିଥାଆନ୍ତି । ପ୍ରତିବର୍ଷ ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ଏହି ରଥଯାତ୍ରାର ଇତିହାସ ବହୁ ପ୍ରାଚୀନ । ଏହା ୧୧୫୦ ଖ୍ରୀଷ୍ଟାବ୍ଦରେ ଗଙ୍ଗ ରାଜବଂଶ ଦ୍ୱାରା ଆରମ୍ଭ ହୋଇଥିଲା । ପାଶ୍ଚାତ୍ୟ ଜଗତରେ ଏହା ପ୍ରଥମ ଭାରତୀୟ ପର୍ବ ଥିଲା । ଏହାର ପ୍ରାଚୀନତା ବିଷୟରେ ସ୍କନ୍ଦ ପୁରାଣ, ପଦ୍ମ ପୁରାଣ ଓ ଧର୍ମଶାସ୍ତ୍ର ମୂକସାକ୍ଷୀ ରହିଛି । ସୁତ ସଂହିତାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ବର୍ଣ୍ଣନା ରହିଥିବାର ଜଣାଯାଏ ।

ତେବେ ଏହି ରଥଯାତ୍ରାପାଇଁ ବର୍ତ୍ତମାନ ତିନିଗୋଟି ରଥ ନିର୍ମାଣ କରାଯାଉଛି । କିନ୍ତୁ ପୂର୍ବରୁ ଛଅଗୋଟି ରଥ ନିର୍ମିତ ହେଉଥିଲା। କାରଣ ବର୍ତ୍ତମାନ ଆମେ ଦର୍ଶନ କରୁଥିବା ବଡଦାଣ୍ଡ ବା ଶରଧାବାଲି ସେତେବେଳେ ମାଳିନୀ ନଦୀ ବା ଶ୍ରଦ୍ଧା ନଦୀ ଭାବରେ ପ୍ରବାହିତ ହେଉଥିଲା । ତେଣୁ ଦିଅଁମାନେ ବଡ ଦେଉଳରୁ ବାହାରି ତିନିଗୋଟି ରଥରେ ଆସି ବଳଗଣ୍ଡି ପାଖରେ ପହଞ୍ଚିବାପରେ ସେଠାରୁ ଡଙ୍ଗାରେ ପାରିହୋଇ ନଈର ଆର ପାର୍ଶ୍ୱରେ ଦଣ୍ଡାୟମାନ ଥିବା ଅନ୍ୟ ତିନିଗୋଟି ରଥରେ ବସି ଗୁଣ୍ଡିଚା ବା ଜନ୍ମ ବେଦିକୁ ଯାତ୍ରା କରୁଥିଲେ । ଲାଙ୍ଗୁଳା ନରସିଂହଦେବଙ୍କ ପରବର୍ତ୍ତୀ ରାଜା ଭାନୁଦେବଙ୍କ ସମୟ (ଖ୍ରୀ.ଅ. ୧୨୬୪-୧୨୭୮) ରେ ମାଳିନୀ ନଦୀକୁ ପୋତାଯାଇ ସେବେଠାରୁ ଅଦ୍ୟାବଧି ତିନିଟି ରଥରେ ଯାତ୍ରା ବିଧି ସଂପନ୍ନ ହୋଇ ଆସୁଅଛି ।

ଷୋଡଶ ଶତାବ୍ଦୀରେ ରଚିତ ମାଦଳାପାଞ୍ଜିରେ ମଧ୍ୟ ପୁରୀ ରଥଯାତ୍ରା ବିଷୟରେ ବର୍ଣ୍ଣନା ଥିବାର ଦେଖିବାକୁ ମିଳେ। ବିଶ୍ୱ ଦେବତା ଶ୍ରୀଜଗନ୍ନାଥ କେବଳ ଉତ୍କଳୀୟ ମାନଙ୍କର ନୁହେଁ, ସମଗ୍ର ବିଶ୍ୱ ହିନ୍ଦୁମାନଙ୍କର ସେ ଆରାଧ୍ୟ ଦେବତା । ତାଙ୍କର ବାସସ୍ଥଳୀ ପବିତ୍ର ମହୋଦଧିର ତଟସ୍ଥ ନୀଳାଚଳର ଶ୍ରୀମନ୍ଦିର ମଧ୍ୟସ୍ଥ ରତ୍ନ ସିଂହାସନ। ସେଠାରେ ସେ ଜ୍ୟେଷ୍ଠ ଭ୍ରାତା ବଳଭଦ୍ର ଓ ଭଗିନୀ ସୁଭଦ୍ରାଙ୍କ ସହିତ ସମାସୀନ । ତାଙ୍କର ପରମ ପବିତ୍ର ବାସସ୍ଥଳୀ ଶଙ୍ଖକ୍ଷେତ୍ର ତଥା ପୁରୁଷୋତ୍ତମ କ୍ଷେତ୍ର ନାମରେ ପରିଚିତ। ଭାରତର ଚାରିଧାମ ମଧ୍ୟରୁ ଏହା ଅନ୍ୟତମ ଓ ଶ୍ରେଷ୍ଠ ଧାମ ଅଟେ । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ପୁରୀରେ ପ୍ରତିବର୍ଷ ଯେଉଁ ଭୁବନ ବିଖ୍ୟାତ ଉତ୍ସବ ଅନୁଷ୍ଠିତ ହୁଏ ତାହା ରଥଯାତ୍ରା ନାମରେ ଖ୍ୟାତ । ରଥଯାତ୍ରା କେବଳ ଶ୍ରୀଜଗନ୍ନାଥଙ୍କର ଘୋଷଯାତ୍ରା ନୁହେଁ, ଏହା ବିଶ୍ୱ ମାନବର ଜୟଯାତ୍ରା । ଏହା ଉତ୍କଳୀୟ ସଂସ୍କୃତିର ଗର୍ବ ଓ ଗୌରବର ପ୍ରତୀକ । ଏଥିରେ ବିଶ୍ୱ ସଂସ୍କୃତି ସମ୍ମିଳିତ ହୋଇଛି । ସର୍ବଧର୍ମର ସମନ୍ୱୟ ଓ ଜାତିଭେଦର ନିରାକରଣ ଘୋଷଯାତ୍ରାର ଅନ୍ୟତମ ମହତ୍ତ୍ୱ । ଏହା ଆମକୁ ସାମ୍ୟ, ମୈତ୍ରୀ ଏବଂ ଭ୍ରାତୃଭାବର ଶିକ୍ଷା ଦେଇଥାଏ। ଗୁଣ୍ଡିଚା ମନ୍ଦିରରେ ରଥଗୁଡିକ ପହଞ୍ଚିବାପରେ ପହଣ୍ଡିକରି ଦିଅଁମାନଙ୍କୁ ମନ୍ଦିର ପ୍ରବେଶ କରାଯାଏ । ସେଠାରେ ଠାକୁରମାନେ ନଅଦିନ ଅବସ୍ଥାନ କରନ୍ତି । ଆଷାଢ ଶୁକ୍ଳପକ୍ଷ ଦଶମୀ ଦିନକୁ ବାହୁଡା ଦଶମୀ କହନ୍ତି । ଏକାଦଶୀ ତିଥିରେ ରଥ ଉପରେ ଦିଅଁମାନଙ୍କର ସୁନାବେଶ କରାଯାଇଥାଏ । ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛିଯେ ରଥ ଉପରେ ଜଗନ୍ନାଥଙ୍କୁ ଦର୍ଶନକଲେ ଜୀବର ପୁନର୍ଜନ୍ମ ହୁଏନାହିଁ । ଅର୍ଥାତ-

> ଦୋଳେଷ୍ଟ ଦୋଳ ଗୋବିନ୍ଦଂ
> ଚାପେଚ ମଧୁସୂଦନଂ,
> ରଥେତୁ ବାମନଂ ଦୃଷ୍ଟ୍ୱା
> ପୁନର୍ଜନ୍ମମ୍ ନ ବିଦ୍ୟତେ ।'

ଏହାପରେ ବିଧି ଅନୁସାରେ ଅଧରପଣା ନୀତି, ଲକ୍ଷ୍ମୀଙ୍କର ମାନଭଞ୍ଜନ ଓ ନୀଳାଦ୍ରିବିଜେ ଭଳି ଅନେକ ନୀତି ସଂପନ୍ନ ହୋଇ ଦିଅଁମାନେ ମନ୍ଦିର ପ୍ରବେଶ କରନ୍ତି ।

ଶାସ୍ତ୍ର ଅନୁସାରେ ତିନି ଠାକୁରଙ୍କ ପ୍ରକୃତି ଏବଂ ସ୍ୱରୂପ ଅନୁସାରେ ସେମାନଙ୍କର ରଥର ରଙ୍ଗ ନିର୍ଦ୍ଧାରିତ ହୋଇଥାଏ । ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ । ଏହାର ରଙ୍ଗ ପୀତ ଓ ଲୋହିତ । ହଳଦିଆ ରଙ୍ଗ ଭଗବାନ ବିଷ୍ଣୁଙ୍କର ପ୍ରତୀକ ଏବଂ ଲାଲ ରଙ୍ଗ ହେଉଛି ଶକ୍ତି ଓ ସଂକଳ୍ପର ପ୍ରତୀକ । ବଳଭଦ୍ରଙ୍କ ରଥ ରଙ୍ଗ ନାଳି ଓ ସବୁଜ । ସବୁଜ ରଙ୍ଗ ହେଉଛି କୃଷି ଓ ବସୁନ୍ଧରାର ପ୍ରତୀକ । ବଳଭଦ୍ର ହେଉଛନ୍ତି ସ୍ୱୟଂ ହଳଧର । ତାଙ୍କୁ ଋଷି ଓ ଚାଷୀଙ୍କ ଦେବତା ରୂପେ ଅଭିହିତ କରାଯାଏ। ସୁଭଦ୍ରାଙ୍କ ରଥର ରଙ୍ଗ କଳା ଓ ନାଲି । କଳାରଙ୍ଗ ହେଉଛି ମା' ଆଦିଶକ୍ତି ଓ ଭୁବନେଶ୍ୱରୀଙ୍କ ପ୍ରତୀକ । ସିଏ ରହସ୍ୟମୟ ଏବଂ ସର୍ବବ୍ୟାପୀ ଶକ୍ତିର ପ୍ରତିନିଧିତ୍ୱ କରିଥାଆନ୍ତି । ରଥ ଯାତ୍ରାପାଇଁ ନିର୍ମାଣ କରାଯାଉଥିବା ତିନିଟି ରଥର ବିଶେଷତ୍ୱ ନିମ୍ନରେ ବର୍ଣ୍ଣିତ । ଯଥା -

ଜଗନ୍ନାଥଙ୍କର ରଥର ନାମ -ନନ୍ଦିଘୋଷ । ଅନ୍ୟନାମ-ଚକ୍ରଧ୍ୱଜ, ଗରୁଡଧ୍ୱଜ, କପିଧ୍ୱଜ। ରଥର ଉଚ୍ଚତା - ୪୫ ଫୁଟ ୬ ଇଞ୍ଚ, ବ୍ୟବହୃତ କାଠ ସଂଖ୍ୟା - ୮୩୨ ଖଣ୍ଡ ଚକ ସଂଖ୍ୟା - ୧୬ ଟି, ରଥର ସାରଥୀ- ଦାରୁକ, ରଥର ରକ୍ଷକ- ଗରୁଡ/ନୃସିଂହ । ଘୋଡାମାନଙ୍କର ନାମ-ଶଙ୍ଖ, ବଳାହକ, ଶ୍ୱେତ, ହରିଦ୍ୱାଶ । ଦ୍ୱାରପାଳ - ଜୟ, ବିଜୟ। ରଥର ରଙ୍ଗ - ପୀତ ଓ ଲୋହିତ, ଦଉଡି - ଶଙ୍ଖଚୂଡ।

ବଳଭଦ୍ରଙ୍କ ରଥର ନାମ- ତାଳଧ୍ୱଜ। ରଥର ଅନ୍ୟନାମ- ଲଙ୍ଗଳ ଧ୍ୱଜ। ରଥର ଉଚ୍ଚତା - ୪୫ ଫୁଟ। ବ୍ୟବହୃତ କାଠସଂଖ୍ୟା - ୭୬୩ ଖଣ୍ଡ, ଚକ ସଂଖ୍ୟା - ୧୪ ଟି

ରଥର ସାରଥୀ - ମାତଳୀ, ରଥର ରକ୍ଷକ- ବାସୁଦେବ, ଘୋଡାମାନଙ୍କର ନାମ-ତୀବ୍ର, ଘୋର, ଦୀର୍ଘଶ୍ରମ, ସ୍ୱର୍ଣ୍ଣନାଭ। ଦ୍ୱାରପାଳ - ନନ୍ଦ, ସୁନନ୍ଦ। ରଙ୍ଗ - ଲାଲ ଓ ନୀଳ, ଦଉଡି - ବାସୁକୀ। ସୁଭଦ୍ରାଙ୍କ ରଥର ନାମ- ଦେବଦଳନ। ରଥର ଅନ୍ୟନାମ-ଦର୍ପଦଳନ, ପଦ୍ମଧ୍ୱଜ ବା କମଳ ଧ୍ୱଜ। ରଥର ଉଚ୍ଚତା - ୪୪ ଫୁଟ ୬ ଇଞ୍ଚ୍ । ବ୍ୟବହୃତ କାଠ ସଂଖ୍ୟା- ୫୯୩ ଚକ ସଂଖ୍ୟା -୧୨ ଟି। ରଥର ସାରଥୀ-ଅର୍ଜୁନ। ରଥର ରକ୍ଷକ-ଜୟଦୁର୍ଗା। ଘୋଡା ମାନଙ୍କରନାମ- ରୁଚିକା, ମୋଚିକା, ଜିତା, ଅପରାଜିତା । ଦ୍ୱାରପାଳ-ଗଙ୍ଗା , ଯମୁନା ରଙ୍ଗ - କୃଷ୍ଣ ଓ ଲୋହିତ। ଦଉଡି - ସ୍ୱର୍ଣ୍ଣଚୂଡ ସେହି ଲୀଳାମୟ କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ କୋଟି ଦଣ୍ଡବତ ।

-----ଜୟ ଜଗନ୍ନାଥ------

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଜୁନ୍ ୨୦୨୬ ବୁଧବାର
ଆଭା

# ଭାରତରେ ମାନସିକ ସ୍ୱାସ୍ଥ୍ୟ ସଙ୍କଟ: ଆତ୍ମହତ୍ୟା ଓ ପ୍ରତିରୋଧ



ନ୍ୟାସନାଲ କ୍ରାଇମ ରେକର୍ଡସ ବ୍ୟୁରୋର ୨୦୨୪ ରିପୋର୍ଟ ଅନୁଯାୟୀ, ଭାରତରେ ମାନସିକ ସ୍ୱାସ୍ଥ୍ୟ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । କେବଳ ମଧ୍ୟପ୍ରଦେଶରେ ବର୍ଷକ ମଧ୍ୟରେ ୧୫,୪୯୧ ଜଣ ଲୋକ ଆତ୍ମହତ୍ୟା କରିଛନ୍ତି, ଯାହା ଏକ ଗମ୍ଭୀର ସଙ୍କଟକୁ ଦର୍ଶାଉଛି ।

**କାରଣ ଓ ପ୍ରଭାବ:**
ପରୀକ୍ଷା, କ୍ୟାରିୟରର ଅନିଶ୍ଚିତତା ଏବଂ ସାମାଜିକ ଆଶା ଯୋଗୁଁ ଯୁବପିଢ଼ି ଅଧିକ ଚିନ୍ତାଗ୍ରସ୍ତ ରହୁଛନ୍ତି । ଛାତ୍ର ଆତ୍ମହତ୍ୟା ମାମଲାରେ ମଧ୍ୟପ୍ରଦେଶ ଦେଶରେ ତୃତୀୟ ସ୍ଥାନରେ ଅଛି । ଶୈକ୍ଷିକ ଓ ଭାବନାତ୍ମକ ଚାପ ଯୋଗୁଁ ଛାତ୍ରମାନଙ୍କ (୭୧ ଜଣ) ତୁଳନାରେ ଛାତ୍ରୀମାନଙ୍କ (୭୩୧ ଜଣ) ଆତ୍ମହତ୍ୟା ସଂଖ୍ୟା ଅଧିକ ଏବଂ ଚିନ୍ତାଜନକ ଅଟେ ।

**ପ୍ରାଥମିକ ଲକ୍ଷଣ**
ଆତ୍ମହତ୍ୟା କେବେ ବି ହଠାତ୍ ନିଆଯାଇଥିବା ନିଷ୍ପତ୍ତି ନୁହେଁ, ଏହା ପଛରେ ଦୀର୍ଘ ଦିନର ଅବସାଦ ଥାଏ । ବିଶେଷଜ୍ଞ ଡଃ ବିଧି ପଟେଲ ବୈଷ୍ଣବଙ୍କ ଅନୁଯାୟୀ ଏହାର ପ୍ରମୁଖ ଲକ୍ଷଣଗୁଡ଼ିକ ହେଲା: ବାରମ୍ବାର ମୃତ୍ୟୁ ବା ଆତ୍ମହତ୍ୟା ବିଷୟରେ କଥା ହେବା । ଅତ୍ୟଧିକ ଚିନ୍ତା, ଅସ୍ଥିରତା ଓ ନିଜକୁ ନିରର୍ଥକ ମନେ କରିବା । ହଠାତ୍ ଲୋକମାନଙ୍କଠାରୁ ଦୂରେଇ ରହିବା ଏବଂ ନିଜର ପ୍ରିୟ ଜିନିଷ ଅନ୍ୟକୁ ଦେଇଦେବା ।

**ସମାଧାନ ଓ ପରାମର୍ଶ:**
ଲକ୍ଷଣ ଦେଖାଗଲେ ତୁରନ୍ତ ବିଶେଷଜ୍ଞଙ୍କ ସାହାଯ୍ୟ ନେବା ଉଚିତ୍ । ଭଲ ନିଦ, ବ୍ୟାୟାମ, ପରିବାର ସହ ଖୋଲାଖୋଲି କଥାବାର୍ତ୍ତା ଏବଂ ସ୍କ୍ରିନ୍ ଟାଇମ୍ କମାଇବା ଦ୍ୱାରା ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିଥାଏ । ମାନସିକ ସ୍ୱାସ୍ଥ୍ୟ ସେବାକୁ ଗାଁ ଓ ଛୋଟ ସହର ପର୍ଯ୍ୟନ୍ତ ପହଞ୍ଚାଇବା, ସ୍କୁଲ-କଲେଜରେ କାଉନସେଲିଂ ସୁବିଧା କରିବା ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଶିକ୍ଷିତ ବିଶେଷଜ୍ଞ ନିଯୁକ୍ତ କରିବା ଜରୁରୀ ଅଟେ ।

## ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଅଧିକ ଥଣ୍ଡା ଲାଗେ

ଶୀତ ଆରମ୍ଭ ହୋଇଗଲାଣି । ଧିରେ ଧିରେ ଶୀତ ବଢ଼ିବାରେ ଲାଗିଛି । କିନ୍ତୁ କେବେ ଲକ୍ଷ୍ୟ କରିଛନ୍ତି କି ଥଣ୍ଡାର ପ୍ରଭାବ ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଅଧିକ ଅନୁଭବ ହୋଇଥାଏ । ଚାଲନ୍ତୁ ଜାଣିବା ଏହା ପଛରେ ଥିବା କାରଣ ବିଷୟରେ କଣ କହୁଛନ୍ତି ନ୍ୟୁରୋଲୋଜିଷ୍ଟ ।

**କାହିଁକି ଲାଗେ ଅଧିକ ଥଣ୍ଡା**

ପ୍ରଥମତଃ, ପୁରୁଷଙ୍କ ତୁଳନାରେ ମହିଳାଙ୍କ ଶରୀରର ଚର୍ବି କମ୍ ରହିଥାଏ । ମାଂସପେଶୀ ଶରୀରରେ ଗରମ ସୃଷ୍ଟି କରିବାର ପ୍ରମୁଖ ସ୍ରୋତ । ପୁରୁଷଙ୍କ ତୁଳନାରେ ମହିଳାଙ୍କଠାରେ କମ୍ ମାଂସପେଶୀ ରହିଥିବା କାରଣରୁ ସେମାନଙ୍କ ଅଧିକ ଥଣ୍ଡା ଲାଗିଥାଏ ।

ଦ୍ୱିତୀୟତଃ, କମ୍ ମେଟାବଲିକ୍ ହାର । ମେଟାବଲିଜିମ୍ ଅର୍ଥାତ୍ ଶରୀରର ଶକ୍ତି ଖର୍ଚ୍ଚ କରିବାର ପ୍ରକ୍ରିୟା । ଏହା ଶରୀରର କ୍ୟାଲୋରୀକୁ ଶକ୍ତିରେ ପରିବର୍ତ୍ତିତ କରିଥାଏ । କାରଣ ମହିଳାମାନଙ୍କଠାରେ କମ୍ ମାଂସପେଶୀ ରହିଥିବା କାରଣରୁ କ୍ୟାଲୋରୀ ବର୍ଣ୍ଣ କରିବାର କ୍ଷମତା କମ୍ ରହିଥାଏ । ତେଣୁ ମେଟାବଲିଜିମ୍ ହାର କମ୍ ରହିବା ସହ ଶରୀରରେ କମ୍ ଗରମ ଅନୁଭୂତ ହୁଏ । ଫଳରେ ଅଧିକ ଥଣ୍ଡା ଲାଗିଥାଏ । ତୃତୀୟତଃ, ହରମୋନାଲ୍ ପ୍ରଭାବ । ମହିଳାଙ୍କ ଶରୀରରେ ପ୍ରୋଜେଷ୍ଟେରନ୍ ହରମୋନ୍‌ର ମାତ୍ରା ଅଧିକ ରହିଥାଏ । ଏହା ଶରୀରର ରକ୍ତବାହିକାକୁ ସଙ୍କୁଚିତ କରିଥାଏ, ଯାହାଦ୍ୱାରା ହିଟ୍ ଲସ୍ ହୋଇଥାଏ । ତେଣୁ ସେମାନଙ୍କୁ ଅଧିକ ଥଣ୍ଡା ଅନୁଭୂତ ହୁଏ ।

# ପ୍ରତିଦିନ ଖାଆନ୍ତୁ ସେଓ



ସେଓରେ ଭିଟାମିନ, ମିନେରାଲ, ଫାଇବର, ଭିଟାମିନ ସି, ଭିଟାମିନ ବି୬, ପୋଟାସିୟମ, ଫରଫରସ୍, କପର ଓ ଫାଇବର ଭରପୂର ମାତ୍ରାରେ ଥାଏ । ଆଉ ଏଥିପାଇଁ ସୁସ୍ଥ ଶରୀର ପାଇଁ ପ୍ରତ୍ୟେକ ଦିନ ଗୋଟିଏ ସେଓ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦିଅନ୍ତି । ତେବେ ଆସନ୍ତୁ ଜାଣିବା ସେଓ ଖାଇଲେ ଶରୀରକୁ କ'ଣ ସବୁ ଫାଇଦା ମିଳିଥାଏ ।

**ମାରାତ୍ମକ ରୋଗରୁ ରକ୍ଷା:** ନିୟମିତ ସେଓ ଖାଇଲେ ଶରୀରକୁ ଜରୁରୀ ଭିଟାମିନ, ମିନେରାଲ ଓ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ । ଏହା କ୍ୟାନ୍ସର, ହୃଦରୋଗ, ଆସ୍ଥମା, ଟାଇପ୍-୨ ଡାଇବେଟିସ ଭଳି ଗମ୍ଭୀର ରୋଗରୁ ସୁରକ୍ଷା ଦେବାରେ ସାହାଯ୍ୟ କରିପାରେ । ସେଓରେ କ୍ୟାନ୍ସର ବିରୋଧୀ ଗୁଣ ରହିଛି । ଭିଟାମିନ ସି ଓ ପୋଟାସିୟମ ହୃଦୟ ସହ ଜଡିତ ସମସ୍ୟା ଦୂର କରିଥାଏ ।

**ଓଜନ ନିୟନ୍ତ୍ରଣ:** ଓଜନ କମାଇବାକୁ ଚାହୁଁଥିବା ଲୋକେ ପ୍ରତିଦିନ ସେଓ ଖାଇବା ଭଲ । ସେଓ ଅଧିକ ପରିମାଣରେ ଫାଇବର ଓ ଜଳ ରହିଥାଏ । ଏହାକୁ ଖାଇଲେ ଭୋକ ନିୟନ୍ତ୍ରଣ ରହେ ଏବଂ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗେନି ଯାହାକି ଆମର ଓଜନ ନିୟନ୍ତ୍ରଣରେ ସହାୟକ ହୁଏ ।

**ଦାନ୍ତ ଓ ହାଡ ସୁଦୃଢ:** ସେଓ ଚୋବାଇ ଖାଇବା ଦ୍ୱାରା ପାଟିରେ ଲାଳ ଉତ୍ପାଦନ ବଢିଥାଏ । ଯାହାଫଳରେ ପାଟିରେ ବ୍ୟାକ୍ଟେରିଆ କମ୍ ହୁଏ ଓ ଦାନ୍ତ ସୁସ୍ଥ ରହିଥାଏ । ସେହିପରି ଏଥିରେ ଥିବା ବୋରନ ନାମକ ଯୌଗିକ ହାଡକୁ ମଜଭୁତ କରିବାରେ ସହାୟକ ହୁଏ ।

**ପେଟ ପାଇଁ ଭଲ:** ସେଓରେ ପେକଟିନ ଥାଏ । ଏହା ଏକ ପ୍ରକାରର ଫାଇବର ଯାହା ଆପଣଙ୍କ ଗଟ୍ ମାଇକ୍ରୋବିଓମରେ ପ୍ରିବାୟୋଟିକ ଭଳି କାମ କରେ ଓ ଗଟ୍ ସ୍ୱାସ୍ଥ୍ୟ ଠିକ୍ ରଖେ । ଏହା ପେଟରେ ଭଲ ବ୍ୟାକ୍ଟେରିଆ ସୃଷ୍ଟି କରେ । ଫଳରେ କ୍ରନିକ ରୋଗଗୁଡିକରୁ ରକ୍ଷା କରିବାରେ ସାହାଯ୍ୟ ମିଳିଥାଏ ।

**ବ୍ଲଡସୁଗାର:** ଏକ ଅଧ୍ୟୟନ ଅନୁସାରେ, ଦିନକୁ ଗୋଟିଏ ସେଓ ଖାଉଥିବା ଲୋକଙ୍କୁ ସେଓ ଖାଉନଥିବା ଲୋକଙ୍କ ତୁଳନାରେ ଟାଇପ୍-୨ ଡାଇବେଟିସ ହେବାର ଆଶଙ୍କା ୨୮ ପ୍ରତିଶତ କମ୍ ଥାଏ । ଏଥିରେ ଥିବା ସୋଲୁବଲ ଫାଇବର ବ୍ଲଡସୁଗାର ନିୟନ୍ତ୍ରଣରେ ସାହାଯ୍ୟ କରେ ।

**କୋଲେଷ୍ଟ୍ରଲ ଓ ବ୍ଲଡପ୍ରେସର:** ସେଓ କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ମଧ ସହାୟକ । ଏଥିରେ ଥିବା ଫାଇବର, ପୋଟାସିୟମ, ଆଣ୍ଟିଅକ୍ସିଡାଣ୍ଟ ହୃଦୟକୁ ସୁସ୍ଥ ରଖେ । କୋଲେଷ୍ଟ୍ରଲ ସ୍ତର କମ୍ କରିଥାଏ ଓ ରକ୍ତଚାପ ନିୟନ୍ତ୍ରିତ ରଖିଥାଏ । ଯେଉଁଥିପାଇଁ ହୃଦରୋଗ ହେବାର ବିପଦ କମିଯାଏ ।

# ଏପିଲେପ୍‌ସି ରୋଗର କାରଣ ଏବଂ ଲକ୍ଷଣ

ଅପସ୍ମାର ବା ଏପିଲେପ୍‌ସି ରୋଗ ମସ୍ତିଷ୍କରେ ଥିବା ସ୍ନାୟୁ କୋଷରେ ଅତ୍ୟଧିକ ବୈଦ୍ୟୁତିକ ପ୍ରବାହ ସୃଷ୍ଟି କରିଥାଏ । ଏଥିରେ ଆକ୍ରାନ୍ତ ଲୋକ ବାରମ୍ବାର ମୂର୍ଚ୍ଛା ହେବା ସହ ପାଟିରୁ ଫେଣ ବାହାରେ । ଆପେ ଆପେ ପରିସ୍ରା ହୋଇଯାଏ । ଜିଭ କାମୁଡ଼ି ପକାଇବାରୁ କ୍ଷତ ବି ହୋଇଥାଏ । କେତେକ ଲୋକଙ୍କ ଶରୀରର ଏକ ନିର୍ଦ୍ଦିଷ୍ଟ ଅଙ୍ଗରେ ଫିଟ୍‌ସ୍ ବା ବାତ ମାରିବା ଦେଖା ଦେଇଥାଏ । ଏହାକୁ ଫୋକାଲ୍ ସିଜର ବୋଲି କୁହାଯାଏ । ପିଲାମାନଙ୍କଠାରେ ଏହି ରୋଗ ଦେଖାଦେଲେ ଅନ୍ୟମନସ୍କତା ଓ ଶୂନ୍ୟକୁ ଚାହିଁ ରହିବା ଭଳି ଲକ୍ଷଣ ପ୍ରକାଶ ପାଏ । ଏହାକୁ ଆବସେନ୍‌ସ ସିଜର କହନ୍ତି ।



**କାରଣ**

ଏପିଲେପ୍‌ସିର କୌଣସି ସ୍ପଷ୍ଟ କାରଣ ଅଧିକାଂଶ ଆକ୍ରାନ୍ତଙ୍କ କ୍ଷେତ୍ରରେ ନଥାଏ । ମୁଖ୍ୟତଃ ଏହା ଏକ ଜେନେଟିକ୍ ରୋଗ । କେତେକ କ୍ଷେତ୍ରରେ ମୁଣ୍ଡରେ ଆଘାତ (ବ୍ରେନ୍ ଷ୍ଟ୍ରୋକ୍), ଟ୍ୟୁମର, ମେନିନ୍‌ଜାଇଟିସ୍, ଏନ୍‌ସିଫାଲାଇଟିସ୍ ଓ ନିୟମିତ ଅତ୍ୟଧିକ ନିଶା ସେବନ ଯୋଗୁଁ ମଧ୍ୟ ଏ ରୋଗ ଦେଖା ଦେଇଥାଏ । ସେହିପରି ଛୋଟ ପିଲାଙ୍କ ମସ୍ତିଷ୍କରେ କୌଣସି କ୍ଷତ ସୃଷ୍ଟି ହେବାରୁ ସେମାନେ ଏପିଲେପ୍‌ସି (ଅପସ୍ମାର)ରେ ଆକ୍ରାନ୍ତ ହୋଇଥାନ୍ତି । ଅପସ୍ମାର ଆକ୍ରାନ୍ତଙ୍କ ପାଇଁ ଗାଡ଼ି ଚାଳନା, ସନ୍ତରଣ ଓ ନିଆଁ ପାଖରେ କାମ କରିବା ମନା । କାରଣ ଗାଡ଼ି ଚଳାଇବା ସମୟରେ ଅଚାନକ ଦୁର୍ଘଟଣା ଆଶଙ୍କା ଥାଏ । ସେହିପରି ନଦୀ, ନାଳ, ପୋଖରୀରେ ସନ୍ତରଣ କରୁଥିଲେ ପାଣିରେ ବୁଡ଼ିଯିବା ସହ ନିଆଁ ପାଖରେ କାମ କରିବା ମଧ୍ୟରେ ପୋଡ଼ି ହେବାର ଆଶଙ୍କା ରହିଛି । ଏହି ସମୟରେ ବେଶି ସମୟ ଧରି ବାତ ମାରିଲେ ପାଟିରୁ ଅତ୍ୟଧିକ ନାଳ ଓ ଫେଣ ବାହାରି ଶ୍ୱାସନଳୀକୁ ରୁଦ୍ଧ କରିଥାଏ । ଫଳରେ ଶ୍ୱାସରୁଦ୍ଧ ହୋଇ ମଧ୍ୟ ଆକସ୍ମିକ ମୃତ୍ୟୁ ଘଟେ ।

**ପ୍ରକାରଭେଦ ଅନୁସାରେ ଚିକିତ୍ସା**

ଏହି ରୋଗର ଚିକିତ୍ସାରେ ଆଦୌ ଅବହେଳା କରିବେ ନାହିଁ । ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ନିତାନ୍ତ ଆବଶ୍ୟକ । ଏଥିଲାଗି ଫେନିଟୋଇନ୍, ଭାଲପ୍ରୋଏଟ୍, ଲେଭେଟିରାସିଟାମ୍ ଆଦି ଅନେକ ଔଷଧ ସେବନ ଆବଶ୍ୟକ ପଡ଼ିଥାଏ । ସେହିପରି କୋସାମାଇଡ୍ ଓ ପେରାମ୍ପାନେଲ୍ ଆଦି ଅନେକ ନୂଆ ଔଷଧ ଏବେ ଉପଲବ୍ଧ ହେଲାଣି । ଯେଉଁ ଆକ୍ରାନ୍ତଙ୍କ ଶରୀରରେ ଔଷଧ କାମ କରେନାହିଁ, ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀରେ ସୂକ୍ଷ୍ମ ଅପରେସନ୍ କରିବା ଲାଗି ସୁଯୋଗ ରହିଛି । ଏହି ରୋଗରେ ଆକ୍ରାନ୍ତ ଲୋକେ ନିଦ୍ରାହୀନତାରୁ ଦୂରେଇ ରହିବା ସହ ଅଧିକ ସମୟ ମୋବାଇଲ୍ ଓ ଟିଭି ଦେଖିବା ଉଚିତ ନୁହେଁ । ନିଶା ସେବନରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବେ । ଅନ୍ୟର ପ୍ରରୋଚନାରେ ପଡ଼ି ଅପସ୍ମାର ରୋଗୀଙ୍କୁ ଝଡ଼ାଫୁଙ୍କା, ପୂଜାପାଠ, ନାକରେ ଚପଲ ଶୁଙ୍ଘାଇବା ଅନୁଚିତ । ଏସବୁ କରିବା ଦ୍ୱାରା କିଛି ସୁଫଳ ମିଳିନଥାଏ । ନିୟମିତ ବ୍ୟବଧାନରେ ସ୍ନାୟୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ସେବନ କଲେ ଆକ୍ରାନ୍ତ ଲୋକେ ବିପଦମୁକ୍ତ ହେବା ସହ ସାଧାରଣ ଜୀବନଯାପନ କରିପାରିବେ ।

# ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର

ପୃଥିବୀ କକ୍ଷରେ ରହି ଏହାକୁ ପରିକ୍ରମଣ କରୁଥିବା ଏକ କୃତ୍ରିମ ସଂରଚନା ହେଉଛି ଅନ୍ତରୀକ୍ଷ କେନ୍ଦ୍ର । ଏଥିରେ ଅନେକ ଦିନ ପର୍ଯ୍ୟନ୍ତ ରହି ମହାକାଶଚାରୀମାନେ ଗବେଷଣା କରବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି । ଏହାକୁ ଚାପରେ ରଖାଯାଇଥାଏ ଏବଂ ମହାକାଶଚାରୀମାନଙ୍କର ଆବଶ୍ୟକ ଜଳ, ଖାଦ୍ୟ ଓ ଅମ୍ଳଜାନକୁ ପୃଥିବୀରୁ ନିୟମିତ ବ୍ୟବଧାନରେ ପଠାଯାଏ ।

ମହାକାଶ ଯାନରେ ଅନ୍ତରୀକ୍ଷକୁ ଯାଇ ବିଭିନ୍ନ ପରୀକ୍ଷା କରି ଅଳ୍ପ ଦିନ ପରେ ମହାକାଶଚାରୀମାନେ ପୃଥିବୀକୁ ଫେରି ଆସୁଥିଲେ । ମହାକାଶରେ ଏକ ପରୀକ୍ଷାଗାର ସ୍ଥାପନ କରି ସେଠାରେ ନିରନ୍ତର ପରୀକ୍ଷା ଓ ଗବେଷଣା କରିବା ପାଇଁ ଉଭୟ ସୋଭିଏତ ରୁଷ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଚେଷ୍ଟା କଲେ । କିନ୍ତୁ ରୁଷ୍ ୧୮୭୧ ଏପ୍ରିଲ ୧୯ ତାରିଖରେ ପ୍ରଥମ ଅନ୍ତରୀକ୍ଷ କେନ୍ଦ୍ର 'ସାଲ୍ୟୁଟ-୧'କୁ ଉତ୍କ୍ଷେପଣ କରିଥିଲା । ଏଥିରେ ଗୋଟିଏ ପର୍ଯ୍ୟବେକ୍ଷଣାଗାର ଥିଲା । ସାଲ୍ୟୁଟ-୧ର ଓଜନ ୧୮୪୨୫ କିଗ୍ରା ଏବଂ ଦୈର୍ଘ୍ୟ ଓ ବ୍ୟାସ ଯଥାକ୍ରମେ ୧୫.୮ ମିଟର ଏବଂ ୪.୫ ମିଟର ଥିଲା । ଏହା ପାଖକୁ ମାତ୍ର ଦୁଇଥର ମହାକାଶଚାରୀ ଯାଇଥିଲେ । ପ୍ରଥମ ଥର ତିନି ଜଣ ଯାଇଥିଲେ ମାତ୍ର ଡିଜାଇନ୍‌ରେ ତ୍ରୁଟି ଥିବାରୁ ସେମାନଙ୍କର ଯାନ କେନ୍ଦ୍ର ସହିତ ସଂଯୋଗ ହୋଇପାରିଲା ନାହିଁ । ଏଥିପାଇଁ ସେମାନେ ଫେରି ଆସିଲେ । ତ୍ରୁଟି ସୁଧାରିବା ପରେ ଅନ୍ୟ ତିନି ଜଣ ମହାକାଶଚାରୀ ସେଠାରେ ୨୩ ଦିନ ରହି ଫେରିଥିଲେ । ମାତ୍ର ଦୁଃଖର ବିଷୟ ଯେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ବେଳେ ଗୋଟିଏ ଭାଲ୍‌ବ ଠିକ୍ ଭାବେ କାମ ନ କରିବାରୁ ତିନି ଜଣ ମହାକାଶଚାରୀ ତା' ଭିତରେ ମୃତ୍ୟୁବରଣ କରିଥିଲେ । ଏହାପରେ ରୁଷ୍ ୧୯୭୪ ଏବଂ ୧୯୮୨ ମସିହା ମଧ୍ୟରେ ଆଉ ଛଅଟି ଅନ୍ତରୀକ୍ଷ କେନ୍ଦ୍ର ପଠାଇଥିଲା । ସାଲ୍ୟୁଟ-୬ ଏବଂ ସାଲ୍ୟୁଟ-୭ରେ ମହାକାଶଚାରୀମାନେ ତିନି ମାସରୁ ଅଧିକ ସମୟ ଥିଲେ ।



ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ଅନ୍ତରୀକ୍ଷ କେନ୍ଦ୍ର ଥିଲା ସ୍କାଏଲାବ । ଏହାକୁ ୧୯୭୩ରେ ଉତ୍କ୍ଷେପଣ କରାଯାଇଥିଲା । ଏହାର ଓଜନ ୯୧ ଟନ୍ ଥିଲା ଏବଂ ଆପୋଲୋ ଯାନ ସାହାଯ୍ୟରେ ଖାଦ୍ୟ ଓ ମହାକାଶଚାରୀମାନେ ଏଠାକୁ ଆସୁଥିଲେ । ଏଠାକୁ ତିନି ଥର ମହାକାଶଚାରୀମାନେ ଯାଇଥିଲେ ଏବଂ ପ୍ରତ୍ୟେକ ଥରରେ ତିନି ଜଣ ମହାକାଶଚାରୀ ଥିଲେ । ଏହା ୧୯୭୯ ମସିହାରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରି ଧ୍ୱଂସ ହୋଇଯାଇଥିଲା ।

ସୋଭିଏତ ରୁଷ୍ ୧୯୮୬ ମସିହାରେ ମିର ଅନ୍ତରୀକ୍ଷ କେନ୍ଦ୍ରକୁ ଉତକ୍ଷେପଣ କରିଥିଲା । ଏଠାରେ ମହାକାଶଚାରୀମାନେ ଏକ ବର୍ଷରୁ ଅଧିକ ସମୟ ରହିଥିଲେ । ୧୯୯୧ ମସିହାରେ ସୋଭିଏତ୍ ରୁଷ ଭାଗ ହୋଇଯିବା ପରେ ଏହା ରୁଷିଆ ନିୟନ୍ତ୍ରଣକୁ ଆସିଲା । ମାତ୍ର ଏଥିପାଇଁ ଆବଶ୍ୟକ ଅର୍ଥାଭାବ ଦେଖାଦେବାରୁ ଏହାକୁ ଆମେରିକା ବ୍ୟବହାର କରିବା ପାଇଁ ଅନୁମତି ଦିଆଗଲା । ଉଭୟ ଦେଶର ମିଳିତ ଅଭିଯାନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ନିର୍ମାଣ ପାଇଁ ପ୍ରେରଣା ଦେଲା । ଏଥିରେ କିଛି ତ୍ରୁଟି ଦେଖାଯିବା ପରେ ଏହାକୁ ୨୦୦୧ ମସିହାରେ ପୃଥିବୀର ବାୟୁମଣ୍ଡଳକୁ ଖସାଇ ଧ୍ୱଂସ କରିଦିଆଗଲା ।

ଏବେ ୨୫ ଦେଶର ମିଳିତ ଉଦ୍ୟୋଗରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର କାର୍ଯ୍ୟ କରୁଛି । ଅବଶ୍ୟ ଏଥିମଧ୍ୟରେ ଭାରତ ନାହିଁ । ଏଥିପାଇଁ ୧୫୦୦୦ କୋଟି ଡଲାର ଖର୍ଚ୍ଚ ହୋଇଛି । ୧୯୯୮ ମସିହାରେ ଏହାର ପ୍ରଥମ ମଡ୍ୟୁଲକୁ ଉତ୍କ୍ଷେପଣ କରାଯାଇଥିଲା ଏବଂ ୨୦୦୦ ମସିହାରୁ ଏଠାରେ ମହାକାଶଚାରୀମାନେ ଅନବରତ ରହି ଗବେଷଣା କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ୨୨ଟି ଦେଶରୁ ୨୮୬ ଜଣ ବ୍ୟକ୍ତି ଏଠାକୁ ଯାଇଛନ୍ତି । ଏହା ୨୦୩୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଯୋଜନା କରାଯାଇଛି । ଚାଇନା ୨୦୨୧ ମସିହାରେ ନିଜର ମହାକାଶ କେନ୍ଦ୍ର 'ତିଆଙ୍ଗୋଙ୍ଗ'କୁ ମହାକାଶକୁ ଉତ୍କ୍ଷେପଣ କରିଛି ଏବଂ ୨୦୨୨ ମସିହା ଅକ୍ଟୋବରରେ ଏହାକୁ ପ୍ରଥମ ମହାକାଶଚାରୀ ଯାଇ ରହିଛନ୍ତି । ଏହିପରି ବର୍ତ୍ତମାନ କେବଳ ଦୁଇଟି ଅନ୍ତରୀକ୍ଷ କେନ୍ଦ୍ର-ଅନ୍ତରୀକ୍ଷ ମହାକାଶ କେନ୍ଦ୍ର ଏବଂ ତିଆଙ୍ଗୋଙ୍ଗ କାର୍ଯ୍ୟରତ ଅଛି ।

ଆମ ଦେଶ ଭାରତ ମହାକାଶ ଅଭିଯାନରେ ଅନେକ କୃତିତ୍ୱ ହାସଲ କରିଛି । ଚନ୍ଦ୍ରପୃଷ୍ଠରେ ଯାନ ଅବତରଣ, ମଙ୍ଗଳ କକ୍ଷରେ ମହାକାଶ ଯାନ ଏବଂ ସୂର୍ଯ୍ୟ ସନ୍ଧାନରେ ମହାକାଶ ଯାନ ପ୍ରେରଣ ହେଉଛି ଏହାର କେତେଗୁଡିଏ କୃତୀ । ଭାରତ ୨୦୨୫ ମସିହାରେ ଗଗନଯାନରେ ମହାକାଶକୁ ନିଜର ମହାକାଶଚାରୀ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଛି । ଏହି ପରିପ୍ରେକ୍ଷୀରେ ଭାରତ ନିଜର ଗୋଟିଏ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ କରିବା ପାଇଁ ଯୋଜନା କରିଛି । କେନ୍ଦ୍ର ସରକାର ଏହି ବର୍ଷ ସେପ୍ଟେମ୍ବରରେ ଏହି ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହାର ନାମ ରଖାଯାଇଛି 'ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର' । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏହାକୁ ଗଗନଯାନ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିବେଚନା କରୁଛି । ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ରକୁ ୨୦୩୫ ମସିହା ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ଇସ୍ରୋ ଘୋଷଣା କରିଛି । ଏହାର ପ୍ରଥମ ମଡ୍ୟୁଲକୁ ୨୦୨୮ ସୁଦ୍ଧା ପଠାଯିବ । ଏହାର ଓଜନ ୫୨ ଟନ୍ ହେବ ଏବଂ ଏହାକୁ ଭୂପୃଷ୍ଠରୁ ୪୦୦ରୁ ୪୫୦ କିମି ଉଚ୍ଚତା ମଧ୍ୟରେ ଅବସ୍ଥାପିତ କରାଯିବ । ପାଞ୍ଚଟି ମଡ୍ୟୁଲରେ ଏହି କେନ୍ଦ୍ର ନିର୍ମିତ ହେବ ଏବଂ ଏହାର ମୋଟ ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୭ ମିଟର ଏବଂ ୨୦ ମିଟର ରହିବ । ଏହା ମଧ୍ୟରେ ଚାରି ଜଣ ମହାକାଶଚାରୀ ଏକାଦିକ୍ରମେ ୩-୪ ମାସ ପର୍ଯ୍ୟନ୍ତ ରହି ଗବେଷଣା କରିପାରିବା ଭଳି ଏହାକୁ ଡିଜାଇନ୍ କରାଯାଇଛି । ସୌର ଫଳକ ସାହାଯ୍ୟରେ ଏହା ଆବଶ୍ୟକ ଶକ୍ତି ପାଇବ । ଆଶାକରାଯାଉଛି, ଉଲ୍ଲେଖନୀୟ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶରେ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର ସହାୟତା କରିବ । ଅତିକମ ମାଧ୍ୟାକର୍ଷଣରେ ଗବେଷଣା କରି ଭାରତୀୟ ମହାକାଶଚାରୀମାନେ ସଫଳତା ଲାଭ କରିବାର ଅନେକ ସମ୍ଭାବନା ରହିଛି । ଏହି କେନ୍ଦ୍ର ଇସ୍ରୋ ଖ୍ୟାତିକୁ ଆହୁରି ବୃଦ୍ଧି କରିବ ।

# ବଢୁଛି ମହିଳାଙ୍କ ପ୍ରତି ଘରୋଇ ହିଂସା



ଭୁବନେଶ୍ୱର: ଚଳିତ ବର୍ଷ ମହିଳାମାନଙ୍କ ବିରୋଧରେ ଘରୋଇ ହିଂସା ଉପରମୁହାଁ ହୋଇଛି । କମିସନରେଟ୍ ପୁଲିସ୍‌ର ଭୁବନେଶ୍ୱର ୟୁପିଡି ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁସାରେ,ପ୍ରାୟ ସାଢ଼େ ୫ମାସ ମଧ୍ୟରେ ଯୌତୁକ ନିର୍ଯାତନା, ଟଙ୍କା ପାଇଁ ହତ୍ୟା ଉଦ୍ୟମ, ମଦ ପିଇ ମାଡ଼ମାରିବା, ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଭଳି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହେଲାଣି । ଆଉ ଏହି କ୍ରମରେ ପ୍ରାୟ ୩୫ରୁ ଅଧିକ ମାମଲାରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଥିବା ବେଳେ ୧୦ରୁ ଅଧିକ ସ୍ୱାମୀଙ୍କ ସଂପର୍କୀୟ ନିର୍ଯାତନା ଦେଇ ବନ୍ଧା ହୋଇଛନ୍ତି ।ଘରୋଇ ହିଂସାକୁ ନେଇ ଦିଆଯାଇଥିବା ତଥ୍ୟ ଅନୁସାରେ, ଜାନୁଆରି ମାସରେ ୭ଜଣଙ୍କୁ ଗିରଫ କରିଥିବା ବେଳେ ଫେବ୍ରୁଆରିରେ ୮ଜଣ, ମାର୍ଚ୍ଚରେ ୧୦ଜଣ, ଏପ୍ରିଲ୍‌ରେ ୮ଜଣ, ମେ'ରେ ୧୬ଜଣ ଓ ଜୁନ୍ ୧୨ତାରଖ ସୁଦ୍ଧା ଜଣଙ୍କୁ ଗିରଫ କରାଯାଇଛି । ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ଜଣେ ଯୁବକ ଗୋଡ଼େଇ ଗୋଡ଼େଇ ପତ୍ନୀକୁ ଛୁରି ଭୁସି ହତ୍ୟା କଲା । ଏହା ପଛରେ କାରଣ ଥିଲା, ମଦ ପାଇଁ ଟଙ୍କା ନଦେବା । ଏହି ସାମାନ୍ୟ କାରଣ ପାଇଁ ଜହ୍ଲାଦ ସ୍ୱାମୀ ଦୀର୍ଘ ୭ବର୍ଷର ଜୀବନସାଥୀ ଅତି ବୀଭତ୍ସ ଭାବେ ହତ୍ୟା କରିଥିଲା । ଚଳିତ ବର୍ଷ ହୋଲିରେ ଘଟିଥିବା ଏହି ହତ୍ୟାକାଣ୍ଡରେ ପୁଲିସ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ମଲିକକୁ ଗିରଫ କରିଥିଲା । ସାମାନ୍ୟ ବଚସାକୁ କେନ୍ଦ୍ର କରି ୧୫ବର୍ଷର ବୈବାହିକ ସଂପର୍କକୁ ଉଜାଡ଼ି ଦେଇଥିଲା ସ୍ୱାମୀ । କାଠଫାଳିଆରେ ପିଟିପିଟି ନିଜ ପତ୍ନୀକୁ ହତ୍ୟା କରିଥିଲା । ଏଭଳି ଏକ ସଙ୍ଗିନ ମାମଲାରେ ବଡ଼ଗଡ଼ ଥାନା ପୁଲିସ ସୁଶାନ୍ତ ସ୍ୱାଇଁଙ୍କୁ ଗତ ମାର୍ଚ୍ଚ ୩୧ତାରିଖ ରାତିରେ ଗିରଫ କରିଥିଲା । ବଡ଼ଭାଇ ଅକ୍ଷୟଙ୍କ ଏତଲା ଆଧାରରେ ତାଙ୍କ ଭଉଣୀ ଅମ୍ବିକାଙ୍କୁ ଭିଣୋଇ ସୁଶାନ୍ତ ସବୁବେଳେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ । ବାପଘରୁ ଟଙ୍କା ଆଣିବାକୁ ବାରମ୍ବାର ବାଧ୍ୟ କରୁଥିଲେ । ଯାହା ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ ଭଉଣୀର ଜୀବନ ନେଇଗଲା । ନିଜ ପରିବାରକୁ ଲୁଚାଇ ଜଣେ ଅନ୍ୟ ଧର୍ମର ଯୁବତୀଙ୍କୁ ବିବାହ କଲା । କିଛି ଦିନ ପରେ ଯୁବତୀ ଜଣକ ଅନ୍ୟ ଧର୍ମର ବୋଲି ଜଣାପଡ଼ିବା ପରେ ଯୁବକଙ୍କ ପରିବାର ଲୋକେ ତାଙ୍କୁ ବୋହୂ ଭାବେ ସ୍ୱୀକାର କରିନଥିଲେ । ଏହା ପରେ ଯୁବକ ଜଣକ ଚଞ୍ଚକତା କରି ନିଜ ପତ୍ନୀଙ୍କ ଗର୍ଭ ନଷ୍ଟ କରିଥିଲେ । ଏହା ପରେ ଷଡ଼ଯନ୍ତ୍ର କରି ପତ୍ନୀଙ୍କୁ ତାଙ୍କ ବାପଘରକୁ ପଠାଇ ଦେଇଦେଲେ । ଏଭଳି କିଛି ଅଭିଯୋଗକୁ ଭିତ୍ତି କରି ଭରତପୁର ଥାନା ପୁଲିସ ଗତ ଏପ୍ରିଲ୍ ମାସରେ ଜଣେ ସିଆରପିଏଫ୍ ଇନ୍ସପେକ୍ଟରଙ୍କ ପୁଅ ରଘୁବୀର ନାୟକକୁ ଗିରଫ କରିଥିଲା । ଘରର ସଂପର୍କୀୟ ମହିଳାଙ୍କୁ ଦୁଷ୍କର୍ମ କଲେ । ପରେ ସେ ସବୁ କେଳେଙ୍କାରୀକୁ ମୋବାଇଲ୍‌ରେ କଏଦ୍ କରି ଟଙ୍କା ଦାବି କରିଥିଲେ । ଏଭଳି ଏକ ସମ୍ବେଦନଶୀଳ ଏତଲାରେ ଗତ ଏପ୍ରିଲ୍ ୨୫ରେ ମହିଳା ଥାନା ପୁଲିସ ୨ଜଣ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଦୁଷ୍କର୍ମ ଓ ଆଇଟି ଆକ୍ଟ ସମେତ, ଅସଦାଚରଣ ଓ ସ୍ୱାମୀର ପରିବାର ତଥା ସଂପର୍କୀୟଙ୍କ ସଂପୃକ୍ତି ପାଇଁ ବିଏନ୍‌ଏସ୍ ୮୫ ଲଗାଇ ଚିତ୍ରସେନ ମହାପାତ୍ର ଓ ଅରୁଣ ବଳିୟାରସିଂହକୁ ପୁଲିସ ଗିରଫ କରିଥିଲା ।

# ହୁ ରିପୋର୍ଟରେ ଚିନ୍ତାଜନକ ତଥ୍ୟ : ଦୂଷିତ ଖାଦ୍ୟ ଯୋଗୁଁ ପ୍ରତିବର୍ଷ ୧୫ ଲକ୍ଷ ମୃତ୍ୟୁ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ନୂତନ ରିପୋର୍ଟ ଅନୁଯାୟୀ, ଦୂଷିତ ଓ ଅସୁରକ୍ଷିତ ଖାଦ୍ୟ ସାରା ବିଶ୍ୱରେ ଜନସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ବିପଦ ସାଜିଛି । କେବଳ ୨୦୨୧ ମସିହାରେ ଏହି କାରଣରୁ ପ୍ରାୟ ୮୬.୬ କୋଟି ଲୋକ ଅସୁସ୍ଥ ହୋଇଥିବା ବେଳେ ୧୫ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି ।

**୧. ଶିଶୁମାନଙ୍କ ପ୍ରତି ସର୍ବାଧିକ ବିପଦ**
୫ ବର୍ଷରୁ କମ୍ ବୟସର ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିବାରୁ ସେମାନେ ଏହି ବିପଦର ସବୁଠାରୁ ବଡ଼ ଶିକାର ହେଉଛନ୍ତି । ବୟସ୍କଙ୍କ ତୁଳନାରେ ସେମାନଙ୍କଠାରେ ସଂକ୍ରମଣର ଆଶଙ୍କା ୩ ଗୁଣ ଅଧିକ । ବିଶ୍ୱ ଜନସଂଖ୍ୟାରେ ସେମାନଙ୍କ ଭାଗ ମାତ୍ର ୯% ହୋଇଥିଲେ ମଧ୍ୟ, ମୋଟ ଖାଦ୍ୟ ଜନିତ ରୋଗର ଏକ-ତୃତୀୟାଂଶ ମାମଲା ଏହି ପିଲାମାନଙ୍କଠାରେ ଦେଖାଯାଏ, ଯାହା ପ୍ରାୟତଃ ମାରାତ୍ମକ ଡାଇରିଆର ରୂପ ନେଇଥାଏ ।

**୨. ରାସାୟନିକ ପ୍ରଦୂଷଣ ସବୁଠାରୁ ଘାତକ**
ରିପୋର୍ଟ ଅନୁଯାୟୀ, ଅଧିକାଂଶ ଲୋକେ ବ୍ୟାକ୍ଟେରିଆ ବା ଭାଇରସ୍ ଯୋଗୁଁ ଅସୁସ୍ଥ ହୋଇଥାନ୍ତି, କିନ୍ତୁ ମୃତ୍ୟୁ ପାଇଁ ରାସାୟନିକ ପ୍ରଦୂଷଣ ସବୁଠାରୁ ବଡ଼ କାରଣ । ୨୦୨୧ର ମୋଟ ମୃତ୍ୟୁ ମଧ୍ୟରୁ ପ୍ରାୟ ୭୩% ମୃତ୍ୟୁ କେମିକାଲ୍ସ ଯୋଗୁଁ ହୋଇଥିଲା । ଏଥିମଧ୍ୟରୁ ଅଜୈବିକ ଆର୍ସେନିକ୍ (୪୨%) ଏବଂ ସୀସା ବା ଲେଡ୍ (୩୧%) ସବୁଠାରୁ ବିପଜ୍ଜନକ ସାବ୍ୟସ୍ତ ହୋଇଛନ୍ତି, ଯାହା କ୍ୟାନ୍ସର ଓ ହୃଦ୍ରୋଗ ଭଳି ସମସ୍ୟା ସୃଷ୍ଟି କରେ । ଏହାଛଡ଼ା ସୀସା ଓ ମିଥାଇଲ୍ ମର୍କୁରୀ ପିଲାଙ୍କ ମାନସିକ ବିକାଶକୁ ବାଧାପ୍ରାପ୍ତ କରିଥାଏ ।



**୩. ଆଞ୍ଚଳିକ ଓ ଅର୍ଥନୈତିକ ପ୍ରଭାବ**
ବିଶ୍ୱର ମୋଟ ଖାଦ୍ୟ ଜନିତ ରୋଗର ୫% ଏବଂ ମୃତ୍ୟୁର ୬୦% କେବଳ ଆଫ୍ରିକା ଓ ଦକ୍ଷିଣ-ପୂର୍ବ ଏସିଆରେ ଘଟୁଛି । ଏହି ସ୍ୱାସ୍ଥ୍ୟ ସଙ୍କଟ ଯୋଗୁଁ ଲୋକମାନେ କାର୍ଯ୍ୟକ୍ଷମ ନହେବାରୁ ବିଶ୍ୱ ଅର୍ଥନୀତିକୁ ପ୍ରାୟ ୩୧୦ ବିଲିୟନ ଆମେରିକୀୟ ଡଲାରର ଉତ୍ପାଦନ ଶକ୍ତି ହରାଇବାକୁ ପଡ଼ିଛି ।

# ମାନହାନି ଅଭିଯୋଗ ନେଇ ଥାନାରେ ପହଞ୍ଚିଲେ ସୌରଭ ଗାଙ୍ଗୁଲି



**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ମାନହାନି ଅଭିଯୋଗ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସେ ଅଭଯୋଗ କରିଛନ୍ତି ଯେ, ସୋସିଆଲ ମିଡିଆରେ ନିରନ୍ତର ଅପମାନଜନକ ଏବଂ ବିଭ୍ରାନ୍ତକର ପୋଷ୍ଟ ମାଧ୍ୟମରେ ତାଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରାଯାଉଛି । ଗାଙ୍ଗୁଲି ଠାକୁରପୁକୁର ପୁଲିସ୍ ଷ୍ଟେସନରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସୌରଭ ଗାଙ୍ଗୁଲି ଅଭିଯୋଗରେ 'ସୌରଭ ଗାଙ୍ଗୁଲି ଫ୍ୟାନ' ନାମକ ଏକ ଫେସବୁକ୍ ପେଜର ଉଲ୍ଲେଖ କରିଛନ୍ତି । ଅଭିଯୋଗ ଅନୁଯାୟୀ ଏହି ପୃଷ୍ଠାର ୩୬ ଲକ୍ଷ ଫଲୋଅର୍ସ ଅଛନ୍ତି । ପେଜ୍ ଗାଙ୍ଗୁଲିଙ୍କ ସରକାରୀ ପ୍ରଶଂସକ ଭାବେ ଦାବି କରୁଛି । ଏହି ପେଜରେ ଲଗାତାର ଏପରି ବାର୍ତ୍ତା ପୋଷ୍ଟ କରୁଛି ଯାହା ତାଙ୍କ ବିରୋଧରେ ନକରାତ୍ମକ ଜନମତ ସୃଷ୍ଟି କରୁଛି । ତାଙ୍କ ବ୍ୟକ୍ତିଗତ ପ୍ରତିଷ୍ଠାକୁ କ୍ଷୁଣ୍ଣ କରିବାକୁ ଚେଷ୍ଟା କରାଯାଉଛି । ଏହି ଫେସ୍‌ବୁକ୍ ପେଜ୍‌ରେ ଗୁରତ୍ୱପୂର୍ଣ୍ଣ ବିବରଣୀ ସେୟାର କରିଛନ୍ତି । ଏକ କ୍ରୀଡ଼ା ୱେବ୍‌ସାଇଟ୍ ମଧ୍ୟ ରହିଛି । ଦାଦା ସୌରଭ ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି ଯେ, ସେ କୌଣସି ସାମାନ୍ୟ କାରଣ ପାଇଁ ପୁଲିସ ପାଖକୁ ଯାଇନାହାନ୍ତି । ମାମଲାର ଗମ୍ଭୀରତାକୁ ସ୍ପଷ୍ଟ କରି ସେ ତାଙ୍କ ଆବେଦନରେ କହିଛନ୍ତି, ଜଣେ ଜନପ୍ରତିନିଧି ଭାବରେ ମୁଁ ସମ୍ପୂର୍ଣ୍ଣ ବୁଝୁଛି ଯେ ଜନମତ ଏବଂ ସମାଲୋଚନା ସାର୍ବଜନୀନ ଜୀବନର ଅଂଶ । ମୋର ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ବିଭ୍ରାନ୍ତିକର, ମାନହାନିଜନକ ଏବଂ କ୍ଷତିକାରଣ ବିଷୟବସ୍ତୁ ପ୍ରସାରଣ ଗ୍ରହଣୀୟ ନୁହେଁ ଏବଂ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଜରୁରୀ ।

## ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍-୨୦୨୬

# ସଲିମା ଟେଟେଙ୍କ ଦମ୍‌ଦାର ପ୍ରଦର୍ଶନ : ଜାପାନକୁ ହରାଇ ସେମିରେ ଭାରତ

**ଓକଲାଣ୍ଡ**

ଭାରତୀୟ ମହିଳା ହକି ଦଳ ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍ ୨୦୨୬ର ସେମିଫାଇନାଲରେ ନିଜ ସ୍ଥାନ ପକ୍କା କରିଛି । ଓକଲାଣ୍ଡର ନର୍ଥ ହାର୍ବର୍ ନ୍ୟାସନାଲ୍ ହକି ସେଣ୍ଟରରେ ଖେଳାଯାଇଥିବା ପୁଲ୍-ଏ'ର ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨-୧ ଗୋଲରେ ଜାପାନକୁ ପରାସ୍ତ କରିଛି । ଅଧିନାୟିକା ତଥା 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ସଲିମା ଟେଟେ (୩୩ତମ ମିନିଟ) ଏବଂ ଲାଲରେମସିଆମି (୪୯ତମ ମିନିଟ୍) ଭାରତ ପାଇଁ ଗୋଲ୍ କରିଥିଲେ । ଅନ୍ୟପଟେ ଜାପାନ ପକ୍ଷରୁ ହିରାମିସୁ ଆଇ ଏକମାତ୍ର ଗୋଲ୍ କରିଥିଲେ ।



ଭାରତର ଅଧିନାୟିକା ସଲିମା ଟେଟେ ୩୩ତମ ମିନିଟରେ ଏବଂ ଲାଲରେମସିଆମି ୪୯ତମ ମିନିଟରେ ଗୋଲ୍ କରିଥିଲେ । ଯାହା ଜାପାନୀ ଖେଳାଳିଙ୍କ ମନୋବଳକୁ ଭାଙ୍ଗି ଦେଇଥିଲା । ଜାପାନ ପକ୍ଷରୁ ହିରାମିସୁ ଆଇ ୩୫ତମ ମିନିଟରେ ଗୋଲ୍ ଦେଇଥିଲେ । କିନ୍ତୁ ଭାରତର ଅଗ୍ରଣୀକୁ ଅତିକ୍ରମ କରିବା ପାଇଁ ତାଙ୍କୁ ଅନ୍ୟ କୌଣସି ଖେଳାଳିଙ୍କ ସହଯୋଗ ମିଳିନଥିଲା । ଏହି ମ୍ୟାଚ୍ ମିଡଫିଲ୍ଡର ଜ୍ୟୋତିଙ୍କ ପାଇଁ ମଧ୍ୟ ଖାସ୍ ଥିଲା, ଯିଏକି ନିଜ କ୍ୟାରିୟରର ୧୦୦ତମ ସିନିୟର ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ।

ପ୍ରଥମାର୍ଦ୍ଧରେ ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା । ଏହି ସମୟରେ ଗୋଲ୍ କରିବା ପାଇଁ ଅନେକ ସୁଯୋଗ ସୃଷ୍ଟି ହୋଇଥିଲେ ମଧ୍ୟ ହାଫ୍ ଟାଇମ୍ ପର୍ଯ୍ୟନ୍ତ କୌଣସି ଦଳ ଗୋଲ୍ କରିବାରେ ସଫଳ ହୋଇପାରି ନ ଥିଲେ । ତୃତୀୟ କ୍ୱାର୍ଟରରେ ମ୍ୟାଚ୍ ଗତିଶୀଳ ହୋଇଥିଲା ଏବଂ ଭାରତ ୩୩ତମ ମିନିଟରେ ଏକ ଚମତ୍କାର ପେନାଲ୍ଟି କର୍ଣ୍ଣର ଭେରିଏସନ୍ ଜରିଆରେ ପ୍ରଥମ ଗୋଲ୍ କରିଥିଲା । ନବନୀତ କୌରଙ୍କ ଶଟ୍‌କୁ ନିକ୍କି ପ୍ରଧାନ ବହୁତ ସୁନ୍ଦର ଭାବେ ଡିଫ୍ଲେକ୍ଟ କରି ସଲିମା ଟେଟେଙ୍କ ପାଖକୁ ପହଞ୍ଚାଇଥିଲେ, ଯିଏକି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ । ତେବେ ମାତ୍ର ଦୁଇ ମିନିଟ୍ ପରେ ଜାପାନ ପାଲଟା ଆକ୍ରମଣ କରି ମୁକାବିଲାକୁ ୧-୧ରେ ବରାବର କରିଦେଇଥିଲା ।

ଶେଷ କ୍ୱାର୍ଟରରେ ଉଭୟ ଦଳ ବରାବର ସ୍ଥିତିରେ ଥିଲେ । କିନ୍ତୁ ଭାରତର ଲାଲରେମସିଆମି ୪୯ତମ ମିନିଟରେ ବିଜୟୀ ଗୋଲ୍ ସ୍କୋର କରିଥିଲେ । ସୁଶୀଲା ଚାନୁ ପୁଖରାମବମ୍ ସର୍କଲ୍ କୂଳରୁ ଗୋଲ୍ ଅଭିମୁଖେ ଏକ ଶାନଦାର ପାସ୍ ଦେଇଥିଲେ, ଯାହାକୁ ଲାଲରେମ-ସିଆମି ଚମତ୍କାର ଭାବେ ଡିଫ୍ଲେକ୍ଟ କରି ବଲକୁ ଜାଲ ଭିତରକୁ ପଠାଇ ଦେଇଥିଲେ ଏବଂ ଭାରତକୁ ୨-୧ରେ ଅଗ୍ରଣୀ କରାଇ ଥିଲେ । ଏହି ବିଜୟ ସହିତ ଭାରତ ପୁଲ-ଏ'ରେ ଶୀର୍ଷ ସ୍ଥାନରେ ପହଞ୍ଚିଛି । ବର୍ତ୍ତମାନ ଭାରତ ଟୁର୍ଣ୍ଣାମେଣ୍ଟର ନିଜର ଶେଷ ପୁଲ-ଏ ମ୍ୟାଚ୍‌ରେ ୧୮ ଜୁନରେ ଉରୁଗୁଏର ସାମ୍ନା କରିବ ।

# ୧୦୦ ପ୍ରଭାବଶାଳୀ ଖେଳାଳିଙ୍କ ସୂଚୀରେ କେବଳ ଜଣେ ଭାରତୀୟ

**ମୁମ୍ବାଇ**



କ'ଣ ଆପଣ କେବେ ଭାବିଛନ୍ତି କ୍ରିକେଟ ବିଶ୍ୱରେ ୧୦୦ସବୁଠାରୁ ପ୍ରଭାବଶାଳୀ ଖେଳାଳିଙ୍କ ଲିଷ୍ଟରେ ବିରାଟ କୋହଲୀଙ୍କ ନାଁ ନିଆଯିବ ନି । ବିରାଟ ନୁହେଁ ବରଂ ବୈଭବ ସୂର୍ଯ୍ୟବଂଶୀଙ୍କ ନାଁ ବି ଏହି ଲିଷ୍ଟରେ ନାହିଁ । ଆପଣଙ୍କୁ ଜାଣି ଆଶ୍ଚର୍ଯ୍ୟ ଲାଗିବ କି ଏହି ଦୁଇ ଜଣଙ୍କ ନାଁ ନୁହେଁ ରୋହିତ ଶର୍ମା ବି ଏହି ଲିଷ୍ଟରେ ନାହାନ୍ତି । ଏହି ଲିଷ୍ଟରେ କେବଳ ଜଣେ ଭାରତୀୟ ଖେଳାଳି ଅଛନ୍ତି ତାଙ୍କ ନାଁ ସ୍ମୃତି ମନ୍ଧାନା ।

ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ଉପଅଧିନାୟକ ସ୍ମୃତି ମନ୍ଧାନାଙ୍କୁ ଟାଇମ୍ ପତ୍ରିକା ଚଳିତ ବର୍ଷ ଖେଳ ଜଗତର ୧୦୦ ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସାମିଲ ରହିଛି । ସେ ଏହି ଲିଷ୍ଟରେ ସାମିଲ ହୋଇଥିବା ଏକମାତ୍ର ଭାରତୀୟ ଅଟନ୍ତି । ଟାଇମ୍ ପତ୍ରିକାର ୨୦୨୬ର ଖେଳ ଜଗତରେ ୧୦୦ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସୂଚୀରେ ଏଭଳି ଖେଳାଳି, କୋଚ୍, ସମର୍ଥକ ଏବଂ ନିବେଶକ ସାମିଲ ଅଛନ୍ତି ଯେଉଁମାନେ ଖେଳରେ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ଏହି ଲିଷ୍ଟରେ ଆମେରିକା ବାସ୍କେଟବଲର ଭେଟରାନ୍ ଲେବ୍ରାନ ଜେମ୍ସ, ଫୁଟବଲ୍ ଷ୍ଟାର ଲିୟୋନେଲ ମେସ୍ସୀ, କ୍ରିଷ୍ଟିୟାନ ରୋନାଲ୍ଡୋ, ଚିନୀ-ଆମେରିକା ସ୍କିୟରର ଏଲିନ ଗୁ, ଟେନିସ ଷ୍ଟାର କାର୍ଲୋସ ଅଲ୍କାରାଜ, ବାସ୍କେଟବଲ ଖେଳାଳୀ ଭିକ୍ଟର ବେମ୍ବନ୍ୟାମା, ଭେଟରାନ ଗୋଲ୍ଫର ରୋରୀ ମ୍ୟାକଲୟ, ଦକ୍ଷିଣ ଆଫ୍ରିକା କ୍ରିକେଟ ଅଧିନାୟକ ଟେମ୍ବା ବାବୁମା ଭଳି ଖେଳ ଜଗତର ସୁପରଷ୍ଟାର ସାମିଲ ଅଛନ୍ତି । ଭାରତୀୟ ମହିଳା ରାଷ୍ଟ୍ରୀୟ ଟିମ୍ ଉପ-ଅଧିନାୟକ ୨୯ବର୍ଷର ମନ୍ଧାନା ଏହି ବିଶିଷ୍ଟ କ୍ଲବର ଭାଗିଦାରୀ ଅଟନ୍ତି । ଟାଇମ୍ ପତ୍ରିକାରେ ମନ୍ଧାନା ବିଷୟରେ କୁହାଯାଇଛି । ମନ୍ଧାନା ଘରୋଇ ୱାନଡେ ମ୍ୟାଚ୍‌ରେ ଦ୍ୱିତୀୟ ଶତକ କରିଥିବା ପ୍ରଥମ ଭାରତୀୟ ମହିଳା ଖେଳାଳି ଅଛନ୍ତି । ସେ ୩ ଅନ୍ତରାଷ୍ଟ୍ରୀୟ ସ୍ତରରେ ଶତକ ବନାଇଥିବା ପ୍ରଥମ ମହିଳା ଖେଳାଳି ଅଟନ୍ତି ଏବଂ ୧୭ଶତକ ସହ ଅନ୍ତରାଷ୍ଟ୍ରୀୟ ମହିଳା କ୍ରିକେଟରେ ସବୁଠାରୁ ଅଧିକ ଶତକର ଯୁଗ୍ମ ରେକର୍ଡ଼ ଅଟେ ।

# ଇଣ୍ଡିଆ-ଏ'ଦଳରେ ସାମିଲ ହେଲେ ଜିଟି'ର ଖତରନାକ ପେସର ଅଶୋକ ଶର୍ମା

**ନୂଆଦିଲ୍ଲୀ**

ଶ୍ରୀଲଙ୍କାରେ ଚାଲିଥିବା ଟ୍ରାଏ-ନେସନ୍ସ ଦିନିକିଆ ସିରିଜ୍‌ରେ ଟିମ୍ ଇଣ୍ଡିଆ 'ଏ' ନିଜର ବୋଲିଂ କାରଣରୁ ଦୁଇଟି ମ୍ୟାଚ୍ ହାରିସାରିଛି । ଏହି ସମୟରେ ଭାରତୀୟ କ୍ରିକେଟ୍ ବୋର୍ଡ ଜଣେ ଖତରନାକ ଦ୍ରୁତ ବୋଲରଙ୍କୁ ଶ୍ରୀଲଙ୍କା ପଠାଇବାକୁ ନିଷ୍ପତ୍ତି ନେଇଛି । ଏହି ବୋଲର ଜଣକ ଅନ୍ୟ କେହି ନୁହନ୍ତି, ବରଂ ଆଇପିଏଲ୍ ୨୦୨୬ର ସବୁଠାରୁ ଦ୍ରୁତ ବଲ୍ ପକାଇଥିବା ଗୁଜରାଟ ଟାଇଟନ୍ସର ପେସର ଅଶୋକ ଶର୍ମା । ଯିଏକି ରିପ୍ଲେସମେଣ୍ଟ ଭାବେ ଶ୍ରୀଲଙ୍କା ଯାଇଛନ୍ତି । ମଙ୍ଗଳବାର ଅର୍ଥାତ୍ ଜୁନ୍ ୧୬ ତାରିଖରେ ସେ ଶ୍ରୀଲଙ୍କାରେ ପହଞ୍ଚି ସାରିଛନ୍ତି ଏବଂ ପରବର୍ତ୍ତୀ ମ୍ୟାଚ୍ ଖେଳିବା ପାଇଁ ଉପଲବ୍ଧ ହେବେ । ଏହି ସୂଚନା ନିଜେ ବିସିସିଆଇ ପ୍ରଦାନ କରିଛି ।

ଗୁଜରାଟ ଟାଇଟନ୍ସର ଖତରନାକ ପେସର ଅଶୋକ ଶର୍ମାଙ୍କୁ ଶ୍ରୀଲଙ୍କାରେ ଚାଲିଥିବା ଟ୍ରାଏ-ନେସନ୍ସ ସିରିଜ୍ ପାଇଁ ଇଣ୍ଡିଆ 'ଏ' ଦଳରେ ସୁଯୋଗ ମିଳିଛି । ବିସିସିଆଇ ଏବେ ଯୁଧବୀର ସିଂ ଚରକଙ୍କ ରିପ୍ଲେସମେଣ୍ଟ ଘୋଷଣା କରିଛି । ତାଙ୍କ ସ୍ଥାନରେ ଏଣିକି ସିରିଜ୍‌ର ବାକି ମ୍ୟାଚ୍‌ଗୁଡ଼ିକ ଅଶୋକ ଶର୍ମା ଖେଳିବେ । ଆହତ କାରଣରୁ ଯୁଧବୀର ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି । ବିସିସିଆଇ ସୂଚନା ଦେଇ କହିଛି, ଜୁନ୍ ୧୩ ତାରିଖରେ ବୋଲିଂ କରିବା ସମୟରେ ଯୁଧବୀର ନିଜ ଡାହାଣ କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ ।



ଏପରିକି ଜୁନ୍ ୧୧ ତାରିଖରେ ଫିଲ୍ଡିଂ ସେସନ୍ ବେଳେ ମଧ୍ୟ ସେ ସମାନ ଯନ୍ତ୍ରଣା ଅନୁଭବ କରିଥିଲେ, ଯେଉଁ କାରଣରୁ ସେ ଗତ କିଛି ମ୍ୟାଚ୍‌ରେ ଦେଖିବାକୁ ମିଳିନଥିଲେ ।

ବିସିସିଆଇ ମେଡିକାଲ୍ ଟିମ୍ ଜଣେ ବିଶେଷଜ୍ଞଙ୍କ ଯୁଧବୀର ସିଂଙ୍କୁ ପରାମର୍ଶ ଦେଇଛନ୍ତି ଯେ ଡାହାଣ 'ରୋଟେଟର କଫ୍' ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ତାଙ୍କୁ ବିସିସିଆଇ 'ସେଣ୍ଟର ଅଫ୍ ଏକ୍ସଲେନ୍ସ'ର ତତ୍ତ୍ୱାବଧାନରେ ଏକ ଗ୍ରାଜୁଏଟେଡ୍ ରିହାବିଲିଟେସନ୍ ପ୍ରୋଗ୍ରାମ୍ ଦେଇ ଗତି କରିବାକୁ ପଡ଼ିବ । ଯୁଧବୀର ଦାମ୍ବୁଲାଠାରୁ ବେଙ୍ଗାଲୁରୁ ଆସିବେ, ଅନ୍ୟପଟେ ଅଶୋକ ଶର୍ମା ପୂର୍ବରୁ ହିଁ ଶ୍ରୀଲଙ୍କା ଅଭିମୁଖେ ଉଡ଼ାଣ ଭରି ସାରିଛନ୍ତି, ଯିଏକି ୧୭ ଜୁନ୍‌ରେ ଆଫଗାନିସ୍ତାନ 'ଏ' ବିପକ୍ଷରେ ହେବାକୁ ଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଚୟନ ପାଇଁ ଉପଲବ୍ଧ ହେବେ ।

ଇଣ୍ଡିଆ 'ଏ' ଦଳ : ତିଳକ ବର୍ମା (ଅଧିନାୟକ), ଋତୁରାଜ ଗାଏକ୍ୱାଡ୍ (ଉପ-ଅଧିନାୟକ), ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ସୂର୍ଯ୍ୟାଂଶ ଶେଡଗେ, ପ୍ରଭସିମରନ ସିଂ (ୱିକେଟ୍ କିପର), କୁମାର କୁଶାଗ୍ର (ୱିକେଟ୍ କିପର), ବିପରାଜ ନିଗମ, ଯଶ ଠାକୁର, ଅଂଶୁଲ କମ୍ବୋଜ, ଅର୍ଶଦ ଖାନ, ଅନୁକୂଳ ରୟ ଏବଂ ଅଶୋକ ଶର୍ମା ।

# ୪୫ ବର୍ଷ ବୟସରେ ଭଉଣୀଙ୍କ ସହ ଗ୍ରାଣ୍ଡସ୍ଲାମ୍ ପ୍ରତ୍ୟାବର୍ତ୍ତନ କରିବେ ସେରେନା ୱିଲିୟମ୍ସ

**ନୂଆଦିଲ୍ଲୀ**

ଟେନିସ ଜଗତର ଭେଟେରାନ୍ ଖେଳାଳି ସେରେନା ୱିଲିୟମ୍ସ ପ୍ରାୟ ଚାରି ବର୍ଷ ପରେ କୌଣସି ଗ୍ରାଣ୍ଡ ସ୍ଲାମ ଟୁର୍ଣ୍ଣାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି । ୪୪ ବର୍ଷୀୟ ଏହି ଆମେରିକୀୟ ତାରକା ୱିମ୍ବଲଡନ ୨୦୨୬ରେ ନିଜ ବଡ଼ ଭଉଣୀ ଭିନସ ୱିଲିୟମ୍ସଙ୍କ ସହ ମହିଳା ଯୁଗଳ ବର୍ଗରେ ଖେଳୁଥିବାର ନଜର ଆସିବେ । ଟୁର୍ଣ୍ଣାମେଣ୍ଟ ଆୟୋଜକମାନେ ମଙ୍ଗଳବାର ମହିଳା ଯୁଗଳ ପାଇଁ ୱାଇଲ୍ଡ କାର୍ଡ ପାଇଥିବା ଯୋଡ଼ିମାନଙ୍କ ନାମ ଘୋଷଣା କରିଛନ୍ତି । ଯେଉଁଥିରେ ୱିଲିୟମ୍ସ ଭଉଣୀଙ୍କ ନାମ ମଧ୍ୟ ସାମିଲ ରହିଛି । ସେରେନା ୱିଲିୟମ୍ସ ଶେଷ ଥର ପାଇଁ ଯୁଏସ୍ ଓପନ ୨୦୨୨ ସମୟରେ କୌଣସି ଗ୍ରାଣ୍ଡ ସ୍ଲାମ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେହି ଟୁର୍ଣ୍ଣାମେଣ୍ଟରେ ତାଙ୍କର ଯାତ୍ରା ତୃତୀୟ ରାଉଣ୍ଡରେ ଶେଷ ହୋଇଥିଲା । ଯେଉଁଠାରେ ତାଙ୍କୁ ଅଜଲା ଟୋମ୍ଲଜାନୋଭିଚ୍‌ଙ୍କ ବିପକ୍ଷରେ ତିନି ସେଟ୍ ପର୍ଯ୍ୟନ୍ତ ଚାଲିଥିବା ମୁକାବିଲାରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏହା ପରଠାରୁ ସେ କୌଣସି ବି ଗ୍ରାଣ୍ଡ ସ୍ଲାମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିନଥିଲେ । ଏବେ ୱିମ୍ବଲଡନ ୨୦୨୬ ମାଧ୍ୟମରେ ସେରେନା ଆଉ ଥରେ ସବୁଠାରୁ ବଡ଼ ମଞ୍ଚକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି । ତାଙ୍କର ଏହି ପ୍ରତ୍ୟାବର୍ତ୍ତନ ଟେନିସ ପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହକୁ ଦ୍ୱିଗୁଣିତ କରିଦେଇଛି ।



ଭିନସ ଏବଂ ସେରେନା ୱିଲିୟମ୍ସ ମହିଳା ଟେନିସ ଇତିହାସର ଅନ୍ୟତମ ସବୁଠାରୁ ସଫଳ ଯୋଡ଼ି ଭାବେ ପରିଚିତ । ଦୁଇ ଭଉଣୀ ଏକାଠି ମିଶି ଅନେକ ଗ୍ରାଣ୍ଡ ସ୍ଲାମ ଯୁଗଳ ଟାଇଟଲ୍ ଜିତିଛନ୍ତି ଏବଂ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ମଧ୍ୟ ନିଜ ନାମରେ କରିଛନ୍ତି । ଦୀର୍ଘ ସମୟ ପରେ ଦୁହିଁଙ୍କୁ ଆଉ ଥରେ ୱିମ୍ବଲଡନ କୋର୍ଟରେ ଏକାଠି ଖେଳୁଥିବାର ଦେଖିବା ପ୍ରଶଂସକମାନଙ୍କ ପାଇଁ ଏକ ବହୁତ ଖାସ୍ ସୁଯୋଗ ହେବ ।

ୱିମ୍ବଲଡନ ୨୦୨୬ରେ ଅନେକ ଯୁବ ତାରକାଙ୍କ ବ୍ୟତୀତ ଅଭିଜ୍ଞ ଖେଳାଳିମାନଙ୍କ ଉପରେ ମଧ୍ୟ ନଜର ରହିବ, କିନ୍ତୁ ସବୁଠାରୁ ଅଧିକ ଚର୍ଚ୍ଚା ସେରେନା ଏବଂ ଭିନସଙ୍କ ଯୋଡ଼ିକୁ ନେଇ ହେବାର ଆଶା କରାଯାଉଛି । ଟେନିସ ଇତିହାସର ଦୁଇ ମହାନ ଖେଳାଳିଙ୍କର ଏହି ପ୍ରତ୍ୟାବର୍ତ୍ତନ କେବଳ ପ୍ରଶଂସକମାନଙ୍କ ପାଇଁ ସ୍ମରଣୀୟ ହେବ ନାହିଁ, ବରଂ ମହିଳା ଯୁଗଳ ପ୍ରତିଯୋଗିତାର ପ୍ରତିଦ୍ୱନ୍ଦ୍ୱିତାକୁ ମଧ୍ୟ ଅଧିକ ରୋମାଞ୍ଚକର କରିଦେବ ।

# ୧୯୫୮ ପରେ ପ୍ରଥମ ଥର : ଗୋଟିଏ ଦିନରେ ସମସ୍ତ ମ୍ୟାଚ୍ ଡ୍ର'

**ନୂଆଦିଲ୍ଲୀ**

ଫିଫା ବିଶ୍ୱକପ୍‌ର ୨୦୨୬ ପଞ୍ଚମ ଦିନଟି ଫୁଟବଲ୍ ପ୍ରେମୀଙ୍କ ପାଇଁ ଏକ ରୋମାଞ୍ଚକର ରହିଥିଲା । ଜୁନ୍ ୧୫ ତାରିଖରେ ଖେଳାଯାଇଥିବା ସମସ୍ତ ମ୍ୟାଚ୍ ଗୋଟିଏ ପରେ ଗୋଟିଏ ଡ୍ର' ହେବା ପରେ ଏହା ଏକ 'ଡ୍ର' ଦିବସ' ଭାବେ ଇତିହାସରେ ଲିପିବଦ୍ଧ ହୋଇଯାଇଛି । ଖେଳାଯାଇଥିବା ସମସ୍ତ ୪ଟି ମ୍ୟାଚରେ କୌଣସି ବି ଦଳ ଜିତିପାରି ନଥିଲେ ନାହିଁ । ଏହା ଫୁଟବଲ୍‌ର ଅନିଶ୍ଚିତତାକୁ ଆଉ ଥରେ ପ୍ରମାଣ କରିଥିଲା । ୧୯୫୮ ମସିହା ପରେ ଦ୍ୱିତୀୟ ଥର ପାଇଁ ଫୁଟବଲ୍ ଇତିହାସରେ ଏପରି ଘଟଣା ଦେଖିବାକୁ ମିଳିଛି । ଯେତେବେଳେ କି ଗୋଟିଏ ଦିନରେ ସମସ୍ତ ମ୍ୟାଚ୍ ଡ୍ର' ରହିଥିଲା ।



ସ୍ପେନ୍ ଓ କାବୋ ଭର୍ଦେ : ଆଟଲାଣ୍ଟାରେ ଖେଳାଯାଇଥିବା ଗ୍ରୁପ୍ 'ଏଚ୍' ମ୍ୟାଚ୍‌ରେ ଏକ ବଡ଼ ଧରଣର ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା । ବିଶ୍ୱକପ୍‌ରେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରୁଥିବା କାବୋ ଭର୍ଦେର ଡିଫେଣ୍ଡରମାନେ ପୂର୍ବତନ ଚାମ୍ପିଅନ୍ ସ୍ପେନ୍‌କୁ ସମ୍ପୂର୍ଣ୍ଣ ସ୍ତବ୍ଧ କରିଦେଇଥିଲେ । ସ୍ପେନ୍ ଦଳ ପଡ଼ିଆରେ ନିଜର ଦବଦବା ଜାହିର କରିଥିଲା ଏବଂ ଦ୍ୱିତୀୟାର୍ଦ୍ଧରେ ଯୁବ ତାରକା ଲାମିନ୍ ୟାମାଲ ମଧ୍ୟ ପଡ଼ିଆକୁ ଓହ୍ଲାଇଥିଲେ । କିନ୍ତୁ, କାବୋ ଭର୍ଦେର ୪୦ ବର୍ଷୀୟ ଗୋଲକିପର 'ଭୋଜିନ୍‌ହା' ଏକ ଅବିଶ୍ୱସନୀୟ ପ୍ରଦର୍ଶନ କରିଥିଲେ । ତାଙ୍କର ମଜବୁତ ଗୋଲ କିପିଂ ଯୋଗୁଁ ସ୍ପେନ୍ ଗୋଟିଏ ମଧ୍ୟ ଗୋଲ୍ କରିବାରେ ସଫଳ ହୋଇ ନଥିଲା ଏବଂ ମ୍ୟାଚ୍ ଶେଷରେ ୦-୦ ଗୋଲରେ ଡ୍ର' ହୋଇଥିଲା ।

ବେଲଜିୟମ୍ ଓ ଇଜିପ୍ଟ : ସିଆଟଲ୍‌ରେ ଗ୍ରୁପ୍ 'ଜି'ର ମ୍ୟାଚ୍‌ରେ ଇଜିପ୍ଟ ପ୍ରାୟତଃ ବିଜୟ କରିବ ପରି ମନେ ହେଉଥିଲା । ଏମାମ ଆଶୁରଙ୍କ ଦ୍ୱାରା ହୋଇଥିବା ପ୍ରଥମ ଅନ୍ତର୍ଜାତୀୟ ଗୋଲ୍ ଇଜିପ୍ଟକୁ ୧-୦ରେ ଆଗୁଆ କରିଦେଇଥିଲା । ଏକ ସମୟରେ ବେଲଜିୟମ୍ ଦଳ ମ୍ୟାଚ୍‌ରେ ଫେରିବାକୁ ସଂଘର୍ଷ କରୁଥିବା ନଜର ଆସୁଥିଲେ । ତେବେ ମ୍ୟାଚ୍ ଶେଷ ଆଡ଼କୁ ଭେଟେରାନ୍ ରୋମେଲୁ ଲୁକାକୁଙ୍କ ଚାପ ଯୋଗୁଁ ଇଜିପ୍ଟର ଜଣେ ଖେଳାଳି ଭୁଲବଶତଃ ନିଜ ଦଳ ପାଇଁ ଆତ୍ମଘାତୀ ଗୋଲ୍ ଦେଇ ବସିଥିଲେ, ଯାହା ଫଳରେ ମ୍ୟାଚ୍ ୧-୧ରେ ଡ୍ର' ରହିଥିଲା ।

ସାଉଦି ଆରବ ଓ ଉରୁଗୁଏ : ମିଆମିରେ ସାଉଦି ଆରବ ପୁଣି ଥରେ ନିଜର ଲଢୁଆ ମନୋଭାବ ପ୍ରଦର୍ଶନ କରିଛି । ଅବଦୁଲ୍ଲା ଆଲ-ଅମରିଙ୍କ ପ୍ରଥମାର୍ଦ୍ଧ ଗୋଲ୍ ସାଉଦି ଆରବକୁ ଆଶ୍ଚର୍ଯ୍ୟଜନକ ଭାବେ ଆଗୁଆ କରିଥିଲା । ଉରୁଗୁଏ ଭଳି ଶକ୍ତିଶାଳୀ ଦଳକୁ ମ୍ୟାଚ୍ ବଞ୍ଚାଇବା ପାଇଁ ଖୁବ୍ ପରିଶ୍ରମ କରିବାକୁ ପଡ଼ିଥିଲା । ଶେଷ ମୁହୂର୍ତ୍ତରେ ମ୍ୟାକ୍ସି ଆରାଉଜୋଙ୍କ ଗୋଲ୍ ବଳରେ ଉରୁଗୁଏ ସ୍କୋର ସମାନ କରିବାରେ ସଫଳ ହୋଇଥିଲା । ଏବଂ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା ।

ଇରାନ ଓ ନ୍ୟୁଜିଲାଣ୍ଡ : ଲସ୍ ଆଞ୍ଜେଲସ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍ ଦିନର ସବୁଠୁ ରୋମାଞ୍ଚକର ମୁକାବିଲା ଥିଲା । ନ୍ୟୁଜିଲାଣ୍ଡର ଏଲିଜା ଜଷ୍ଟ ଦୁଇଥର ଗୋଲ୍ କରି ନିଜ ଦଳକୁ ଆଗୁଆ କରିଥିଲେ, କିନ୍ତୁ ଇରାନ ପ୍ରତିଥର ସମାନ ସାହସ ସହିତ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା । ରାମିନ୍ ରେଜେଇଆନ୍ ଏବଂ ମହମ୍ମଦ ମୋହେବିଙ୍କ ଗୋଲ୍ ଦ୍ୱାରା ଇରାନ ମ୍ୟାଚ୍‌କୁ ଡ୍ର' କରିବାରେ ସମର୍ଥ ହୋଇଥିଲା ।

# ସମ୍ ଡାକ୍ତର ସ୍ୱରୂପ ପଟ୍ଟନାୟକ ପାଇଲେ ସେବା ରତ୍ନ ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରଜ ଉପଲକ୍ଷେ ଜୟ ମାଆ ଭବାନୀ ଟ୍ରଷ୍ଟ ପକ୍ଷରୁ ନବମ ବାର୍ଷିକ ସେବା ରତ୍ନ ସମ୍ମାନ ଅନୁଷ୍ଠିତ ହୋଇ ଯାଇଥିବା ବେଳେ ବିଶିଷ୍ଟ ଚିକିତ୍ସକ ଡାକ୍ତର ସ୍ୱରୂପ ପଟ୍ଟନାୟକଙ୍କୁ ୨୦୨୬ର ପ୍ରଥମ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଛି ।



ଜୟଦେବ ବିହାରସ୍ଥିତ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଅଦ୍ୱୈତ୍ୟ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ସତ୍ୟନାରାୟଣ ରାଉତରାୟ ଓ ବିଶିଷ୍ଟ ଅତିଥି ଭାବେ ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଯୋଗଦେଇ ଡାକ୍ତର ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ ।

ଏହି ଅବସରରେ ମହାପ୍ରଭୁଙ୍କ ପୂଜା ପଣ୍ଡା ସେବାୟତ ରାମନାରାୟଣ ପୂଜାପଣ୍ଡା, ନିଶିକାନ୍ତ ମିଶ୍ର ଓ ସଂସ୍କୃତି ଗବେଷକ ବନୋଜ ରାୟଙ୍କୁ ଉତ୍କଳ ଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଡାକ୍ତର ଶୁଭମ୍ ମହାନ୍ତି, ଡାକ୍ତର ମନୋଜ ସାହୁ, ଡାକ୍ତର ପ୍ରିୟବ୍ରତ ରଥ, ମାମିନା ମହାନ୍ତି, ଯୁବ ଉଦ୍ୟୋଗୀ ଅମ୍ବିକା ପ୍ରସାଦ, ସମାଜସେବୀ ଅନାମ ସାହୁ, ପ୍ରଶାସନିକ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ଜ୍ୟୋତିର୍ବିଦ ବିଭୂଦାନନ୍ଦ ଶତପଥୀ, ରଶ୍ମି ପରିଡ଼ା, ଧୀର ମଲ୍ଲିକ ଓ କଣ୍ଠଶିଳ୍ପୀ ଶଶାଙ୍କ ଶେଖରଙ୍କୁ ସେବାରତ୍ନ ସମ୍ମାନ ପ୍ରଦାନ କରାଯାଇ ଥିଲା । ଏହି ଅନୁଷ୍ଠାନର ସଂପାଦକ ନାରାୟଣ ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ । ଶେଷରେ ରଜଦୋଳି, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ପିଠା ଓ ପାନ ସହ ଖାଦ୍ୟପେୟରେ ଅତିଥିମାନଙ୍କୁ ଆତିଥ୍ୟ ପ୍ରଦାନ କରାଯାଇଥିଲା ।

# ରମ୍ଭାକୁ ହରାଇ ଛତ୍ରପୁର ଚାମ୍ପିଅନ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପବିତ୍ର ରଜ ପର୍ବ ଉପଲକ୍ଷେ ବାବା ବାଲୀ ଲୋକନାଥ କ୍ରିକେଟ କ୍ଲବ ପକ୍ଷରୁ ଏକ ୬-ଓଭର ବିଶିଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ବାବା ବାଲୀ ଲୋକନାଥ ଖେଳ ପଡ଼ିଆରେ ଆୟୋଜିତ ଏହି ରୋମାଞ୍ଚକର ଟୁର୍ଣ୍ଣାମେଣ୍ଟରେ ଛତ୍ରପୁର ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି ।

ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ମଲାଡ଼ ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ପ୍ରତିନିଧି ଲିଙ୍ଗରାଜ ମହାପାତ୍ର ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଇଁଚପୁର ପଞ୍ଚାୟତ ସମିତି ସଭ୍ୟ ଏନ୍. ଜୟକୃଷ୍ଣ ରେଡ଼ି, ପି. ନୀଳାଞ୍ଚଳ ରେଡ଼ି, ସୂର୍ଯ୍ୟ, ବସନ୍ତ ଏବଂ ରାଜୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।

ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ରମ୍ଭା ଏବଂ କଲ୍ୟାଣପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସମସ୍ତ ଲିଗ୍ ମ୍ୟାଚ୍ ଶେଷ ହେବା ପରେ ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ଛତ୍ରପୁର ଓ ରମ୍ଭା ଦଳ ମଧ୍ୟରେ ମହାଲଢ଼େଇ (ଫାଇନାଲ ମ୍ୟାଚ୍) ହୋଇଥିଲା । ମ୍ୟାଚ୍‌ରେ ରମ୍ଭା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୦ ରନ କରିବାକୁ ସକ୍ଷମ ହୋଇଥିଲା । ୫୧ ରନର ସହଜ ବିଜୟ ଲକ୍ଷ୍ୟକୁ ପିଛା କରି ଛତ୍ରପୁର ଟିମ୍ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲା ଏବଂ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିଅନ ଟ୍ରଫି ହାତେଇଥିଲା ।



ମ୍ୟାଚ୍ ଶେଷରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ବିଜୟୀ ଛତ୍ରପୁର ଦଳକୁ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ସମାଜରେ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଭାଇଚାରା ଓ ସଦ୍‌ଭାବନା ସୃଷ୍ଟି କରିବା ପାଇଁ ଏଭଳି କ୍ରୀଡ଼ା ପ୍ରତିଯୋଗିତାର ବହୁତ ଆବଶ୍ୟକତା ରହିଛି । ଏହି ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟକୁ କେ. ଏଲେୟା ରେଡ଼ି, ଏସ. ନୀଳକଣ୍ଠ ରେଡ଼ି ଏବଂ ଡି. ଶିବ ରେଡ଼ି ପ୍ରମୁଖ ଅତି ସୁନ୍ଦର ଭାବେ ପରିଚାଳନା କରିଥିଲେ । ସ୍ଥାନୀୟ କ୍ରୀଡ଼ାପ୍ରେମୀ ଓ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ବିଶ୍ୱ ବୃଦ୍ଧ ନିର୍ଯାତନା ସଚେତନତା ଦିବସ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ତରଫରୁ ବାଲାଜୀ ବାସନ୍ତୀ ବୃଦ୍ଧାଶ୍ରମ, ବାସୁଦେବପୁର, ଭଦ୍ରକରେ ବିଶ୍ୱ ବୃଦ୍ଧ ନିର୍ଯାତନା ସଚେତନତା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଯୋଗ ଦେଇ ଉପସ୍ଥିତ ଥିବା ସମସ୍ତ ବୃଦ୍ଧ ବୃଦ୍ଧାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ ଏହି ଦିବସଟିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଆଭା ରଞ୍ଜିତା ପୁହାଣ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ବାସୁଦେବପୁର, ଭଦ୍ରକ, ତାପସ କୁମାର ମହାନ୍ତି, ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ, ଭଦ୍ରକ, ବାସନ୍ତୀ ମଲ୍ଲିକ, ଆଶ୍ରମର, ପରିଚାଳକ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଜରିଆରେ ବୃଦ୍ଧ ବୃଦ୍ଧାମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ତଥା ସେମାନଙ୍କ ଅଧିକାର ସଂପର୍କରେ ଆଲୋଚନା କରାଯାଇଥିଲା ।

# ବସ୍ତାରେ ଜିଲ୍ଲା ପ୍ରଶାସନର ମିଳିତ ଜନଶୁଣାଣିରେ ମିଳିଲା ୯୫ଟି ଅଭିଯୋଗ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ବସ୍ତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବସ୍ତା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୯୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥିମଧ୍ୟରୁ ୮୦ ଗୋଟି ବ୍ୟକ୍ତିଗତ ଓ ୧୫ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ଅଟେ । ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୫ ଗୋଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ବିଡିଓ, ବସ୍ତା ମିହିର ରଞ୍ଜନ ବେହେରା, ତହସିଲଦାର, ବସ୍ତା ସୁଶାନ୍ତ କୁମାର ପାତ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।




GOVERNMENT OF ODISHA, "e"-PROCUREMENT NOTICE 34001/356/2627
OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH
WORKS DEPARTMENT
Tender call Notice
E-mail: pwdoffngd34@gmail.com
Bid Identification No. S.E-Nayagarh (R&B) Division- Online 07/2026-27

The Superintending Engineer, Nayagarh (R&B) Division, Nayagarh, on behalf of the Governor of Odisha inviting percentage rate bid in a single cover system in ONLINE MODE form eligible contractors for the construction of Building work as detailed in the table below:

1. Nature of Work : Building Works.
2. No of Work : 2 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Availability of Bid Document on the Website : From Dt. 21.06.2026 at 11.00 AM to Dt. 07.07.2026 Up to 5:00 pm.
6. Date of opening of Bid : Dt. 08.07.2026 at 11.00 AM

They have to participate in ONLINE bidding only. Further details can be seen on the Website : https://tendersodisha.gov.in.. Any Addendum / Corrigendum / Cancellation of tender can also be seen in the said website.

OIPR-34001/34138/1/26-27/0007
Sd/- Superintending Engineer
Nayagarh (R&B) Division, Nayagarh






ଭୁବନେଶ୍ୱର : ରତ୍ନାକର ବାଗ୍ ଉନ୍ନୟନ ପରିଷଦ ପକ୍ଷରୁ ପରିଷଦ ଭବନରେ ରଜ ମହୋତ୍ସବ ପାଳନ କରାଯିବା ଅବସରରେ ଉପସ୍ଥିତ ପରିଷଦର କର୍ମକର୍ତ୍ତାବୃନ୍ଦ। ଏହି ଉତ୍ସବ ଅଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। (ଫଟୋ :ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅନେକ ମେଗା...

ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଗସ୍ତରେ ନିଜ ଜିଲ୍ଲା ମୟୂରଭଞ୍ଜରେ ପହଞ୍ଚିବେ। ଏହି ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଭାବପୂର୍ଣ୍ଣ ଦିଗ ହେଉଛି ଆସନ୍ତା ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଶୁଭ ଜନ୍ମଦିନ। ନିଜ ଜନ୍ମଦିନ ଅବସରରେ ରାଷ୍ଟ୍ରପତି ନିଜ ଜନ୍ମଭୂମି ଏବଂ ପ୍ରଥମ କର୍ମଭୂମି ରାଇରଙ୍ଗପୁରରେ ଉପସ୍ଥିତ ରହିବେ, ଯାହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଜନ୍ମମାଟିରେ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ବୈଠକରୁ ସୂଚନା ମିଳିଛି। ଏହି କ୍ରମରେ ଜୁନ୍ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରରେ ପହଞ୍ଚି ରାଷ୍ଟ୍ରପତିଙ୍କ ସହ ଏହି ଐତିହାସିକ ରାଜ୍ୟ ସ୍ତରୀୟ ମେଗା ଉତ୍ସବରେ ସାମିଲ ହେବେ। ଓଡ଼ିଶା ମାଟିରେ ଦୁଇ ଶୀର୍ଷ ନେତା ଏକାଠି ମଞ୍ଚ ଆଲୋକିତ କରିବା ସହ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହି ମିଳିତ ଗସ୍ତ ରାଜ୍ୟର ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକରେ ଆଶା ବ୍ୟକ୍ତ କରିଛନ୍ତି। ରାଜ୍ୟବାସୀଙ୍କ ପାଇଁ ସବୁଠାରୁ ବଡ଼ ଖୁସିର ଖବର ହେଉଛି, ଏହି ଗସ୍ତ କେବଳ ଏକ ଉତ୍ସବରେ ସୀମିତ ନରହି ଓଡ଼ିଶାର ପ୍ରଗତି ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ମଞ୍ଚରୁ ଉଭୟ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ହଜାର ହଜାର କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏଥିମଧ୍ୟରେ ବହୁ ପ୍ରତୀକ୍ଷିତ ରେଳବାଇ ପ୍ରକଳ୍ପ, ମେଗା କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବା ନେଇ ବୈଠକର ଆଲୋଚନାରୁ ଜଣାପଡିଛି। ସୂଚନାଯୋଗ୍ୟ ଯେ, ୧୯ ତାରିଖ ଦିନ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଠାରେ ସ୍ୱାସ୍ଥ୍ୟ ବିଭାଗୀୟ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉଦଘାଟନ କରିବେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୋଲିସ୍ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଉନ୍ନୟନ କମିଶନର ଡିକେ ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ବିଭାଗ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ଡିଜି ବିନୟତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମୋଦୀ-ଟ୍ରମ୍ପଙ୍କ...

ଉପରେ ଫୋକସ୍ ରହିଛି। ଆମେରିକାର 'ଆମେରିକା ପ୍ରଥମ' ନୀତି ଏବଂ ଭାରତର ଆର୍ଥିକ ସ୍ୱାର୍ଥକୁ ସନ୍ତୁଳିତ କରି ଏକ ନୂତନ ବାଣିଜ୍ୟିକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ, ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ସୁରକ୍ଷାକୁ ନେଇ ଭାରତ ନିଜର ଚିନ୍ତା ପ୍ରକଟ କରିଛି, ଯାହା ଉପରେ ଆମେରିକା ସହ ମିଳିତ ରଣନୀତି ପ୍ରସ୍ତୁତ କରାଯିବ। ଏହି ତିନି ଦିନିଆ ସମ୍ମିଳନୀରେ ବିଶ୍ୱ ଅର୍ଥନୀତିର ସ୍ଥିରତା ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି। କରୋନା ମହାମାରୀ ପରବର୍ତ୍ତୀ ସ୍ଥିତି ଏବଂ ଚାଲିଥିବା ବିଭିନ୍ନ ଅନ୍ତର୍ଜାତୀୟ ବିବାଦ ଯୋଗୁଁ ବିଶ୍ୱ ବାଣିଜ୍ୟରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ନେତାମାନେ ବାଣିଜ୍ୟିକ ସମ୍ପର୍କର ପୁନଃ ସମୀକ୍ଷା କରୁଛନ୍ତି। ସେହିପରି ଦୀର୍ଘ ଦିନ ଧରି ଚାଲିଥିବା ରୁଷ-ୟୁକ୍ରେନ ସଂଘର୍ଷର ସମାଧାନ ପାଇଁ କେତେକ ନିର୍ଣ୍ଣାୟକ ଘୋଷଣା ଏହି ମଞ୍ଚରୁ ହେବ ବୋଲି ଆଶା କରାଯାଉଛି। ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ମାନବିକ ସହାୟତା ଯୋଗାଇଦେବା ଏବଂ ଋଷର ସ୍ୟାଡୋ ଫ୍ଲିଟ୍ (ତେଲ ପରିବହନ କରୁଥିବା ବେଆଇନ ଜାହାଜ) ଉପରେ କଟକଣା ଲଗାଇବାକୁ କାନାଡା ଏବଂ ଅନ୍ୟ ସଦସ୍ୟ ଦେଶଗୁଡ଼ିକ ପ୍ରସ୍ତାବ ଦେଇଛନ୍ତି। ଭାରତ ଜି-୭ର ସ୍ଥାୟୀ ସଦସ୍ୟ ନଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମିଳନୀକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଭାରତକୁ ବିକଶିତ ଏବଂ ବିକାଶଶୀଳ ଦେଶଗୁଡ଼ିକ ମଧ୍ୟରେ ଏକ ସେତୁ ବା ମାଧ୍ୟମ ଭାବେ ଉପସ୍ଥାପନ କରିଛନ୍ତି। ସେ 'ଗ୍ଲୋବାଲ ସାଉଥ୍'ର ସମସ୍ୟା ଓ ଅଧିକାରକୁ ବିଶ୍ୱ ଦରବାରରେ ଜୋରଦାର ଭାବେ ଉଠାଇଛନ୍ତି। ଏହି ସମ୍ମିଳନୀ ଅବସରରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ଏକ ବଡ଼ ଦ୍ୱିପାକ୍ଷିକ ଚୁକ୍ତି ସଂପନ୍ନ ହେବାକୁ ଯାଉଛି। ଏହା ଅଧୀନରେ ଉତ୍ତର ପ୍ରଦେଶର କାନପୁରଠାରେ ଏକ ମିଳିତ ଏରୋନେଟିକ୍ସ 'ସେଣ୍ଟର ଅଫ୍ ଏକ୍ସିଲେନ୍ସ' ପ୍ରତିଷ୍ଠା କରାଯିବ। ଏହାସହ ମହାକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ। ଚଳିତ ବର୍ଷ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ଏବଂ ସବୁଜ ଶକ୍ତିର ବ୍ୟବହାର ଉପରେ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କିଭଳି ପରିବେଶ ସୁରକ୍ଷା କରାଯାଇପାରିବ, ସେଥିପାଇଁ ନେତାମାନେ ସହମତି ପ୍ରକାଶ କରିଛନ୍ତି। ଅନ୍ୟପଟେ, ଡିଜିଟାଲ୍ ରୂପାନ୍ତରଣ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ର ସୁରକ୍ଷିତ କାର୍ଯ୍ୟ ପ୍ରଣାଳୀ ଉପରେ ଏକ ବଡ଼ ନିଷ୍ପତ୍ତି ନିଆଯିବ।

## ଚାମେଲି ଓଝା...

ତଲବ କରାଯାଇଛି। ମହିଳା ଆୟୋଗର ଅଧ୍ୟକ୍ଷ ଦେଇଥିବା ସୂଚନା ଅନୁଯାୟୀ, ଘଟଣା ସମ୍ପର୍କରେ ସତ୍ୟତା ଜାଣିବା ପାଇଁ ଆୟୋଗର ସଦସ୍ୟମାନେ ମଧ୍ୟ ଚାମେଲି ଓଝାଙ୍କୁ ସାକ୍ଷାତ କରି ତଥ୍ୟ ସଂଗ୍ରହ କରିବେ। ଯଦି ଜଣେ ମହିଳା ଭାବେ ତାଙ୍କ ପ୍ରତି କୌଣସି ଅନ୍ୟାୟ ହୋଇଥାଏ, ତେବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆୟୋଗ ସ୍ପଷ୍ଟ କରିଛି। ସେ କହିଛନ୍ତି ଯେ, ଏପର୍ଯ୍ୟନ୍ତ ଏହି ମାମଲା ସମ୍ପର୍କରେ କେହି ଆଧିକାରିକ ଭାବେ ଅଭିଯୋଗ ଦାଖଲ କରିନାହାନ୍ତି ଏବଂ ଗଣମାଧ୍ୟମ ମାଧ୍ୟମରୁ ମାତ୍ର ତଥ୍ୟ ମିଳିଛି। ଏହାସହ ଆୟୋଗ ଉଲ୍ଲେଖ କରିଛି ଯେ, କିଛି ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ମତ ପ୍ରକାଶ କରୁଥିବା ବେଳେ ଅନ୍ୟ କିଛି ସମର୍ଥନରେ କହୁଛନ୍ତି। ତେଣୁ ପ୍ରକୃତରେ ବିଡିଓଙ୍କ ପାଖରେ କେଉଁ କାମ ଅଟକିଥିଲା ଏବଂ ଘଟଣାର ପୂର୍ଣ୍ଣ ପରିପ୍ରେକ୍ଷ୍ୟ କ'ଣ, ସେଥିପାଇଁ ସମସ୍ତ ପକ୍ଷରୁ ତଥ୍ୟ ସଂଗ୍ରହ କରାଯିବ ବୋଲି ଆୟୋଗ ସୂଚନା ଦେଇଛି।

## ନିଟ୍ ପରୀକ୍ଷା...

ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରାଯାଇଥିଲା। ପରୀକ୍ଷା ପରିଚାଳନା ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ । ଏ ସମ୍ପର୍କରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିସ୍ତୃତ ଆଲୋଚନା କରିଥିଲେ। ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ର ନିକଟସ୍ଥ ରେଳ ଷ୍ଟେସନ ବା ବସ୍ ଷ୍ଟାଣ୍ଡରୁ ପରୀକ୍ଷା କେନ୍ଦ୍ରକୁ ଯିବା ଏବଂ ଫେରିବା ନିମନ୍ତେ ନିଃଶୁଳ୍କ ବସ୍ ସେବା ଯୋଗାଇ ଦେବାକୁ ପରିବହନ ବିଭାଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ନିଟ୍ ପରୀକ୍ଷା ଏବଂ ଆନ୍ତର୍ଜାତିକ ଯୋଗ ଦିବସ ଏକା ଦିନରେ ଥିବାରୁ ଉଭୟ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ପାଇଁ ସମନ୍ୱିତ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କ୍ଷତିପୂରଣମୂଳକ ବନୀକରଣ ପାଇଁ ଉପଯୁକ୍ତ ସରକାରୀ ଜମି ଚିହ୍ନଟ ଓ ସଂରକ୍ଷଣକୁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଥିବା ସଂପର୍କରେ ଆଲୋକପାତ କରିଥିଲେ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଭିତ୍ତିଭୂମି ଓ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବାରୁ ଉଭୟ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷାକୁ ଦୃଷ୍ଟିରେ ରଖି ଏବଂ ସବୁଜ ଆବରଣ ବୃଦ୍ଧି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । ଏହି ଉଦ୍ଦେଶ୍ୟରେ କ୍ଷତିପୂରଣମୂଳକ ବନୀକରଣ ପାଇଁ ସ୍ୱତନ୍ତ୍ର ଭୂ-ବ୍ୟାଙ୍କ ସୃଷ୍ଟିକୁ ଅଗ୍ରାଧିକାର ଦିଆଯାଇଛି । ଉପଯୁକ୍ତ ଜମି ଚିହ୍ନଟ ଓ ତଥ୍ୟ ଅଦ୍ୟତନ ପ୍ରକ୍ରିୟାକୁ ଶୀଘ୍ର ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଆଲୋଚନା କରାଯାଇ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି ।

## ଦୂରଗାମୀ ଆକ୍ରମଣାତ୍ମକ ...

ସ୍ୱଦେଶୀ ଜ୍ଞାନ କୌଶଳରେ ଡିଆରଡିଓ ଏବଂ ଭାରତୀୟ ରକ୍ଷା ସହଯୋଗୀଙ୍କ ମିଳିତ ସହଯୋଗରେ ନିର୍ମାଣ କରାଯାଇଛି ।

ପରୀକ୍ଷଣ ବେଳେ ବାୟୁସେନା ଓ ନୌସେନାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଟିମ୍ ଏବଂ ଅନ୍ୟ ରକ୍ଷା ସହଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ୨୧ରୁ ରାଜ୍ୟବ୍ୟାପୀ...

ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳ ସ୍ତରରେ ସଫଳତାର ସହ କାର୍ଯ୍ୟକାରୀ ହୋଇପାରୁଛି।

ଏହି ଅବସରରେ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନେ ସେମାନଙ୍କ କାର୍ଯ୍ୟ ଅନୁଭୂତି, ସଫଳତା, କ୍ଷେତ୍ରସ୍ତରରେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ସେଗୁଡ଼ିକର ସମାଧାନ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭାବେ ଅବଗତ କରାଇଥିଲେ। ଜିଲ୍ଲା ଓ ବ୍ଲକ୍ ସ୍ତରରେ ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଶକ୍ତିକରଣ, ଆଜୀବିକା ବୃଦ୍ଧି ଏବଂ କ୍ଷେତ୍ରସ୍ତରର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ନିଷ୍ଠା ଓ ଅବଦାନକୁ ପ୍ରଶଂସା କରି ଉପମୁଖ୍ୟମନ୍ତ୍ରୀ କହିଥିଲେ, "ଆପଣମାନେ ବିଭାଗର ପ୍ରତିନିଧି। ଆପଣମାନଙ୍କ ସଂଗଠିତ ଓ ସୁଚାରୁ କାର୍ଯ୍ୟଦକ୍ଷତାର ପରିଣାମ ସ୍ୱରୂପ 'ଉତ୍କୃଷ୍ଟ କାର୍ଯ୍ୟ ଦକ୍ଷତା ' କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ହାସଲ କରିପାରିଛି। ତେଣୁ ସରକାର ସହୃଦୟତାର ସହିତ ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସେ ଆହୁରି କହିଥିଲେ, "କ୍ଷେତ୍ରସ୍ତରରୁ ମିଳୁଥିବା ଅନୁଭୂତି, ମତାମତ ଓ ପରାମର୍ଶ ଆଧାରରେ ମିଶନ ଶକ୍ତିର କାର୍ଯ୍ୟକ୍ରମଗୁଡ଼ିକୁ ଆହୁରି ପ୍ରଭାବଶାଳୀ ଓ ଫଳପ୍ରଦ କରାଯିବ।"

ଏହି ବାର୍ତ୍ତାଳାପ ମାଧ୍ୟମରେ ତୃଣମୂଳ ସ୍ତରର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯିବା ସହ ଭବିଷ୍ୟତରେ ମିଶନ ଶକ୍ତିର କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ଫଳପ୍ରଦ ଭାବେ ଆଗେଇ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଦିଗନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା।

## ଏଲ୍-ନିନୋ ...

ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମେଘାଚ୍ଛନ୍ନ ଆକାଶ ସହ ବଜ୍ରପାତ, ଘଡ଼ଘଡ଼ି ଓ ପ୍ରବଳ ମେଘପବନ ହେବାର ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଉତ୍ତର-ପୂର୍ବ ଭାରତରେ ବ୍ୟାପକ ବର୍ଷା ଜାରି ରହିବ। ଅରୁଣାଚଳ ପ୍ରଦେଶ, ଆସାମ ଓ ମେଘାଳୟର କେତେକ ଅଞ୍ଚଳରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ବିହାର ଓ ପଶ୍ଚିମବଙ୍ଗରେ ମଧ୍ୟ ପ୍ରବଳ ବର୍ଷାର ସତର୍କବାଣୀ ଜାରି କରାଯାଇଛି। ପାଣିପାଗ ବିଭାଗ କହିଛି ଯେ ଆଗାମୀ ଚାରିରୁ ପାଞ୍ଚ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନା, ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଓ ଛତିଶଗଡ଼ର ଅଧିକାଂଶ ଅଞ୍ଚଳକୁ ଅଗ୍ରସର ହେବା ପାଇଁ ଅନୁକୂଳ ପରିସ୍ଥିତି ରହିଛି।

## ପ୍ରଥମରୁ ଅଷ୍ଟମ...

ଶ୍ରେଣୀର 'ଆମ ବିଚିତ୍ର ବିଶ୍ୱ'ର ପ୍ରଥମ ପ୍ରସଙ୍ଗରେ ଗଞ୍ଜାମ ବଦଳରେ ଲେଖାଯାଇଛି ବ୍ରହ୍ମପୁର ଜିଲ୍ଲାର ହୁମା ଲୁଣ ମରା ପାଇଁ ପ୍ରସିଦ୍ଧ।

ସବୁ ଭୁଲ୍‌କୁ ଟପି ଯାଇଛି ସପ୍ତମ ଶ୍ରେଣୀର ସାମାଜିକ ବିଜ୍ଞାନ ବହି। ଯେଉଁଥିରେ ଓଡ଼ିଶା ବିଧାନସୌଧ ବଦଳରେ ଛପାଯାଇଛି କର୍ଣ୍ଣାଟକ ବିଧାନସଭାର ଚିତ୍ର। ସେହିପରି ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିରେ ନିୟମଗିରି ଝାଡ଼ଖଣ୍ଡ ରାଜ୍ୟର ବୋଲି ଲେଖାଯିବା ଭଳି ସାଂଘାତିକ ତ୍ରୁଟି ସମସ୍ତଙ୍କୁ ତାଜୁବ କରିଛି। ଅନ୍ୟପକ୍ଷରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପହଞ୍ଚିବା ପରେ ପ୍ରଥମ ଭାରତୀୟ ଭାବରେ କ୍ୟାପଟେନ୍ ଶୁଭ୍ରାଂଶୁ ଶୁକ୍ଳାଙ୍କ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା ଉଲ୍ଲେଖ ରହିଛି।

ଏହା ପ୍ରକୃତରେ ଶୁଭାଂଶୁ ଶୁକ୍ଳା ଏବଂ ପ୍ରଧାନମନ୍ତ୍ରୀ ହେବା କଥା। ଗୋଟିଏ କି ଦୁଇଟି ନୁହଁ ସୂଚନା ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ବିଭିନ୍ନ ବହିରେ ମୋଟ୍ ୧୬୭୮ଟି ସ୍ଥାନରେ ମୁଦ୍ରଣ ଓ ତଥ୍ୟଗତ ତ୍ରୁଟି ରହିଛି। କେବଳ ଅଷ୍ଟମ ଶ୍ରେଣୀ ବହିରେ ସର୍ବାଧିକ ୭୦୫ଟି ଭୁଲ୍ ଚିହ୍ନଟ ହୋଇଛି। ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି ବର୍ଷ ଆରମ୍ଭରୁ ବହି ମିଳିବାରେ ବହୁ ବିଳମ୍ବ ହୋଇଥିଲା। ଏଯାଏ ସବୁ ବହି ମିଳିନି। ଏବେ ପୁଣି ବହି ସଂଶୋଧନ ପାଇଁ ଯଦି ପଠାଯାଏ ତାହେଲେ ଅଧିକ ସମୟ ନଷ୍ଟ ହେବ।

ପାଠ୍ୟପୁସ୍ତକ ଛାପିବା ଦାୟିତ୍ୱ ଏସ୍‌ସିଇଆରଟିର। ବହି ଛାପିବା ବେଳେ ତଥ୍ୟଗତ ଗବେଷଣା ସହ ସେଗୁଡ଼ିକର ତର୍ଜମା କରାଯାଇ ନିର୍ଭୁଲ ଭାବେ ଛପାଯାଏ। ଛପା ପରେ ତାକୁ ତନ୍ନ ତନ୍ନ କରି ଯାଞ୍ଚ ବି କରାଯାଇଥାଏ। ତା ସତ୍ତ୍ୱେ ଏତେ ଭୁଲ କିପରି ହେଲା ତାକୁ ନେଇ ଅଭିଭାବକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ଏଏମ୍/ଏନଏସ୍ ଇଣ୍ଡିଆ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଓଡ଼ିଶାର ବିଭିନ୍ନ କାର୍ଯ୍ୟସ୍ଥଳରେ ସ୍ଥାୟୀତ୍ୱ ସପ୍ତାହ ପାଳନ କରିଛି। ଏହି ଅବସରରେ ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ଚଳିତ ବର୍ଷର ବିଶ୍ୱସ୍ତରୀୟ ଥିମ୍ "କ୍ଲାଇମେଟ୍ ଆକ୍ସନ୍ - ଇନ୍‌ସ୍ପାୟାର୍ଡ ବାଇ ନେଚର। ଫର୍ କ୍ଲାଇମେଟ୍ ଫର୍ ଆୱାର ଫ୍ୟୁଚର।" ଅନୁଯାୟୀ ପରିବେଶ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରଭାବଶାଳୀ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ବିଶ୍ୱ ପରିବେଶ ଦିବସ ଅବସରରେ ପାରାଦ୍ୱୀପସ୍ଥିତ ପେଲେଟ ପ୍ଲାଣ୍ଟରେ ଏକ ବୃହତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ପରେ ବାଲିଡିଆ ଅଞ୍ଚଳର ନୂଆଗଡ଼ ପଞ୍ଚାୟତ ନିକଟରେ ସମୁଦାୟ ସଦସ୍ୟମାନଙ୍କୁ ୪୦୦ଟି ଫଳଦାୟକ ଚାରା ବଣ୍ଟନ କରାଯାଇଥିଲା। ସପ୍ତାହର ପରବର୍ତ୍ତୀ ପର୍ଯ୍ୟାୟରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପାରାଦୀପ ପୌରପାଳିକା ସହଯୋଗରେ ପାରାଦୀପ ବେଳାଭୂମିରେ ଏକ ବୃହତ ସମୁଦ୍ରତଟ ସଫେଇ ଅଭିଯାନ ଆୟୋଜନ କରିଥିଲା। ଏଥିରେ ସ୍ଥାନୀୟ ବିକ୍ରେତା ଏବଂ କର୍ମଚାରୀମାନଙ୍କର ସକ୍ରିୟ ସହଯୋଗ ରହିଥିଲା। ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ଥାନୀୟ ନାଟ୍ୟ ଦଳ 'ଆୱାଜ୍' ଦ୍ୱାରା ଜଳବାୟୁ ପରିବର୍ତ୍ତନ ଉପରେ ଏକ ନୁକ୍କଡ଼ ନାଟକ ପ୍ରଦର୍ଶନ କରାଯାଇଥିଲା। ଏହା କାରଖାନା ପରିସର ଏବଂ ନୂଆଗଡ଼ ପଞ୍ଚାୟତ ଉଭୟ ସ୍ଥାନରେ ମଞ୍ଚସ୍ଥ ହୋଇଥିଲା। କାରଖାନା ପରିସରରେ ପ୍ରତିଦିନ ୧୫୦ କିଲୋଗ୍ରାମ ଜୈବ ବର୍ଜ୍ୟ ପ୍ରକ୍ରିୟାକରଣ କ୍ଷମତାସମ୍ପନ୍ନ ଏକ ଅର୍ଗାନିକ୍ ୱେଷ୍ଟ କମ୍ପୋଷ୍ଟରର ଉଦ୍ଘାଟନ ମଧ୍ୟ କରାଯାଇଥିଲା। ଏହି ସପ୍ତାହରେ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ ଅଭିଯାନ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କୁଇଜ୍ ଏବଂ ପୋଷ୍ଟର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସମାପନୀ ଉତ୍ସବରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ପାଇଁ ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବିଭିନ୍ନ କାର୍ଯ୍ୟକ୍ରମରେ ଏସପିସିବି ପାରାଦୀପର ଆଞ୍ଚଳିକ ଅଧିକାରୀ ଶ୍ରୀମତୀ ବିବେଚିତା ଷଡ଼ଙ୍ଗୀ, ପରିବେଶ ଯନ୍ତ୍ରୀ ଦିବ୍ୟଲୋଚନ ମହାପାତ୍ର, ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ନେତୃତ୍ୱବର୍ଗ ଯଥା, ଓଡ଼ିଶା ଅପରେସନ୍ସ ମୁଖ୍ୟ ୟୁ.ଏସ୍.ଆର. ରାଜୁ, ପ୍ଲାଣ୍ଟ ହେଡ୍, ପାରାଦୀପ ପେଲେଟ ପ୍ଲାଣ୍ଟ, ଏସପିଏଲ୍ ଏବଂ ପାରାଦୀପ ପୋର୍ଟ ସି.ଏଚ୍. ହରି ପ୍ରସାଦ, ପାରାଦୀପ ପାୱାର ପ୍ଲାଣ୍ଟ ମୁଖ୍ୟ ରାଜର୍ଷି ସିହ୍ନା, ଓଡ଼ିଶା ଆସେଟ୍‌ର ଏଚ୍‌ଆର୍ ଏବଂ ଆଇଆର୍ ମୁଖ୍ୟ ସୁନୀଲ ଦାସ, ଓଡ଼ିଶା ଆସେଟ୍‌ର ପରିବେଶ ମୁଖ୍ୟ ସୁଭେନ୍ଦୁ କୁମାର ଦାଶ,ଏବଂ ପାରାଦୀପର ପରିବେଶ ବିଭାଗ ପରିଚାଳକ ଦେବଦତ୍ତ ଦାସ ଉପସ୍ଥିତ ଥିଲେ।

# ରାଇରଙ୍ଗପୁରରେ ବିଜେଡ଼ି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ବାରିପଦା, ନ୍ୟୁଜ ବ୍ୟୁରୋ**

ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ଭାଲୁବସା ଗ୍ରାମରେ ଦିନ ଦ୍ୱିପ୍ରହରରେ ବଡ଼ ଭଉଣୀ ସାମ୍ନାରେ ସାନ ଭଉଣୀକୁ ୪ଜଣ ଯୁବକ ଟେକି ନେଇ ଦୁଷ୍କର୍ମ କରିବା ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ହେଉଥିବା ବେଳେ, ମଙ୍ଗଳବାର ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବିଜେଡି ଫାକ୍ଟ ଫାଇଣ୍ଡିଂ ଟିମ ରାଇରଙ୍ଗପୁର ଗସ୍ତରେ ଆସି ଟାଉନ ଥାନାରେ ପିଡିତା ଏବଂ ପରିବାର ବର୍ଗଙ୍କୁ ଭେଟିଥିଲେ। କୌଣସି ନା କୌଣସି କାରଣରୁ ପଡିତା ଭୟରେ ହେଉ ଅବା ମାନସିକ ଦୁଶ୍ଚିନ୍ତାରେ ହେଉ ସଠିକ ସନ୍ତୋଷଜନକ ଉତ୍ତର ଦେଇ ନଥିଲା। ପରେ ଅପରାହ୍ନରେ ଏସଡିପିଓଙ୍କ କାର୍ଯ୍ୟାଳୟରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ମୟୁରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲିଙ୍କ ସହ ଆଲୋଚନା କରିଥିଲେ। ଜଣେ ଦକ୍ଷ ମହିଳା ଡିଏସପିଙ୍କୁ ଘଟଣା ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଡିତାଙ୍କର ପସ୍କୋ କୋର୍ଟରେ ମାଜିଷ୍ଟ୍ରେଟ ସମ୍ମୁଖରେ ୧୬୪ ବୟାନ ରେକର୍ଡ କରାଯିବ। ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ପ୍ରତିଶୃତି ଦେଇଥିଲେ। ଫ୍ୟାକ୍ଟ ଫାଇଣ୍ଡିଂ ଟିମ ରେ ପୂର୍ବତନ ମହିଳା କମିଶନର ମିନତି ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀହାଁସଦା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, କର୍ପୋରେଟର ପ୍ରତିନନ୍ଦା ରାଉତରାୟ, ପ୍ରାକ୍ତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡୀ, ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡୀ, ପ୍ରାକ୍ତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପ୍ରାକ୍ତନ ମୋରଡା ବିଧାୟକ ରାଜକିଶୋର ଦାସ, ପ୍ରାକ୍ତନ ବଡ଼ସାହି ବିଧାୟକ ମଣ୍ଟୁ ପାତ୍ର, ଜିଲ୍ଲା ବିଜେଡ଼ି ସଭାପତି ଡାକ୍ତର ଦେବାଶିଷ ମାରାଣ୍ଡି, ଜିଲ୍ଲା ବିଜେଡ଼ି କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟନାୟକ, ବହଳଦା ଜିଲ୍ଲା ପରିଷଦ ସଦସ୍ୟା ସୂର୍ଯ୍ୟମଣି ହାଁସଦା, ଜିଲ୍ଲାପରିଷଦ ସଦସ୍ୟା ଭଗବତୀ ମିଶ୍ର, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ହେମ୍ବ୍ରମଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ସାମିଲ ଥିଲେ।

# ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ କବିସନ୍ଧି ଓ କବିତା ପାଠ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରର ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ ଏକ ମନୋଜ୍ଞ କବିସନ୍ଧି ଓ କବିତା ପାଠୋତ୍ସବ ସଂସଦର ସଭାପତି କବି ଓ ନାଟ୍ୟକାର ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ମହସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କବି ଡକ୍ଟର ଫନୀ ମହାନ୍ତି ସମ୍ମାନିତ କବି ଅତିଥି ଭାବେ ଯୋଗଦାନ କରି ନିଜ କବି ଜୀବନର ବୈଚିତ୍ର୍ୟମୟ ଅନୁଭୂତି ସହିତ କେତୋଟି ସ୍ୱରଚିତ କବିତା ପାଠ କରି ଏକ ସ୍ୱତନ୍ତ୍ର କାବ୍ୟିକ ପରିବେଶ ସୃଷ୍ଟି କରିଥିଲେ। ସଂସଦର ସମ୍ପାଦକ ଡକ୍ଟର ରାମଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। କବି ସନ୍ଧି ପରେ କବି ଶୁଭ୍ରାନନ୍ଦ ଓ ମିନତି ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ ସର୍ବଶ୍ରୀ ପ୍ରିୟରଞ୍ଜନ ସାହୁ, ବିଜୟ ମଲ୍ଲିକ, ସୌଦାମିନୀ ସାମନ୍ତରାୟ, ଲଡୁ କିଶୋର ପଡ଼ିଆରୀ, ଚକ୍ରଧର ଦାସ, ଗଣେଶ ସାମନ୍ତ, ଡ. ମିହିର କୁମାର ରାୟ ପ୍ରମୁଖ ଅର୍ଦ୍ଧଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ଉପସଭାପତି ଖଗେଶ୍ୱର ମହତାବ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୧୦୫୭ ୟୁନିଟ୍ ରକ୍ତ ସଂଗ୍ରହ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱ ରକ୍ତଦାତା ଦିବସ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ), ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ତା. ୯ ଜୁନ୍‌ରୁ ୧୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ୨୪ ଟି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରଗୁଡ଼ିକରେ ସମ୍ପୃକ୍ତ ରକ୍ତ ଭଣ୍ଡାରଗୁଡ଼ିକ ଦ୍ୱାରା ୧୦୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଏବଂ ମାନବିକ ସେବା ଅଭିଯାନର ଏକ ଅଂଶ ଭାବରେ ଏହି ଶିବିରଗୁଡ଼ିକର ଆୟୋଜନ କରାଯାଇଥିଲା। ଏସବିଆଇ କର୍ମଚାରୀମାନେ ଏହି ଶିବିରଗୁଡ଼ିକରେ ରକ୍ତଦାନ କରିଥିଲେ। ଗ୍ରୀଷ୍ମ ଋତୁରେ ରକ୍ତ ଭଣ୍ଡାରଗୁଡ଼ିକରେ ରକ୍ତର ଅଭାବକୁ ଦୂର କରିବା ଏବଂ ମୂଲ୍ୟବାନ ଜୀବନ ରକ୍ଷା କରିବା ପାଇଁ ଏହି ପ୍ରୟାସ କରାଯାଇଛି।

# ମୌସୁମୀ ପୂର୍ବରୁ ସୁରକ୍ଷା ଓ ସଂରକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୌସୁମୀ ଋତୁରେ ଟ୍ରେନ୍ ଚଳାଚଳକୁ ଅଧିକ ନିରାପଦ ଓ ନିର୍ଭରଯୋଗ୍ୟ କରିବା ପାଇଁ, ପୂର୍ବତଟ ରେଳପଥ ପକ୍ଷରୁ କୋଟାଭାଲାସା-କିରଣ୍ଡୁଲ, କୋରାପୁଟ-ରାୟଗଡ଼ା ଏବଂ ରାୟଗଡ଼ା-ବିଜୟନଗରମ୍ ରେଳପଥର ସମ୍ବେଦନଶୀଳ କଟିଂ (ପାହାଡ଼ କଟା ଅଞ୍ଚଳ) ଓ ଟନେଲ୍ ଗୁଡ଼ିକରେ ସୁରକ୍ଷା ଓ ସୁଦୃଢ଼ୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ପଥର ଖସିବା, ମୃତ୍ତିକା କ୍ଷୟ ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିର ଆଶଙ୍କା ଥିବା ସଂବେଦନଶୀଳ ଘାଟି ଅଞ୍ଚଳରେ ଏହି କାର୍ଯ୍ୟ ଗୁଡ଼ିକ କରାଯାଉଛି। ଭିତ୍ତିଭୂମି ସୁରକ୍ଷା ଏବଂ ପରିଚାଳନାଗତ ବିଶ୍ୱସନୀୟତା ବୃଦ୍ଧି କରିବା ପାଇଁ ପ୍ରାଥମିକତା ଭିତ୍ତିରେ ଆଧୁନିକ ଢାଲ ସ୍ଥିରୀକରଣ ବ୍ୟବସ୍ଥା ଯେପରିକି ରକ୍ ଫଲ୍ ବ୍ୟାରିୟର୍ସ, ରକ୍ ବୋଲ୍ଟିଂ, ୱାୟାର୍ ମେସ୍ ନେଟିଂ, ଜିଓମ୍ୟାଟ୍ ଲେଇଙ୍ଗ୍ ଏବଂ ସୁଡ଼ଙ୍ଗ ସୁଦୃଢ଼ୀକରଣ କାର୍ଯ୍ୟକାରୀ କରାଯାଉଛି। କେକେ-୧ ସେକ୍ସନରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରାଯାଇଛି। ସର୍ବମୋଟ ୯୧୦ ମିଟରର ରକ୍ ଫଲ୍ ବ୍ୟାରିୟର୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହା ସହିତ, ୨୯,୭୭୬ ବର୍ଗ ମିଟରର ୱାୟାର୍ ମେସ୍ ନେଟିଂ ଏବଂ ୨୨,୧୯୭ ମିଟରର ରକ୍ ବୋଲ୍ଟିଂ କାର୍ଯ୍ୟ ଶେଷ ହୋଇଛି। ଏହି ଉଦ୍ଦେଶ୍ୟରେ ବ୍ୟାପକ କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ମଧ୍ୟ ହାତକୁ ନିଆଯାଇଥିଲା, ଯେଉଁଥିରେ ସ୍ଥିରୀକରଣ କାର୍ଯ୍ୟ ପାଇଁ ୩୪୬ଟି ଗାତ ଖନନ ଏବଂ ୪୦ଟି ଗାତର ଗ୍ରାଉଟିଂ ସାମିଲ ରହିଛି। ଏହା ବ୍ୟତୀତ, ଅତିରିକ୍ତ ଢାଲ ସୁରକ୍ଷା ପାଇଁ ସଂବେଦନଶୀଳ ସ୍ଥାନଗୁଡ଼ିକରେ ୩୦୦ ବର୍ଗ ମିଟରର ରୋମ୍ବୋଇଡାଲ୍ ମେସ୍ ଏବଂ ୭୩୦ ବର୍ଗ ମିଟରର ମୋନୋ ଓରିଏଣ୍ଟେଡ୍ ମେସ୍ ବିଛାଯାଇଛି। କେକେ-୨ ସେକ୍ସନରେ, ଧାର୍ଯ୍ୟ କରାଯାଇଥିବା ସମ୍ପୂର୍ଣ୍ଣ ୧୨୦ ମିଟରର ରକ୍ ଫଲ୍ ବ୍ୟାରିୟର୍ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଛି। ଏହା ବ୍ୟତୀତ, ୪,୨୦୦ ବର୍ଗ ମିଟରର ୱାୟାର୍ ମେସ୍ ନେଟିଂ କାର୍ଯ୍ୟ କରାଯାଇଛି, ଯାହା ଏହି ସେକ୍ସନର ସଂବେଦନଶୀଳ ପାହାଡ଼ କଟିଂ ଗୁଡ଼ିକୁ ସୁଦୃଢ଼ କରିବା ସହ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି। କୋରାପୁଟ-ରାୟଗଡ଼ା ସେକ୍ସନରେ ମଧ୍ୟ ସୁରକ୍ଷା କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଛି। ଏପର୍ଯ୍ୟନ୍ତ, ସମ୍ପୂର୍ଣ୍ଣ ୩୦୦ ମିଟରର ରକ୍ ଫଲ୍ ବ୍ୟାରିୟର୍ କାର୍ଯ୍ୟ ଏବଂ ୧,୬୦୦ ମିଟରର ରକ୍ ବୋଲ୍ଟିଂ କାର୍ଯ୍ୟ ସମାପ୍ତ ହୋଇଛି, ଯାହା ଉଭୟ ବର୍ଗରେ ୧୦୦% ସଫଳତା ସୂଚାଉଛି। ଏହା ସହିତ, ୧୦,୦୦୦ ବର୍ଗ ମିଟରର ୱାୟାର୍ ମେସ୍ ନେଟିଂ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି ପ୍ରତିଷେଧକ ବ୍ୟବସ୍ଥାଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଢିଲା ପଥର ଖସିବାର ବିପଦକୁ ହ୍ରାସ କରିବା, ଢାଲର ସ୍ଥିରତା ବଢ଼ାଇବା ଏବଂ ଚ୍ୟାଲେଞ୍ଜପୂର୍ଣ୍ଣ ଘାଟି ଅଞ୍ଚଳ ଦେଇ ବିନା ବାଧାରେ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା। ରାୟଗଡ଼ା-ବିଜୟନଗରମ୍ ସେକ୍ସନରେ, ଲାଞ୍ଜିଗଡ଼ ରୋଡ୍ ଏବଂ ରାୟଗଡ଼ା ମଧ୍ୟରେ ଥିବା ସଂବେଦନଶୀଳ କଟିଂ ଗୁଡ଼ିକରେ ସୁରକ୍ଷା କାର୍ଯ୍ୟ ପ୍ରାଥମିକତା ଭିତ୍ତିରେ ଚାଲିଛି ଏବଂ ଏହାକୁ ୩୦ ଜୁନ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। କୋରାପୁଟ-ରାୟଗଡ଼ା ସେକ୍ସନ ଅଧୀନରେ ଥିବା ସୁଡ଼ଙ୍ଗ ଗୁଡ଼ିକର ସୁରକ୍ଷା ବୃଦ୍ଧି ପାଇଁ, ତିନୋଟି ସୁଡ଼ଙ୍ଗର ସୁଦୃଢ଼ୀକରଣ ଟେଣ୍ଡର ଆଲର୍ଟ (ପ୍ରଦାନ) କରାଯାଇସାରିଛି। ଟ୍ରାଫିକ୍ ଏବଂ ପାୱାର୍ ବ୍ଲକ୍ ଆବଶ୍ୟକତା ଚୂଡ଼ାନ୍ତ ହୋଇଛି ଏବଂ ଡିଭିଜନ ଏହି କାର୍ଯ୍ୟ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି କରୁଛି। ସ୍ଥାୟୀ ଦୀର୍ଘକାଳୀନ ପ୍ରତିକାର ବ୍ୟବସ୍ଥା ଚିହ୍ନଟ କରିବା ଏବଂ ସଂବେଦନଶୀଳ ସ୍ଥାନଗୁଡ଼ିକରେ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ, କେକେ ଏବଂ କେଆର ସେକ୍ସନର ଅନ୍ୟାନ୍ୟ ସଂବେଦନଶୀଳ କଟିଂ ଗୁଡ଼ିକରେ ଭୂତାତ୍ତ୍ୱିକ ସର୍ଭେ ଆରମ୍ଭ ହୋଇସାରିଛି। ପୂର୍ବ ତଟ ରେଳପଥ ଏହାର ଗୁରୁତ୍ୱପୂର୍ଣ୍ଣ ଘାଟ ସେକ୍ସନ ଗୁଡ଼ିକରେ ଯାତ୍ରୀବାହୀ ଏବଂ ମାଲବାହୀ ଉଭୟ ଟ୍ରେନ୍ ସେବା ପାଇଁ ସୁରକ୍ଷିତ, ସୁଗମ ଏବଂ ନିରବଚ୍ଛିନ୍ନ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବାକୁ ଭିତ୍ତିଭୂମି ସୁରକ୍ଷା, ଆଧୁନିକୀକରଣ ଏବଂ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଜାରି ରଖିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELS-ANGL-OT-26-27-04

**କାର୍ଯ୍ୟର ନାମ :** ଅନୁଗୁଳସ୍ଥିତ ବିଦ୍ୟୁତ ଲୋକୋ ସେଡ୍‌ରେ WAG-7 ଏବଂ WAG-9 ବିଦ୍ୟୁତ ଇଞ୍ଜିନଗୁଡ଼ିକର ଦୁଇ ବର୍ଷ ଅବଧି ନିମନ୍ତେ ପେଣ୍ଟିଂ କାର୍ଯ୍ୟ।

**ବିଜ୍ଞାପିତ ମୂଲ୍ୟ :** ₹39,41,654.85, EMD : ₹78,800/-, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.06.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.07.2026ରିଖ 1500 ଘଣ୍ଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୁଳ

PR-243/R/26-27

ଭୁବନେଶ୍ୱର, ୧୭ ଜୁନ୍, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶେଷ ରଜରେ ମା'ମଙ୍ଗଳାଙ୍କ ପୀଠରେ ଅସମ୍ଭାଳ ଭିଡ଼ : ଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ମା'

**କାକଟପୁର, ୧୬/୦୬**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଗଣପର୍ବ ରଜର ମଙ୍ଗଳବାର ଶେଷ ଦିନ । ଏହି ଅବସରରେ ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଭକ୍ତଙ୍କ ଭିଡ଼ ଜମିଥିବାବେଳେ ପୁରୀ ଜିଲ୍ଲା କାକଟପୁର ସ୍ଥିତ ପ୍ରସିଦ୍ଧ ମା'ମଙ୍ଗଳାଙ୍କ ପୀଠରେ ଦେଖିବାକୁ ମିଳିଛି ଅସମ୍ଭାଳ ଜନସମାଗମ। ଶେଷ ରଜ ଅବସରରେ ମା'ଙ୍କ ଦର୍ଶନ ପାଇଁ ସକାଳୁ ସକାଳୁ ମନ୍ଦିର ପରିସରରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଏହି ବିଶେଷ ଅବସରରେ ମା'ମଙ୍ଗଳା ଲକ୍ଷ୍ମୀ ବେଶରେ ସୁସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଆକର୍ଷଣୀୟ ପୁଷ୍ପ ସଜ୍ଜା, ସୁବର୍ଣ୍ଣ ଆଭୂଷଣ ଏବଂ ମନୋରମ ଅଳଙ୍କାରରେ ମା'ଙ୍କ ଦିବ୍ୟ ରୂପ ଭକ୍ତମାନଙ୍କୁ ଭାବବିହ୍ୱଳ



କରିଥିଲା। ମା'ଙ୍କ ଏହି ଅପୂର୍ବ ବେଶ ଦେଖିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଛୁଟି ଆସିଥିଲେ। ଭକ୍ତମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦୀପଦାନ କରିଛନ୍ତି । ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରି ମା'ଙ୍କ ନିକଟରେ ମନାସିକ ରଖିଛନ୍ତି ଶ୍ରଦ୍ଧାଳୁ।

ରଜ ପର୍ବର ଶେଷ ଦିନରେ ମା'ଙ୍କ ଆଶୀର୍ବାଦ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି । ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଓ ସ୍ୱେଚ୍ଛାସେବୀମାନେ ନିୟୋଜିତ ରହିଛନ୍ତି । ଲୋକବିଶ୍ୱାସ ରହିଛି ଯେ, ଶେଷ ରଜ ଦିନ ମା' ମଙ୍ଗଳାଙ୍କ ଦର୍ଶନ କରି ଦୀପଦାନ କଲେ ମନୋକାମନା ପୂରଣ ହୋଇଥାଏ। ସେଥିପାଇଁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ମା'ଙ୍କ ପୀଠରେ ଭକ୍ତଙ୍କ ଅସାଧାରଣ ଭିଡ଼ ପରିଲକ୍ଷିତ ହୋଇଥିଲା। ରଜର ଉତ୍ସବମୁଖର ପରିବେଶ ଭିତରେ କାକଟପୁର ମା'ମଙ୍ଗଳାଙ୍କ ପୀଠ ଏବେ ଭକ୍ତି, ଆଧ୍ୟାତ୍ମିକତା ଓ ଶ୍ରଦ୍ଧାର କେନ୍ଦ୍ର ପାଲଟିଛି । ମା'ଙ୍କ ଦିବ୍ୟ ଲକ୍ଷ୍ମୀ ବେଶ ଏବଂ ଭକ୍ତଙ୍କ ଅଗାଧ ବିଶ୍ୱାସ ରଜ ପର୍ବକୁ ଆହୁରି ଆକର୍ଷଣୀୟ କରିଦେଇଛି ।

# ତିନି ରଥରେ ପିଟାଗଲା କଇଁଚି : ଗୟଳ ଉପରେ ତାଗ ବାଡ଼ିଆ କାର୍ଯ୍ୟ ଶେଷ

**ପୁରୀ, ୧୬/୦୬ ନ୍ୟୁଜ ବ୍ୟୁରୋ**

ରଥର ବାନ୍ଧେଣୀ ହେଉଛି 'କଇଁଚି'। ଚାରିନାହାକାର ଉଭୟ ପାର୍ଶ୍ୱ କଇଁଚି ଛନ୍ଦାଯାଏ । ଦୁଇଟି ଲେଖାଏଁ କାଠକୁ ଛନ୍ଦା ଯାଇ ଚାରିନାହାକାରେ ପିଟାଗଲେ ତାହା କଇଁଚି ଭଳି ଦେଖାଯାଏ । କଇଁଚି ଲାଗିବା ଦ୍ୱାରା ରଥ ଆଉ ଝାଙ୍କି ନଥାଏ। ରଥ ଅଧିକ ମଜଭୁତ ହୋଇଥାଏ । ରଥରେ କଇଁଚି ଲଗାଯାଇଛି । ବିଶ୍ୱକର୍ମାଙ୍କୁ ଭୋଇ ସେବକ ଓ କମାର ସେବକମାନେ ରଥରେ କଇଁଚି ଲାଗିବାରେ ସାହାଯ୍ୟ କରିଛନ୍ତି । ରଥଖଳାରେ ପୋଟଳ ନିର୍ମାଣ କାର୍ଯ୍ୟ ଜାରି ରହିଛି । ବିଶ୍ୱକର୍ମା ମାପ ଅନୁଯାୟୀ ପଟା ପ୍ରସ୍ତୁତ କଲା ପରେ କମାର ସେବକଙ୍କ ଦ୍ୱାରା ତିଆରି ବାଗିଆ କଣ୍ଟା ଓ ଗୋଡ଼ିଛାଲ କଣ୍ଟା ବାଡ଼େଇ ପୋଟଳ ପ୍ରସ୍ତୁତ ହୋଇଛି । ଏଥିସହ ଗୟଳ ଉପରେ ତାଗ ବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତାଳଧ୍ୱଜ ରଥରେ କତରା ଲଗାଯାଇଛି ।



ସୌନ୍ଦର୍ଯ୍ୟକରଣ ପାଇଁ ରଥର ସମ୍ମୁଖ ଭାଗରେ ରଙ୍ଗ ଦିଆଯାଉଛି । ଚିତ୍ରକର ସେବକମାନେ ଶିଖରଡମ୍ବରୁ (ପାର୍ଶ୍ୱ ଦେବତାଙ୍କ ଆସ୍ଥାନ), ଓଲଟ ଶୁଆ, ସଖୀ, ଦ୍ୱାରପାଳ ଆଦି ରଥାଂଶକୁ ପ୍ରସ୍ତୁତ କରୁଛନ୍ତି। ରୂପକାର ସେବକମାନେ ରଥର ବିଭିନ୍ନ ଅଂଶ ଖୋଦେଇରେ ଓ ଦୋଳବେଦି ଅସ୍ଥାୟୀ ଶାଳରେ କମାର ସେବକମାନେ ଲୁହା ସାମଗ୍ରୀ ତିଆରିରେ ବ୍ୟସ୍ତ । ତାଳଧ୍ୱଜ ରଥ ମୁଖ୍ୟ ବିଶ୍ୱକର୍ମା ନରସିଂହ ମହାପାତ୍ର, ନନ୍ଦିଘୋଷର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର ଓ ଦେବଦଳନର ମୁଖ୍ୟ ବିଶ୍ୱକର୍ମା ନାରାୟଣ ମହାରଣାଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି ।

# ପୁରୀରେ ସିନିୟର ଡେପୁଟି ଇଲେକ୍ସନ କମିଶନର : କ୍ଷେତ୍ର ପରିଦର୍ଶନ ସହ ଏସଆଇଆର କାର୍ଯ୍ୟର କଲେ ସମୀକ୍ଷା

**ପୁରୀ, ୧୬।୬**
**ନ୍ୟୁଜ ବ୍ୟୁରୋ**

ଭାରତର ନିର୍ବାଚନ କମିଶନରଙ୍କ ବରିଷ୍ଠ ଡେପୁଟି କମିଶନର ଜ୍ଞାନେଶ ଭାରତୀ ପୁରୀ ଜିଲ୍ଲାର ଏସଆଇଆର କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଜିଲ୍ଲାରେ ଏସଆଇଆର ସ୍ଥିତି ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ।

ପୁରୀ ଜିଲ୍ଲା ୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନେଇ ଗଠିତ। ୬ ଜଣ ଇଲୋକ୍ଟୋରାଲ ରେଜିଷ୍ଟ୍ରେସନ ଅଧିକାରୀ ଭାବେ ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାର ମୋଟ ୧୬୦୯ ଗୋଟି ବୁଥ୍ ରହିଛି ଓ ସେଥିରେ ୧୬୦୯ ଜଣ ବୁଥ୍ ସ୍ତରୀୟ ପ୍ରଶିକ୍ଷିତ ବିଏଲଓ ବା ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ନିଯୁକ୍ତି କରାଯାଇଛି। ସେମାନଙ୍କୁ ସହଯୋଗ ଓ ମାର୍ଗଦର୍ଶନ ପାଇଁ ୧୬୧ ଜଣ ବିଏଲଓ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାର ଭୋଟରଙ୍କ ସଂଖ୍ୟା ୧୩୮୭୯୩୦ ଥିବା ବେଳେ



ବିଏଲଓମାନେ ବର୍ତ୍ତମାନ ସୁଦ୍ଧା ଶତକଡ଼ା ୯୯.୪୩ ଭାଗ ଫର୍ମ ଭୋଟର ମାନଙ୍କୁ ପ୍ରଦାନ କରିଛନ୍ତି। ଏହି ଫର୍ମର ଗୋଟିଏ କପି ଭୋଟର ରଖୁଥିବା ବେଳେ ଭୋଟରଙ୍କ ଦ୍ୱାରା ପୂରଣ ଓ ସ୍ୱାକ୍ଷର ହୋଇ ଥିବା ଅନ୍ୟ କପି ଟି ବିଏଲଓ ସଂଗ୍ରହ କରୁଛନ୍ତି। ବିଏଲଓମାନେ ଭୋଟର ମାନଙ୍କୁ ମଧ୍ୟ ଫର୍ମ ପୂରଣରେ ସହାୟତା କରୁଛନ୍ତି। ସେହିପରି ଭୋଟର ଫର୍ମ ଗୁଡିକର ଡିଜିଟାଇଜେସନ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଶତକଡ଼ା ୪୦.୬୭ ଭାଗ ଡିଜିଟାଇଜେସନ ସରିଛି ବୋଲି ଜିଲ୍ଲାପାଳ ପାୱାର ପଏଣ୍ଟ ମାଧ୍ୟମରେ ସୂଚନା ଦେଇଥିଲେ।

ଡେପୁଟି କମିଶନର ଶ୍ରୀ ଭାରତୀ ଏସଆଇଆର ସମ୍ପର୍କରେ ବିଭିନ୍ନ ପ୍ରଶ୍ନ କରିଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ଓ ଜିଲ୍ଲାପାଳ ଶ୍ରୀ ପରିଡା ଏହାର ଉତ୍ତର ପ୍ରଦାନ କରିଥିଲେ। ଏହି ସମୀକ୍ଷାରେ ଭାରତର ନିର୍ବାଚନ କମିଶନରଙ୍କ ପ୍ରମୁଖ ସଚିବ ଏସ ବି ଯୋଶୀ, ଡେପୁଟି ସେକ୍ରେଟାରୀ ଅଭିନବ ଅଗ୍ରୱାଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଳା, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଡେପୁଟି ସିଇଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଯୁଗ୍ମ ସିଇଓ ଗୋପିନାଥ କୁଅଁର, ଶାଶ୍ୱତ ପ୍ରଧାନ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ରୁନୀତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଶ୍ରୀ ଭାରତୀ ଓ ଅନ୍ୟ ସଦସ୍ୟମାନେ ଶ୍ରୀମନ୍ଦିର ପରିଦର୍ଶନ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପୂର୍ବରୁ କମିଶନର ସଦସ୍ୟ ମାନେ କ୍ଷେତ୍ର ପରିଦର୍ଶନ କରିବା ସହ ପିପିଲି ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ର କିଛି ବୁଥ ବୁଲି ବିଏଲଓ ଓ ବିଏଲଓ ସୁପରଭାଇଜରମାନଙ୍କ ସହ ଆଲୋଚନା କରିଥିଲେ।

# ବିଶ୍ୱର ଶ୍ରେଷ୍ଠ ୫% ବୈଜ୍ଞାନିକଙ୍କ ତାଲିକାରେ କିଟ୍‌ର ୪୫ ପ୍ରଫେସର

**ଭୁବନେଶ୍ୱର, ୧୬।୬**
**ନ୍ୟୁଜ ବ୍ୟୁରୋ**

ଗବେଷଣା ଓ ବିଜ୍ଞାନ ପ୍ରତି ଅବଦାନ ଆଧାରରେ ୨୦୨୫ ପାଇଁ ସାଇ-ର୍ୟାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ସମ୍ମାନଜନକ 'ଗ୍ଲୋବାଲ୍ ସାଇଣ୍ଟିଷ୍ଟ୍ ଇଣ୍ଡେକ୍ସ'ର ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକ ତାଲିକାରେ କିଟ୍ ବିଶ୍ୱବିଦ୍ୟାଳୟର ୪୫ଜଣ ପ୍ରଫେସର ସ୍ଥାନ ପାଇଛନ୍ତି।

'ସାଇରାଙ୍କ ଗ୍ଲୋବାଲ୍ ରେଜିଷ୍ଟ୍ରି' ହେଉଛି ଏକ ସ୍ୱାଧୀନ ଏବଂ ସ୍ୱଚ୍ଛ ଗ୍ଲୋବାଲ୍ ବେଞ୍ଚମାର୍କିଂ ପ୍ଲାଟଫର୍ମ। ଏହା ବାଇବ୍ଲିଓମେଟ୍ରିକ୍ ବିଶ୍ଳେଷଣ ମାଧ୍ୟମରେ କେବଳ ଯୋଗ୍ୟତା ଆଧାରରେ ଗବେଷକମାନଙ୍କ ମୂଲ୍ୟାଙ୍କନ କରେ। ୨୦୨୫ ସୂଚକାଙ୍କ ବିଶ୍ୱବ୍ୟାପୀ ୧୦ ନିୟୁତରୁ ଅଧିକ ସକ୍ରିୟ ଗବେଷକ ଏବଂ ପ୍ରାୟ ୫୦ ନିୟୁତ ଗବେଷଣା କାର୍ଯ୍ୟର ପ୍ରୋଫାଇଲ୍ ମୂଲ୍ୟାଙ୍କନ କରାଯାଇଛି।



ଶୀର୍ଷ ୫ ପ୍ରତିଶତରେ ସ୍ଥାନ ପାଇଥିବା ବୈଜ୍ଞାନିକମାନଙ୍କୁ ବିଶ୍ୱବ୍ୟାପୀ ସେମାନଙ୍କ ସମକକ୍ଷଙ୍କ ୯୫ ପ୍ରତିଶତ ଅପେକ୍ଷା ଅଧିକ ଉତ୍ପାଦନକ୍ଷମ ଏବଂ ପ୍ରଭାବଶାଳୀ କୁହାଯାଉଛି। ଏହି ମାନ୍ୟତା ବିଶ୍ୱବିଦ୍ୟାଳୟର ଏକ ଗବେଷଣା-ମୁଖୀ ପରିବେଶକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱକୁ ଉଜ୍ଜ୍ୱଳ କରିବା ସହ ଉଚ୍ଚମାନର ପ୍ରକାଶନ, ନବସର୍ଜନା ଏବଂ ଆନ୍ତଃବିଭାଗୀୟ ସହଯୋଗକୁ ପ୍ରୋତ୍ସାହିତ କରିଥାଏ।

ସାଇର୍ୟାଙ୍କ ଗ୍ଲୋବାଲ୍ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି ଅନୁଯାୟୀ ଗବେଷକମାନଙ୍କୁ ଚୟନ କରିବା ପାଇଁ 'ସାଧାରଣ କମ୍ପୋଜିଟ୍ ସ୍କୋର' ବ୍ୟବହାର କରାଯାଏ: ଏହି ସ୍କୋର ପ୍ରକାଶନ, ଉଦ୍ଧୃତି ଏବଂ ଅନ୍ୟାନ୍ୟ ବାଇବ୍ଲିଓମେଟ୍ରିକ୍ ସୂଚକ ଉପରେ ଆଧାରିତ ବୈଜ୍ଞାନିକ ପ୍ରଭାବର ମୂଲ୍ୟାଙ୍କନ କରେ। ଏହା ବ୍ୟତୀତ, ଏହି ସୂଚକାଙ୍କ ସମସ୍ତ ପ୍ରମୁଖ ଶିକ୍ଷାଗତ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ ମୁକ୍ତ-ଉତ୍ସ ଗବେଷଣା ଡାଟାବେସ୍ 'ଓପନ୍ ଆଲେକ୍ସ'ର ତଥ୍ୟ ଆଧାରରେ ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିଥାଏ।

ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହି ସମ୍ମାନଜନକ ବିଶ୍ୱ ତାଲିକାରେ କିଟ୍ ପ୍ରଫେସରମାନେ ସାମିଲ ହେବା ଦ୍ୱାରା କିଟ୍‌ର ଅନ୍ତର୍ଜାତୀୟ ଶୈକ୍ଷିକ ସ୍ଥିତି ଆହୁରି ମଜବୁତ ହେବ ବୋଲି କହିଛନ୍ତି। ଏହା ସହ ଗବେଷଣା ସହଯୋଗ, ନବସର୍ଜନା ଏବଂ ଛାତ୍ର ପରାମର୍ଶ ପାଇଁ ଉନ୍ନତ ସୁଯୋଗ ସୃଷ୍ଟି ହେବ। କିଟ୍‌ରେ ଗବେଷଣା ଆଧାରିତ ଶିକ୍ଷା, ସାମାଜିକ ପ୍ରଭାବ ଏବଂ ବିଶ୍ୱସ୍ତରୀୟ ଶୈକ୍ଷିକ ମାନଦଣ୍ଡ ଉପରେ ଗୁରୁତ୍ୱ ଦିଆଯିବା ଦ୍ୱାରା କିଟ୍ ବର୍ଷ ବର୍ଷ ଧରି ବହୁ ଅନ୍ତର୍ଜାତୀୟ ସମ୍ମାନ ଆଣିପାରିଛି ବୋଲି ଡ. ସାମନ୍ତ କହିଛନ୍ତି।

# 'ସୂଚନା ଅଧିକାର ନାଁରେ ଚାଲିଛି ବେପାର' : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୬/୦୬**

ସୂଚନା ଅଧିକାର ଆଇନର ବ୍ୟବହାର ବର୍ତ୍ତମାନ ସମୟରେ ନୂଆ ବ୍ୟବସାୟ ପାଲଟିଛି ବୋଲି ସୁପ୍ରିମକୋର୍ଟ କଡ଼ା ମନ୍ତବ୍ୟ ଦେଇଛନ୍ତି। ଜଣେ ସୂଚନା ଅଧିକାର କର୍ମୀଙ୍କ ତରଫରୁ ଆଗତ ଆଗୁଆ ଜାମିନର ଶୁଣାଣି କରି ସୁପ୍ରିମକୋର୍ଟ ବିଚାରପତି ସନ୍ଦୀପ ମେହେଟ୍ଟା ଓ ବିଚାରପତି ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ କହିଛନ୍ତି ସୂଚନା ଅଧିକାର ଆଇନର ବ୍ୟାପକ ଦୁରୁପଯୋଗ ହେଉଛି। କେତେକ ବ୍ୟକ୍ତି ଏହାକୁ ବ୍ୟବସାୟରେ ପରିଣତ କରି ସାରିଲେଣି। ସୂଚନାଥାଉ କି ଏକ ରାସ୍ତା ନିର୍ମାଣରେ ବାଧା ଦେବା ନେଇ ସୂଚନା ଅଧିକାର କର୍ମୀ ରାକେଶ କୁମାର ବହଲଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ରାକେଶ ଓ ତାଙ୍କ ବନ୍ଧୁ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ମାଡ଼ ମାରିବା ସହ ସେଠାରେ କାମ କରୁଥିବା ଶ୍ରମିକଙ୍କୁ ଜାତିଆଣ ମନ୍ତବ୍ୟ ଦେଇଥିବା ନେଇ ଅଭିଯୋଗ ଆଧାରରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ ରାକେଶ କୁମାର ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ତେବେ ଉଚ୍ଚ ନ୍ୟାୟାଳୟ ତାଙ୍କ ଆବେଦନକୁ ଖାରଜ କରିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ସୂଚନାଧିକାର କର୍ମୀଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାର ରାସ୍ତା ନିର୍ମାଣ ପାଇଁ ପାଣ୍ଠି ଯୋଗାଇ ଦେଉଛନ୍ତି। ରାସ୍ତା କାମ ଠିକ୍ ଭାବେ ହେଉଛି କି ନାହିଁ ତାହା ଦେଖିବା କେନ୍ଦ୍ର ସରକାରଙ୍କ କାମ। ରାକେଶ କ'ଣ ପାଇଁ ରାସ୍ତା କାମରେ ହସ୍ତକ୍ଷେପ କରିଥିଲେ ବୋଲି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। କେଉଁ ଅଧିକାରରେ ରାକେଶ ରାସ୍ତା କାମ ତଦାରଖ କରିବାକୁ କ୍ଷମତା ପାଇଛନ୍ତି ବୋଲି ଖଣ୍ଡପୀଠ ଦର୍ଶାଇବା ସହ ରାକେଶଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୬/୦୬/୨୦୨୬
୬,୫୩,୮୮୧/- ଟଙ୍କା
ସୁନା:- ୦୦ ଗ୍ରାମ୍ ୫୦୦ ମିଲିଗ୍ରାମ
ରୂପା:- ୪୫ଗ୍ରାମ୍ ୦୦୦ ମିଲିଗ୍ରାମ

# ନନ୍ଦନକାନନରେ ଲମ୍ବା ଅଣ୍ଟିଆ ଶାଗୁଣା ଛୁଆ ମୃତ, ୧୦କୁ ଖସିଲା ସଂଖ୍ୟା

**ବାରଙ୍ଗ, ୧୬/୦୫**
**ନ୍ୟଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀଉଦ୍ୟାନ ପାଇଁ ଦୁଃଖଦ ଖବର । ଗତ ମାର୍ଚ୍ଚ ୧୧ ତାରିଖରେ ଜନ୍ମ ହୋଇଥିବା ଲମ୍ବା ଅଣ୍ଟିଆ ଶାଗୁଣା ଶାବକର ସୋମବାର ସକାଳେ ମୃତ୍ୟୁ ଘଟିଛି । ୩ ମାସର ଏହି ଶାବକର ମୃତ୍ୟୁ ପରେ ନନ୍ଦନକାନନରେ ଏହି ପ୍ରଜାତିର ଶାଗୁଣା ସଂଖ୍ୟା ୧୦କୁ ଖସିଆସିଛି। ଏଥିସହ ନନ୍ଦନକାନନ ଶାଗୁଣା ପ୍ରଜନନ କେନ୍ଦ୍ରରେ ଏହି ପକ୍ଷୀଙ୍କ ବଂଶ ବିସ୍ତାର ପାଇଁ ଯେଉଁ ଆଶା ଟିକକ ଉଜ୍ଜିବୀତ ହୋଇଥିଲା ତାହା ମଉଳି ଯାଇଛି ।

୧୯୯୯ ମହାବାତ୍ୟା ପରଠାରୁ ଓଡ଼ିଶାରେ ଶାଗୁଣା ବଂଶ ଲୋପ ପାଇଯାଇଛି । ତେଣୁ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଶାଗୁଣା ବଂଶ ବୃଦ୍ଧି କରାଯାଇ ଓଡ଼ିଶାର ବିଭିନ୍ନ ସ୍ଥାନରେ ଛାଡ଼ିବାକୁ ଯୋଜନା ହୋଇଥିଲା । ନନ୍ଦନକାନନ ବଟାନିକାଲ ଗାର୍ଡେନ ପଛ ପଟେ ୨୦୧୨ ମସିହାରେ ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା କରାଯାଇ ଶାଗୁଣା ଛଡ଼ାଯାଇଥିଲା । ବହୁବାର ଶାଗୁଣାଙ୍କ ମିଳନ କରାଯାଉଥିଲା ।




କେତେବେଳେ ଅଣ୍ଡା ଖରାପ ହେଉଥିଲା ତ କେତେବେଳେ ଅଣ୍ଡାରୁ ଛୁଆ ବାହାରିବା ପରେ ମରିଯାଉଥିଲେ। ତେବେ ଦୀର୍ଘ ୧୪ ବର୍ଷ ପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଏକ ବଡ଼ ସଫଳତା ମିଳିଥିଲା । ୨୦୨୫ ଡିସେମ୍ବରରୁ ୨୦୨୬ ଜାନୁଆରୀ ମଧ୍ୟରେ କେ-୪୨ ଅଣ୍ଡିରା ସହ କେ୪୬ ମାଈ ଶାଗୁଣାର ମିଳନ କରାଯାଇଥିଲା । ଗତ ଜାନୁଆରୀ ୧୬ ତାରିଖରେ ଶାଗୁଣା ଗୋଟିଏ ଅଣ୍ଡା ଦେଇଥିଲା। ସେଥିରୁ ଗତ ମାର୍ଚ୍ଚ ୧୧ ତାରିଖରେ ଛୁଆ ବାହାରିଥିଲା । ଛୁଆ ଜନ୍ମ ପରେ ତା'ଉପରେ ସିସିଟିଭି ମାଧ୍ୟମରେ ୨୪ ଘଣ୍ଟିଆ ନଜର ରଖାଯାଉଥିଲା। ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ଦରକାରୀ ଚିକିତ୍ସା କରାଯାଉଥିଲା । ସୋମବାର ସକାଳେ ଶାଗୁଣା ଛୁଆଟି ଅଚେତ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶାବକଟିର ମୃତ୍ୟୁ ହୋଇଥିବା କହିଥିଲେ । ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ । ଏଥିପାଇଁ ମୃତଦେହ ବ୍ୟବଚ୍ଛେଦ ପାଇଁ ରଖାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଶାଗୁଣା ଶାବକର ମୃତ୍ୟୁର କାରଣ ଜଣାପଡ଼ିବ।

# ପୁଣି ବିବାଦରେ ଚୌଦ୍ୱାର ଜେଲ୍ : ଜେଲ୍‌ରେ ପଶିଲା ଗ୍ୟାଙ୍ଗଷ୍ଟର ଗାଡ଼ି

**କଟକ, ୧୬/୦୬**
**ନ୍ୟୁଜ ବ୍ୟୁରୋ**

ପୁଣି ବିବାଦରେ ଚୌଦ୍ୱାର ସର୍କଲ ଜେଲ୍। ଜେଲ୍ ବିଭାଗ, କୋର୍ଟ, ପୁଲିସ କିମ୍ବା ଜେଲ୍‌କୁ ଖାଦ୍ୟଯୋଗାଣକାରୀ ଠିକାସଂସ୍ଥାର ଗାଡ଼ି ଯାଞ୍ଚପରେ କ୍ୟାମ୍ପସ୍‌କୁ ଯିବାକୁ ଅନୁମତି ଥାଏ। କଏଦୀଙ୍କ କୌଣସି ବ୍ୟକ୍ତିଗତ ଗାଡ଼ିକୁ ଅନୁମତି ନାହିଁ। କିନ୍ତୁ ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭାଇଙ୍କ ସହଯୋଗୀ ଗ୍ୟାଙ୍ଗଷ୍ଟର ଲିଟୁଆ ଓରଫ ଭରତ ବେହେରା ଜେଲ୍‌ରୁ ଖଲାସ ହେବା ପରେ ତାକୁ ଜେଲ୍‌ରୁ ଆଣିବାକୁ ଜେଲ୍ କ୍ୟାମ୍ପସ୍ ଭିତରକୁ ତା'ର ଥାର୍ ଗାଡ଼ି ଅନାୟାସରେ ପଶିଥିଲା। ଲିଟୁଆର ପଲଟଣ ସେହି ଗାଡ଼ିରେ ବୋଝେଇ ହୋଇ କ୍ୟାମ୍ପସ୍ ଭିତରୁ ଲିଟୁଆକୁ ସ୍ୱାଗତ କରିବା ସହିତ ଏକ ୩୫ ସେକେଣ୍ଡର ରିଲ୍ସ କରି ଏହାକୁ ସୋସିଆଲ୍ ମିଡିଆରେ ଭାଇରାଲ୍ ବି କରିଛନ୍ତି। ରିଲ୍ସରେ 'ଭାଇ ଆସିଗଲା' ବୋଲି ଉଲ୍ଲେଖ ହୋଇଛି । ଜେଲ୍ ଭିତରକୁ ଗ୍ୟାଙ୍ଗଷ୍ଟରଙ୍କ ଗାଡ଼ି ଛାଡ଼ିବାକୁ ଓ ରିଲ୍‌ସ ପାଇଁ ଜେଲ୍ କର୍ତ୍ତୃପକ୍ଷ କେମିତି ଅନୁମତି ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ୨୦୨୬ ଜାନୁଆରୀ ୧୮ରେ ବାରଙ୍ଗ ଥାନା ପୁଲିସ ବିଡ଼ାନାସୀର ଲିଟୁଆ ସମେତ ୧୦ ଜଣଙ୍କୁ ଗିରଫ କରି ଚୌଦ୍ୱାର ଜେଲ୍ ପଠାଇଥିଲା। ଲିଟୁଆ ସମେତ ରାକେଶ ବେହେରା, ଦିଲୀପ କୁମାର ସାସମଲ, ଓମ୍ ସାସମଲ, ଆୟୁଷ ମହାନ୍ତି, ତ୍ରିଶୂଳିଆର ସୁର ଓରଫ ସୁରେଶ ସିଂହ, ସନ୍ତୋଷ ସାସମଲ, ନିଆଳିର ପୁପୁନ ବେହେରା, ବ୍ରାହ୍ମଣଝରିଲୋର ସତ୍ୟବାନ ସାମଲ, ପାତ୍ରପଡ଼ା କଳିଙ୍ଗବିହାରର ସିଦ୍ଧାନ୍ତ ଓମ୍‌ପ୍ରକାଶ ଗିରଫ ହୋଇ ଜଣକ ପରେ ଜଣେ ଜାମିନରେ ଜେଲରୁ ଖଲାସ ହୋଇଥିଲେ। ଗତ ସପ୍ତାହରେ ଲିଟୁଆ ଜେଲ୍‌ରୁ ମୁକୁଳିଥିଲା। ସିଡିଏ ସେକ୍ଟର ୧୧ ବାଲିଘାଟ ମାଲିକଙ୍କୁ ଧମକାଇ ୨୦ ଲକ୍ଷ ଟଙ୍କା ଆଣିବା ପରେ ଏଥିରେ ଯେଉଁ 'ଥାର୍ ରକ୍ସ' ଲିଟୁଆ କିଣିଥିଲା, ଏହି ଗାଡ଼ିକୁ ବାରଙ୍ଗ ଥାନା ପୁଲିସ ଜବତ କରି ପରେ ଛାଡ଼ିଦେଇଥିଲା। ସେହି ଗାଡ଼ି ନେଇ ବଣ୍ଟିଆ ଓ ପେଚୁ ଚୌଦ୍ୱାର ଜେଲ୍‌ରେ ପଶି ଲିଟୁଆକୁ ଆଣିଥିଲେ। ଜେଲ୍‌ରୁ ଆସିବା ପରେ ଲିଟୁଆ ପୁଣି ତା' ଗ୍ୟାଙ୍ଗର ଦରବାର ବାଲିଯାତ୍ରା ଉପର ପଡ଼ିଆରେ ଆରମ୍ଭ କରିଛି। ସନ୍ଧ୍ୟା ୭ଟାରୁ




୧୦ଟା ଯାଏଁ ଲିଟୁଆ ଗ୍ୟାଙ୍ଗର ଆଡ଼ା ଜମୁଛି। ଦୁଇଟି ବଡ଼ ଗାଡ଼ି ଓ ବହୁ ସଂଖ୍ୟାରେ ବାଇକ୍ ଠୁଳ ହେଉଛି। ଗ୍ୟାଙ୍ଗରେ ଏବେ ୧୦ରୁ ୧୫ ଜଣ ସାମିଲ ହୋଇଛନ୍ତି। ଲିଟୁଆର ଖାସ୍ ସହଯୋଗୀ ଏବେ ବିଡ଼ାନାସୀର ବଣ୍ଟିଆ ଓ ଜଗତପୁରର ପେଚୁ। ବଣ୍ଟିଆ ଏବେ ବିଲ୍‌ଡର, ବାଲିଘାଟ ଲିଜ୍‌ଧାରୀ, ଜମି ବ୍ୟବସାୟୀଙ୍କୁ ଧମକ ଦେଇ ଟଙ୍କା ଆଦାୟ କରୁଥିବା କୁହାଯାଉଛି । ଏମାନେ କଲେଜ ଛାତ୍ରଙ୍କୁ ଗ୍ୟାଙ୍ଗରେ ସାମିଲ କରିବାକୁ ଉଦ୍ୟମ ଚଳାଇଛନ୍ତି।


ସମ୍ପାଦକୀୟ
ପୃଷ୍ଠା-୪
ଲକ୍ଷ ଲକ୍ଷ ଗୃହ ମଝିରେ ବିଶାଳକାୟ ବ୍ଲାକହୋଲ

ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com
Vol -10 • Issue-50 • 17-23th June 2026 • Bhubaneswar • ମୂଲ୍ୟ ଟ ୨.୦୦

ଜାତୀୟ ଓ ରାଜ୍ୟ ରାଜପଥରେ ୩ ବର୍ଷରେ ୧୬୦୧ ଲୋକ, ୨୪୨ ପଶୁଙ୍କ ଯାଇଛି ଜୀବନ

ବୟସ୍କଙ୍କ ନିଃସଙ୍ଗତାର ସାଥୀ ଏଆଇ କମ୍ପାନିଅନ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ରଥଯାତ୍ରା ପୂର୍ବରୁ ଆରମ୍ଭ ହେଲା ରଙ୍ଗକାମ : ଫିକା ଗୋଲାପୀରେ ଝଟକିବ ବଡଦାଣ୍ଡ

**ପୁରୀ, ୧୬/୦୬**
**ନ୍ୟୁଜ ବ୍ୟୁରୋ**

ବଡଦାଣ୍ଡର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଜାରୀ ରହିଛି। ରଥଯାତ୍ରା ପୂର୍ବରୁ ବଡଦାଣ୍ଡରେ ଥିବା ସମସ୍ତ କୋଠାଘରକୁ କରାଯାଉଛି ଗୋଟିଏ ପ୍ରକାର ରଙ୍ଗ । ଐତିହ୍ୟ ନଗରୀ ପୁରୀର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଛନ୍ତି ପର୍ଯ୍ୟଟକ। ଆଗାମୀ ରଥଯାତ୍ରାରେ ଶ୍ରଦ୍ଧାଳୁ ପୁରୀରୁ ଆଧ୍ୟାତ୍ମିକ ତଥା ସୁଖଦ ଅନୁଭୂତି ନେଇ ଯେପରି ଫେରିବେ ସେନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଘର, ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକୁ ଗୋଟିଏ ପ୍ରକାର ରଙ୍ଗ କରିବା କାର୍ଯ୍ୟ ଆରମ୍ଭ ହୋଇଛି।

ଅଠରନଳା ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଘର ଗୁଡିକୁ ମଧ୍ୟ ରଙ୍ଗ କରାଯିବ। ପୂର୍ବରୁ ବଡଦାଣ୍ଡରେ ଘର ଗୁଡିକୁ ଯେଉଁ ରଙ୍ଗ କରାଯାଇଥିଲା ସେହି ରଙ୍ଗ ପୁଣି ଥରେ କରାଯାଉଛି।



ପୂର୍ବରୁ ବଡଦାଣ୍ଡ ଉଭୟ ପାର୍ଶ୍ୱରେ ଥିବା କୋଠା ଗୁଡ଼ିକୁ ଫିକା ଗୋଲାପୀ ରଙ୍ଗ ଥିବା ବେଳେ ବର୍ତ୍ତମାନ ମଧ୍ୟ ସେହି ଫିକା ଗୋଲାପୀ ରଙ୍ଗ କରାଯାଉଛି। ଏହି କାର୍ଯ୍ୟ ପାଇଁ ପୁରୀ- କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ଚାରିଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

ପର୍ଯ୍ୟଟକ ଶୁଭ୍ରଜିତ୍ ପରିଡା କହିଛନ୍ତି, ''ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିଲି । ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା କୋଠା ଘର ଗୁଡିକୁ ଗୋଟିଏ ପ୍ରକାର ରଙ୍ଗ ଦିଆଯାଉଛି। ଯାହାକି ବହୁତ ସୁନ୍ଦର ଦୃଶ୍ୟମାନ ହେଉଛି। ରାଜସ୍ଥାନର ଜୟପୁର ସହର ଯେଭଳି ଦେଖାଯାଏ ସେହିଭଳି ପୁରୀ ବଡଦାଣ୍ଡରେ ଥିବା ସମସ୍ତ କୋଠା ଫିକା ଗୋଲାପୀ ରଙ୍ଗ କରାଯାଉଛି। ପର୍ଯ୍ୟଟକଙ୍କୁ ଏହା ସୁନ୍ଦର ଅନୁଭୂତି ପ୍ରଦାନ କରୁଛି। ସରକାରଙ୍କ ଏହି ଭଳି ଅଭିଯାନ ବେଶ ସ୍ୱାଗତଯୋଗ୍ୟ। ପୁରୀ ସହରର ସୌନ୍ଦର୍ଯ୍ୟକୁ ଆହୁରି ଏହା ଦ୍ୱିଗୁଣିତ କରିବ''।

ଶ୍ରୀମନ୍ଦିର ଠାରୁ ମରିଚିକୋଟ ଛକ, ମରିଚିକୋଟ ଛକରୁ ବଳଗଣ୍ଡି ଛକ, ବଳଗଣ୍ଡି ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ତିନୋଟି ଟିମ୍ ରଙ୍ଗ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ସେହିପରି ମେଡିକାଲ ଛକରୁ ଅଠରନଳା ଯାଏ ଗୋଟିଏ ଟିମ୍ ନିୟୋଜିତ ରହିଛି। ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ୨ କୋଟି ୩୫ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୫୦ ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇଛି। ଆଗାମୀ ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ପୁରୀ ବାସିନ୍ଦା ତଥା ବୁଦ୍ଧିଜୀବୀ ସିଦ୍ଧାର୍ଥ ରାୟ କୁହନ୍ତି, ''ବଡଦାଣ୍ଡର ସୌନ୍ଦର୍ଯ୍ୟକରଣ ପାଇଁ ସମସ୍ତ କୋଠା ଗୁଡ଼ିକୁ ଗୋଟିଏ ରଙ୍ଗ କରାଯିବା ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଏହା ଦ୍ୱାରା ଐତିହ୍ୟ ସହର ପୁରୀର ଏକ ନୂଆ ରୂପ ଦେଖିବାକୁ ମିଳିବ। ଗତ ୨୦୧୫ ମସିହାରେ ନବକଳେବର ପୂର୍ବରୁ ପ୍ରଥମ ଥର ପାଇଁ ବଡଦାଣ୍ଡରେ ଥିବା ସମସ୍ତ କୋଠା ଘରକୁ ହଳଦିଆ ରଙ୍ଗ କରଯାଇଥିଲା। ପରବର୍ତ୍ତୀ ସମୟରେ ବଡଦାଣ୍ଡର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ୨୦୨୩ ମସିହାରେ ଫିକା ଗୋଲାପୀ ରଙ୍ଗ କରାଯାଇଥିଲା। ନୂତନ ସରକାର ଆସିବା ପରେ ଚଳିତବର୍ଷ ପୁନର୍ବାର ବଡଦାଣ୍ଡ ଉଭୟ ପାର୍ଶ୍ୱର କୋଠାଗୁଡ଼ିକୁ ରଙ୍ଗ କରାଯାଉଛି''।

ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଐତିହ୍ୟ ସହର ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏକ ନୂଆ ଅନୁଭୂତି ଦେବା ପାଇଁ ସରକାର ବଡଦାଣ୍ଡରେ ଥିବା ସବୁ କୋଠାଘରର ରଙ୍ଗ ଗୋଟିଏ ପ୍ରକାର କରାଯାଉଛି। ଆଗାମୀ ରଥଯାତ୍ରା ପୂର୍ବରୁ ଏହି କାର୍ଯ୍ୟ ଶେଷ ହେବ। ପୁରୀ ସହରର ପ୍ରବେଶ ପଥ ଅଠରନଳାରୁ ମେଡିକାଲ ଛକ ପର୍ଯ୍ୟନ୍ତ ମଧ୍ୟ ଥିବା ସବୁ କୋଠାଘରର ରଙ୍ଗ ଗୋଟିଏ ପ୍ରକାର କରାଯାଉଛି। ପୂର୍ବରୁ ଯେଉଁ ରଙ୍ଗ ଫିକା ଗୋଲାପୀ ରଙ୍ଗ ଥିଲା ସେହି ରଙ୍ଗକୁ ପୁନର୍ବାର ଲଗାଯାଉଛି। ବଡଦାଣ୍ଡରେ ଘର ଥିବା ଲୋକଙ୍କୁ ଓ ବ୍ୟବସାୟ ପ୍ରତିଷ୍ଠାନ କରିଥିବା ବ୍ୟବସାୟୀଙ୍କୁ ମୋର ଅନୁରୋଧ ଘର ରଙ୍ଗକୁ ଗୋଟିଏ ୟୁନିଫର୍ମ କଲର୍ କରନ୍ତୁ''।